

ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
# THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-76 ◆TUESDAY ◆9 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୬ ◆ମଙ୍ଗଳବାର ◆୯ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନେପାଳରେ ଅଶାନ୍ତି; ସେନା ଗୁଳିରେ ୨୦ ମୃତ

### ଓଲି ସରକାର ବିରୋଧୀ ଆନ୍ଦୋଳନ ଉଗ୍ର; ସଂସଦରେ ପଶିଲେ ବିଦ୍ରୋହୀ

**ଇସ୍ତଫା ଦେଲେ ଗୃହମନ୍ତ୍ରୀ**

**ବିହାରର ୭ ଜିଲ୍ଲା ସୀମା ସିଲ୍**

■ **କାଠମାଣ୍ଡୁ, ୮।୯(ଏଜେନ୍ସି):** ନେପାଳରେ ଭୟଙ୍କର ଅଶାନ୍ତି ଦେଖାଦେଇଛି । ଓଲି ସରକାରଙ୍କ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସହିତ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ହଜାର ହଜାର ସଂଖ୍ୟାରେ ଯୁବ ଆନ୍ଦୋଳନକାରୀ ଆଜି ରାସ୍ତାକୁ ଓହ୍ଲାଇଛନ୍ତି । ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସଂସଦ ଆଡ଼କୁ ମାର୍ଚ୍ଚ କରିଛନ୍ତି । ସେମାନଙ୍କୁ ଅଟକାଇବା ଲାଗି ସରକାର ଜାରି କରିଥିବା ନିଷେଧାଜ୍ଞାକୁ ଖାତିର ନକରି ସେମାନେ ସଂସଦ ଭବନ ଆଡ଼କୁ ମାଡ଼ିଯାଇଛନ୍ତି । ଅନେକ ଆନ୍ଦୋଳନକାରୀ ସଂସଦରେ ପଶିଥିବାର ଖବର ମଧ୍ୟ ମିଳିଛି । ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଆହତ ହୋଇଥିବା ଖବର ମିଳିଛି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ଅଞ୍ଚଳରେ ସେନା ମୁତୟନ କରାଯାଇଛି । କର୍ଫ୍ୟୁ କଟକଣା ଜାରି କରାଯିବା ସହିତ ଗଣ୍ଡଗୋଳକାରୀଙ୍କୁ ଦେଖିବାମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଦେଶରେ ଅଶାନ୍ତି ପାଇଁ ନୈତିକତା ଦୃଷ୍ଟିରୁ ଓଲି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି ଗୃହ ମନ୍ତ୍ରୀ ରମେଶ ଲେଖାକ୍ ।


ମିଳିଥିବା ସୂଚନା ଅନୁଯାୟୀ ଦୁର୍ନୀତିକୁ ନେଇ ପ୍ରଧାନମନ୍ତ୍ରୀ କେପି ଓଲିଙ୍କ ସରକାର ବିରୋଧରେ ଦେଶବ୍ୟାପୀ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି । ସରକାର ଦୁର୍ନୀତି ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଥିବାରୁ ଏହାକୁ ହଟାଇବା ଲାଗି ବିରୋଧୀ ଦଳ ପକ୍ଷରୁ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି । ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଜରିଆରେ ସରକାର ବିରୋଧରେ ▶ପୃଷ୍ଠା-୭



# ଉପରାଷ୍ଟ୍ରପତି ନିର୍ବାଚନ ଆଜି



**ରାଧାକୃଷ୍ଣନ ବନାମ୍ ସୁଦର୍ଶନ**



■ **ନୂଆଦିଲ୍ଲୀ, ୮।୯(ଏଜେନ୍ସି):** କିଏ ହେବେ ଭାରତର ନୂଆ ଉପରାଷ୍ଟ୍ରପତି ? ଏନ୍‌ଡିଏର ସିପି ରାଧାକୃଷ୍ଣନ ନା ଇଣ୍ଡିଆ ବ୍ଲକ୍‌ର ବି ସୁଦର୍ଶନ ରେଡ୍ଡୀ? ଆସନ୍ତାକାଲି ହେବାକୁ ଯାଉଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଏହା ସ୍ପଷ୍ଟ ହୋଇଯିବ । ସଂସଦ ଭବନରେ ମଙ୍ଗଳ ସକାଳ ୧୦ଟାରୁ ମତଦାନ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିବ । ଏହାପରେ ଭୋଟଗଣତି ହେବ ଏବଂ ସନ୍ଧ୍ୟାରେ ହିଁ ଫଳାଫଳ ଘୋଷଣା ହୋଇଯିବ ।

ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେବ । ଏବେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ସଭ୍ୟସଂଖ୍ୟା ୭୮୧ ଥିବା ବେଳେ ଜିତିବା ପାଇଁ ଦରକାର ୩୯୧ଟି ଭୋଟ୍ । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ୪୨୨ ସଭ୍ୟଙ୍କ ସମର୍ଥନ ଥିବାରୁ ଏହାର ପ୍ରାର୍ଥୀ ରାଧାକୃଷ୍ଣନ ବିଜୟୀ ହେବାର ସମ୍ଭାବନା ଅଧିକ । ୱାଇଏସ୍‌ଆର୍‌ପିର ୧୧ ଜଣ ସାଂସଦ ମଧ୍ୟ ରାଧାକୃଷ୍ଣନଙ୍କୁ ସମର୍ଥନ ଘୋଷଣା କରିଥିବାରୁ ସମର୍ଥକଙ୍କ ସଂଖ୍ୟା ୪୩୩କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ସଭ୍ୟସଂଖ୍ୟା ୩୧୨ ରହିଥିବା ବେଳେ ଆପ୍‌ର ୧୨ ଜଣ ସାଂସଦ ସୁଦର୍ଶନ ରେଡୀ(୭୯)ଙ୍କୁ ସମର୍ଥନ ଘୋଷଣା କରିଛନ୍ତି । ତେଣୁ ବିରୋଧୀ ପ୍ରାର୍ଥୀଙ୍କ ସପକ୍ଷରେ ୩୨୪ ସଭ୍ୟଙ୍କ ସମର୍ଥନ ରହିଛି । ସୁତରାଂ, ସରକାରୀ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକ ଠାରୁ ୪୨ଟି ଅଧିକ ଭୋଟ୍ ଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କ ପାଖରେ ୫୭ଟି ଭୋଟ୍ କମ୍ ରହିଛି । ଏହି ନିର୍ବାଚନରେ ବିଜେଡି ଏବଂ ବିଆରଏସ୍ ମତଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି । ସଂସଦରେ ବିଜେଡିର ୭ ଜଣ ଏବଂ ବିଆର୍‌ଏସ୍‌ର ୪ ଜଣ ସଦସ୍ୟ ଅଛନ୍ତି । ଯଦି ସମସ୍ତ ବିରୋଧୀ ସାଂସଦ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଭୋଟ୍ ଦିଅନ୍ତି, ତାହାହେଲେ ପରାଜିତ ପ୍ରାର୍ଥୀ ହିସାବରେ ରେଡ୍ଡୀଙ୍କୁ ସର୍ବାଧିକ ଭୋଟ୍ ମିଳିବ । ଏହାପୂର୍ବରୁ ପରାଜିତ ପ୍ରାର୍ଥୀ ସୁଶୀଲ କୁମାର ସିନ୍ଦେଙ୍କୁ ସର୍ବାଧିକ ୩୦୫ ଭୋଟ୍ ମିଳିଥିଲା । ସେହିଭଳି ବିଜୟୀ ପ୍ରାର୍ଥୀ ହିସାବରେ ଧନଖଡ଼ ସର୍ବାଧିକ ୫୨୮ ଭୋଟ୍ ପାଇଥିବା ବେଳେ ଭେଙ୍କିୟା ନାଇଡୁ ୫୧୬ ଭୋଟ୍ ପାଇଥିଲେ । ଉଭୟ ସରକାରୀ ଓ ବିରୋଧୀ ଦଳ ନିର୍ବାଚନ ପୂର୍ବରୁ ମକଡ୍ରିଲ୍ କରିଛନ୍ତି । ଭୋଟ୍ ଯେମିତି ନାକଚ ନ ହୁଏ, ସେଥିଲାଗି ସାଂସଦମାନଙ୍କୁ ତାଲିମ୍ ଦେଇଛନ୍ତି । ୨୦୧୭ରେ ୧୧ଟି ଭୋଟ୍ ନାକଚ ହୋଇଥିବା ବେଳେ ୨୦୨୨ରେ ୧୫ ଏବଂ ୧୯୯୭ରେ ସର୍ବାଧିକ ୪୬ଟି ଭୋଟ୍ ନାକଚ ହୋଇଥିଲା ।

ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନ ପାଇଁ ଦଳମାନଙ୍କ ପକ୍ଷରୁ ହ୍ୱିପ୍ ଜାରି କରାଯିବାର ବ୍ୟବସ୍ଥା ନାହିଁ । ତେଣୁ ମତଦାନ ବେଳେ କ୍ରସଭୋଟିଂ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି । ଗତ ଜୁଲାଇ ୨୧ ତାରିଖରେ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ଦେବାପରେ ଏହି ନିର୍ବାଚନ ଜରୁରୀ ହୋଇପଡ଼ିଛି ।

**ଉପରାଷ୍ଟ୍ରପତି ନିର୍ବାଚନ** ନବୀନ ନେଲେ ବଡ଼ ନିଷ୍ପତ୍ତି

## ମତଦାନରୁ ବିରତ ରହିବ ବିଜେଡି



**ଏନ୍‌ଡିଏ-ଇଣ୍ଡିଆ ମେଣ୍ଟ ଠାରୁ ସମଦୂରତ୍ୱ ନୀତି ବଜାୟ**

**ରାଜ୍ୟସ୍ୱାର୍ଥ ଆଗ; ଆବଶ୍ୟକ ହେଲେ ପ୍ରସଙ୍ଗ ଭିତ୍ତିକ ସମର୍ଥନ**

■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ବିଜେଡି । ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏପରି ବଡ଼ ନିଷ୍ପତ୍ତି ନେଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଜେଡି ସଂସଦୀୟ ଦଳ, ପିଏସି ସଦସ୍ୟ ତଥା ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ନବୀନ ଏହି ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ମିଳିଛି । ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ଆଜି ନୂଆଦିଲ୍ଲୀରେ ଏନେଇ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ଉଭୟ ଏନ୍‌ଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟଠାରୁ ବିଜେଡି ସମଦୂରତ୍ୱ ରକ୍ଷା କରି ଆସିଛି । ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକସ୍ଥଳେ ବିଜେଡି ପ୍ରସଙ୍ଗଭିତ୍ତିକ ସମର୍ଥନ ମଧ୍ୟ ପ୍ରଦାନ କରିଛି । ତେଣୁ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରାଜ୍ୟସ୍ୱାର୍ଥକୁ ଆଗରେ ରଖି ନବୀନ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

ଡ. ପାତ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଏବଂ ସାଂସଦମାନଙ୍କ ସହ ବିଚାରବିମର୍ଶ କରିବା ପରେ ବିଜେଡି ଏହି ନିଷ୍ପତ୍ତି ନେଇଛି । ଆସନ୍ତାକାଲିର ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ସାଂସଦ (୭) ମତଦାନ କରିବେ ନାହିଁ । ବିଜେଡି ଉଭୟ ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟଠାରୁ ସମଦୂରତ୍ୱ ରଖିଆସିଛି । ଓଡ଼ିଶାର ବିକାଶ ଏବଂ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ବିକାଶ ସହ ସଂପୃକ୍ତ ରହି ସେମାନଙ୍କ ବିକାଶ ପାଇଁ ଚେଷ୍ଟିତ ▶ପୃଷ୍ଠା-୭

**ଟ୍ରମ୍ପ ଟାରିଫ୍ ମାଡ଼**

## ଜିଡିପି ୦.୫୦% କମିପାରେ

■ **ନୂଆଦିଲ୍ଲୀ, ୮।୯ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ପଠାଯାଉଥିବା ସାମଗ୍ରୀ ଉପରେ ୫୦% ଟାରିଫ୍ ଲାଗୁ କରିଛନ୍ତି । ତେବେ ଏହି ଟାରିଫ୍ ମାଡ଼ର ପ୍ରଭାବ ଭାରତ ଉପରେ ଜୋରଦାର ଅନୁଭୂତ ହେବ ବୋଲି ଏବେ ସରକାର ମାନିଲେଣି । ଖୋଦ୍ ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଓ) ଭି. ଅନନ୍ତ ନାଗେଶ୍ୱରନ୍ ଏହି କଥାକୁ ସ୍ୱୀକାର କରିଛନ୍ତି । ଶ୍ରୀ ନାଗେଶ୍ୱରନ୍‌ଙ୍କ କହିବାନୁଯାୟୀ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ବାଣିଜ୍ୟ ଶୁଳ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ୦.୫୦% ହ୍ରାସ ଘଟାଇବ । ତେବେ ଯଦି ଏହି ଟାରିଫ୍ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରୁହେ, ତେବେ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ଆହୁରି ଗମ୍ଭୀର ଭାବେ ▶ପୃଷ୍ଠା-୭

**ଆସୁଛି ଆଉ ଏକ ଲଘୁଚାପ**

## ୧୧ରୁ ବଢ଼ିବ ବର୍ଷା



■ **ଭୁବନେଶ୍ୱର, ୮।୯ (ସମିସ):** ଆସନ୍ତା ୧୧ ତାରିଖରୁ ରାଜ୍ୟରେ ପୁଣିଥରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ । ୧୩-୧୪ ତାରିଖ ବେଳକୁ କେନ୍ଦ୍ରୀୟ ତଥା ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ମାତ୍ରାଧିକ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ୧୧ ତାରିଖରେ ମାଲକାନଗିରି ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ଆଶଙ୍କା ରହିଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି ।

ବର୍ତ୍ତମାନ ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍ ସହିତ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାଜନିତ ସ୍ଥିତି ସୃଷ୍ଟି ହେଉଛି । ସୋମବାର ପାରଳାଖେମୁଣ୍ଡିରେ ସର୍ବାଧିକ ୫୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୧ମିମି ଓ ଚାନ୍ଦବାଲିରେ ୧୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି । ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୬୩ ମିମି ବର୍ଷା ରେକର୍ଡ ହୋଇଛି । ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ▶ପୃଷ୍ଠା-୭

## 'ଉତ୍କଳ' ହଷ୍ଟେଲ୍‌ରୁ ବିଦାହେଲେ ଅଣଛାତ୍ର

**ଖାଲି ହେଲା ଜବରଦଖଲ ହୋଇଥିବା ୧୬୦ରୁ ଅଧିକ ରୁମ୍**



**ମୁତୟନ ହୋଇଥିଲେ ୭ ପ୍ଲାଟୁନ ପୁଲିସ୍ ଫୋର୍ସ ଓ ୨୦ ଅଫିସର**

**ପୁଣି ହଷ୍ଟେଲ୍ ଫେରିଲେ ଅଣଛାତ୍ରଙ୍କୁ ବାନ୍ଧିବ ପୁଲିସ୍**

■ **ଭୁବନେଶ୍ୱର, ୮।୯ (ସମିସ):** ବାଣୀବିହାର ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶାସନ ଅଣ୍ଟା ଭିଡ଼ିଛି । କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଣଛାତ୍ରଙ୍କ ଦଖଲରେ ଥିବା ୧୬୦ରୁ ଅଧିକ ରୁମ୍‌କୁ ସୋମବାର ଖାଲି କରାଯାଇଛି । ପ୍ରଥମେ ସର୍ବାଧିକ ପ୍ରଭାବିତ ୩ ନମ୍ବର ବା ଫକୀରମୋହନ ଛାତ୍ରାବାସକୁ ଖାଲି କରାଯାଇଥିବା ବେଳେ ପର୍ଯ୍ୟାୟକ୍ରମେ ୨ନମ୍ବର, ୧ନମ୍ବର ଓ ୫ନମ୍ବର ହଷ୍ଟେଲରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି । ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରି ଜବରଦଖଲ ହୋଇଥିବା ସମସ୍ତ ରୁମ୍‌କୁ ଖାଲି କରିବାରେ କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି । ଆଗକୁ ଅଣଛାତ୍ରଙ୍କ କବ୍‌ଜାରୁ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏକାଧିକ ପଦକ୍ଷେପ ସହ ହଷ୍ଟେଲ୍‌ରେ ସଂସ୍କାର ଆଣିବାକୁ କୁଳପତି ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟ ଗୁରୁତ୍ୱାରୋପ କରିଛନ୍ତି ।

ଅଣଛାତ୍ରଙ୍କୁ ହଷ୍ଟେଲ୍ ଖାଲି କରିବାକୁ ଏକାଧିକଥର ନୋଟିସ୍ ଦେବା ପରେ ▶ପୃଷ୍ଠା-୭

## ପରଲୋକରେ ବିଧାୟକ ରାଜେନ୍ଦ୍ର ଢୋଲକିଆ



**ଆଜି ଚେନ୍ନାଇରୁ ଆସିବ ମରଶରୀର**

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

■ **ନୂଆପଡ଼ା, ୮।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଆଉ ନାହାନ୍ତି । ୬୯ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ସୋମବାର ପୂର୍ବାହ୍ନ ୧୦ଟାରେ ଚେନ୍ନାଇସ୍ଥିତ ଏକ ବେସରକାରୀ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ମଙ୍ଗଳବାର ତାଙ୍କ ପାର୍ଥିବଶରୀର ହେଲିକପ୍ଟର୍ ଯୋଗେ ନୂଆପଡ଼ାରେ ଆସି ପହଞ୍ଚିବ । ତାଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲା ସମେତ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ଶ୍ରୀ ଢୋଲକିଆ ୨ ବର୍ଷ ହେବ ହୃଦ୍ ଏବଂ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ । ତେବେ ଖରାପ ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ ସେ ସବୁପ୍ରକାର ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ସିଧାସଳଖ ସଂପୃକ୍ତ ରହୁଥିଲେ । ଗତ ୨ ମାସ ଧରି ଚେନ୍ନାଇର ଏମ୍‌ଜିଏମ ହସପିଟାଲରେ ସେ ଚିକିତ୍ସାଧୀନ ଥିଲେ । ▶ପୃଷ୍ଠା-୭

## କୃଷି ଅଧିକାରୀ, ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଦେଲେ ଚାଷୀ

**ସାର ବଣ୍ଟନ ବେଳେ ଉତ୍ତେଜନା**



■ **ସଇଁତଲା, ୮।୯(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ସାର ଅଭାବ ଦେଖାଦେଇଛି । ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକରେ ସାର ନ ପାଇ ଚାଷୀ ହଟହଟା ହେଉଛନ୍ତି । ଏ ପରିକି ସାର ପାଇଁ ଲମ୍ବା ଧାଡ଼ି ଲାଗିଥିଲେ ବି ଚାଷୀଙ୍କୁ ସାର ମିଳୁନାହିଁ । ଏଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ସୋମବାର ଘୁନସର ସମବାୟ ସମିତିରେ ସାର ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା । ସାର ପାଇବାରୁ ବଞ୍ଚିତ ହୋଇଥିବା ଚାଷୀ ସମବାୟ ସମିତି ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଭଳିକି ଉତ୍ତେଜିତ ହୋଇ ସେଠାରେ ଉପସ୍ଥିତ ଅତିରିକ୍ତ କୃଷୀ ଅଧିକାରୀ ଓ ସମବାୟ ▶ପୃଷ୍ଠା-୭

### ଗୋଲାମୁଣ୍ଡା-କେଗାଁ ମୁଖ୍ୟରାସ୍ତା ଅବରୋଧ



■ **ଗୋଲାମୁଣ୍ଡା, ୮।୯ (ସମିସ):** କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କୁ ୟୁରିଆ ସାର ମିଳୁନାହିଁ । ସାର ଅଭାବ ଯୋଗୁଁ ଚାଷୀମାନେ ସୋମବାର ସକାଳୁ ଚପ୍ରିଆ ସେବା ସମବାୟ ସମିତି ସମ୍ମୁଖ ଗୋଲାମୁଣ୍ଡା - କେଗାଁ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଏଥିରେ ହଜାର ହଜାର ▶ପୃଷ୍ଠା-୭

## କଶ୍ମୀରରେ ଏନ୍‌କାଉଣ୍ଟର, ୨ ଆତଙ୍କବାଦୀ ନିହତ

କୁଲଗାମ୍, ୮।୯(ଏଜେନ୍ସି): ଜମ୍ମୁ-କଶ୍ମୀରର କୁଲଗାମର ଗୁଦ୍ଦାର ଜଙ୍ଗଲରେ ସୋମବାର ସକାଳୁ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଛି। ଏହାକୁ ସେନା 'ଅପରେସନ ଗୁଦ୍ଦାର' ନାମ ଦେଇଛି। ଗୁଳି ବିନିମୟରେ ଲସ୍କର-ଇ- ତୋଇବାର ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଦୁଇଜଣ ଭାରତୀୟ ଜେସିଓ ଯବାନ ଆହତ ହୋଇଛନ୍ତି। ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇବା ପରେ ପୁଲିସ, ସେନାର ୯ଆର୍‌ଆର୍ ଓ ସିଆର୍‌ପିଏଫ୍ ମିଳିତ ଭାବେ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଗୁଳି ଚଳାଇବା ପରେ ସେନା ତରଫରୁ ଜବାବ ଦିଆଯାଇଥିଲା। ନିହତ ହୋଇଥିବା ଜଣେ ଆତଙ୍କବାଦୀର ପରିଚୟ ମିଳିଛି। ସେ ସୋପିୟାଁରେ ରହୁଥିବା ଅହମ୍ମଦ ଡାର ବୋଲି ପୁଲିସ କହିଛି। ସେ ଲସ୍କର-ଇ- ତୋଇବା ସହିତ ଜଡିତ ଥିଲା ଓ ୨୦୨୩ରୁ ସକ୍ରିୟ ଥିଲା। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ଏଜେନ୍ସି ତରଫରୁ ଜାରି କରାଯାଇଥିବା ୧୪ ଜଣିଆ ତାଲିକାରେ ଅହମ୍ମଦ ଡାର ନାମ ଥିଲା। ଏବେ ମଧ୍ୟ ଗୁଦ୍ଦାର ଜଙ୍ଗଲରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି। ଦୁଇପଟୁ ଗୁଳି ବିନିମୟ ଚାଲିଛି। ଅତିରିକ୍ତ ସୁରକ୍ଷାବଳ ସେଠାକୁ ପଠାଯାଇଛି। ସେପଟେ ଜମ୍ମୁର ଆରଏସ୍ ପୁରା ସେକ୍ଟର ନିକଟସ୍ଥ ଅନ୍ତର୍ଜାତୀୟ ସୀମାରେ ଜଣେ ପାକିସ୍ତାନ ଅନୁପ୍ରବେଶକାରୀକୁ ଗିରଫ କରାଯାଇଛି। ସେ ପଞ୍ଜାବର ସିରାଜ ଖାନ୍ ବୋଲି ଜଣାଯାଇଛି। ତାଙ୍କୁ ରବିବାର ଅଟ୍ରି ପୋଷ୍ଟ ନିକଟ୍‌ରେ ଗିରଫ କରାଯାଇଥିଲା ଓ ତା ପାଖରେ କିଛି ପାକିସ୍ତାନୀ ମୁଦ୍ରା ଜବତ କରାଯାଇଛି।

## ଜେରୁଜେଲମରେ ଆତଙ୍କବାଦୀ ଆକ୍ରମଣ; ୬ ମୃତ

ଜେଲ ଅଭିଭ୍, ୮।୯(ଏଜେନ୍ସି): ଉତ୍ତର ଜେରୁଜେଲମର ଏକ ବ୍ୟସ୍ତବହୁଳ ଛକରେ ସୋମବାର ଆତଙ୍କବାଦୀ ଆକ୍ରମଣ ହୋଇଛି। କେତେଜଣ ଆତଙ୍କବାଦୀ ରାମୋଟ ଜଙ୍କସନ୍‌ରେ ଏକ ବସ୍ ଓ କାର୍ ଉପରକୁ ପ୍ରବଳ ଗୁଳି ବର୍ଷଣ କରିଥିଲେ। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬ ଜଣଙ୍କ ସ୍ଥିତି ସଙ୍କଟାପନ୍ନ ରହିଛି। ବସ୍‌ରେ ଯିବାକୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଆତଙ୍କବାଦୀମାନେ ଗୁଳିବର୍ଷା କରିଥିଲେ ବୋଲି ପୁଲିସ କହିଛି। ଦୁଇଜଣ ଆତଙ୍କବାଦୀ ପୁଲିସ ଗୁଳିରେ ନିହତ ହୋଇଛନ୍ତି ବୋଲି କୁହାଯାଇଛି। ଶହେରୁ ଊର୍ଦ୍ଧ୍ୱ ଇସ୍ରାଏଲ ସୈନିକ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଏହି ଘଟଣାରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇସ୍ରାଏଲ ଏକାଧିକ ସ୍ଥାନରେ ଓ ଭିନ୍ନ ଭିନ୍ନ ଶତ୍ରୁଙ୍କ ବିରୋଧରେ ଯୁଦ୍ଧ ଲଢୁଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ସେ ନିନ୍ଦା କରିଛନ୍ତି।

## ଭାରତ-ବାଂଲା ସୀମାରୁ ୫ କୋଟିର ସୁନା ଜବତ

କୋଲକାତା, ୮।୯(ଏଜେନ୍ସି): ଭାରତ-ବାଂଲାଦେଶ ସୀମାବର୍ତ୍ତୀ ଜିଲ୍ଲା ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରୁ ୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏହି ସୁନା ବିସ୍କୁଟ୍‌ଗୁଡିକ ଜବତ କରିବା ସହ ଜଣେ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି ବୋଲି ସୋମବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ସୂଚନା ପାଇବା ପରେ ବିଏସ୍‌ଏଫ୍‌ର ସାଉଥ ବେଙ୍ଗଲ ଫ୍ରଣ୍ଟିୟର ଶନିବାର ସୁନ୍ଦର ବର୍ଡର ପୋଷ୍ଟ ନିକଟରେ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କଠାରୁ ୩୫ଟି ସୁନା ବିସ୍କୁଟ ଜବତ କରିଥିଲେ। ଅଭିଯୁକ୍ତଙ୍କ ଘର ଧନତାଲା ଥାନା ଅଞ୍ଚଳର ହରିତାଲାପରା ଗାଁରେ ବୋଲି ପୁଲିସ କହିଛି। ସେ ସୀମା ସେପଟରୁ ସୁନା ଚୋରା ଚାଲାଣ କରିଥାଏ ବୋଲି ପଚରା ଉଚରା ପରେ ପୁଲିସକୁ କହିଛି। ଆହୁରି ତଦନ୍ତ ହେଲେ ଆହୁରି କିଛି ତଥ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି। ଭାରତ- ବାଂଲା ସୀମାରେ ଗତ କିଛି ଦିନ ମଧ୍ୟରେ ତୃତୀୟଥର ପାଇଁ ଏଭଳି ସୁନା ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଇଛି।

## ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ହତ୍ୟା

ଝାନସୀ, ୮।୯(ଏଜେନ୍ସି): ଝାନସୀରେ ଦିନ ଦ୍ୱିପହରରେ ଏକ ଲୋମହର୍ଷକାରୀ ହତ୍ୟାକାଣ୍ଡ ଘଟିଛି। ସୋମବାର ଜଣେ ପତ୍ନୀଙ୍କ ସାମ୍ନାରେ ତାଙ୍କ ପତିଙ୍କୁ ନିର୍ମମ ଭାବେ ଗୁଳିକରି ହତ୍ୟା କାରାଯାଇଛି। ସିପରୀ ବଜାର ଥାନା ଅଞ୍ଚଳର ଭୋଜଲା ଗାଁରେ ଏହି ଘଟଣା ଘଟିଛି। ପୂର୍ବତନ ଗାଁ ମୁଖିଆ ଓ ତାଙ୍କ ପରିବାର ଲୋକେ ସାଥି ହୋଇ ୪ଟି ଗୁଳିମାରି ଅରବିନ୍ଦ ଯାଦବ ନାମକ ଏହି ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅରବିନ୍ଦଙ୍କୁ ବଞ୍ଚାଇବାକୁ ଆସିବାରୁ ସେମାନେ ତାଙ୍କ ପତ୍ନୀଙ୍କୁ ଚାପୁଡା ମାରିବା ସହ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ପୂର୍ବେ ଅରବିନ୍ଦଙ୍କ ସମେତ ଅନ୍ୟ କେତେଜଣ ଲୋକ ଏହି ପୂର୍ବତନ ଗାଁ ମୁଖିଆଙ୍କ ଦାଦାଙ୍କୁ ହତ୍ୟା କରିଥିଲେ।

## ଦୁଷ୍କର୍ମୀଙ୍କୁ ୨୫ ଲକ୍ଷ ଟଙ୍କା ଦେବେ ମଧ୍ୟପ୍ରଦେଶ ସରକାର

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ମଧ୍ୟପ୍ରଦେଶରେ ଦୁଷ୍କର୍ମ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ସୋହନ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ସରକାର ଏବେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବେ। ଅଭିଯୁକ୍ତଙ୍କୁ ଅଧିକ ୪ ବର୍ଷ ୭ ମାସ ଜେଲରେ ରଖିବା କାରଣରୁ ସୁପ୍ରିମକୋର୍ଟ ସରକାରଙ୍କୁ ଏହି ପରିମାଣ ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସାଗର ଜିଲ୍ଲାରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ସଜା ପୂରା ହେବା ସତ୍ତ୍ୱେ ମଧ୍ୟ ତାଙ୍କୁ ଜେଲରୁ ଖଲାସ କରାଯାଇ ନଥିଲା। ଜେଷ୍ଟିସ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ କେବି ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା ଏକ ଗମ୍ଭୀର ତ୍ରୁଟି ତଥା ପ୍ରଶାସନିକ ବିଫଳତା। ଏହା କଦାପି ସ୍ୱୀକାର ଯୋଗ୍ୟ ନୁହଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଟ୍ରାଏଲ କୋର୍ଟ ସୋହନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏହାପରେ ହାଇକୋର୍ଟ ଏହି ଦଣ୍ଡକୁ କମ୍ କରିଥିଲେ ଓ ତାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।

## ଏସି ବିସ୍ଫୋରଣ: ଶ୍ୱାସରୁଦ୍ଧ ହୋଇ ଝିଅ ସହ ଦମ୍ପତି ମୃତ



ଫରିଦାବାଦ୍, ୮।୯(ଏଜେନ୍ସି): ହରିୟାଣା ଫରିଦାବାଦର ଗ୍ରୀନ୍‌ଫିଲ୍ଡ କଲୋନୀରେ ସୋମବାର ଭୋର ୩ଟାରେ ବଡ ଅଘଟଣ ଘଟିଛି। ଏଠାକାର ଏକ ୪ ମହଲା କୋଠାର ପ୍ରଥମ ମହଲାରେ ଏୟାର କଣ୍ଡିସନ (ଏସି)ର କମ୍ପ୍ରେସର ଫାଟି ନିଆଁ ଲାଗିଯାଇଛି। ଏହାର ଧୂଆଁ ଦ୍ୱିତୀୟ ମହଲାରେ ପଶିଥିଲା। ଫଳରେ ସେଠାରେ ରହୁଥିବା ଜଣେ ଦମ୍ପତି ଓ ତାଙ୍କ ଝିଅ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ଅନ୍ୟ ପ୍ରକୋଷ୍ଠରେ ଶୋଇଥିବା ପୁଅ ଝରକାରୁ ଡେଇଁ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ରହିଛି। ସଚିନ, ପତ୍ନୀ ରିଙ୍କୁ କପୁର ଓ ଝିଅ ସୁଜାନ ଜୀବନ ବଞ୍ଚାଇବାକୁ ଛାତ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗେଟ୍ ବନ୍ଦ ଥିବାରୁ ସେମାନେ ଛାତ ଉପରକୁ ଯାଇ ପାରିନଥିଲେ। ସଚିନ ଷ୍ଟକ୍ ଟ୍ରେଣ୍ଡିଂରେ କାମ କରୁଥିଲେ।

ନିଆଁ ଲାଗିବା ପରେ ପଡୋଶୀ ଦମକଳକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚିବା ପୂର୍ବରୁ ୩ ଜଣ ପ୍ରାଣ ହରାଇ ସାରିଥିଲେ। ହସ୍ପିଟାଲରେ ଡାକ୍ତର ଏହି ୩ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ବଡ଼ ବିସ୍ଫୋରଣ ଶବ୍ଦ ଶୁଣିବା ପରେ ଆମେ ଉଠିପଡ଼ିଥିଲୁ ବୋଲି ପଡୋଶୀମାନେ କହିଛନ୍ତି। ଗତ ୫ ବର୍ଷ ହେବ ଏହି ପରିବାର ଉକ୍ତ କୋଠାରେ ରହୁଥିଲେ। ସଚିନ କିଛିଦିନ ତଳେ ଏସି ଠିକ୍ କରିଥିଲେ ବୋଲି ଜଣେ ପଡୋଶୀ କହିଛନ୍ତି।

## ରାଜନୈତିକ ଲଢେଇ ପାଇଁ କୋର୍ଟକୁ ବ୍ୟବହାର କରନି

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ତେଲଙ୍ଗାନା ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ଏହା ସହିତ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି। ରାଜନୈତିକ ଲଢେଇ ପାଇଁ ସୁପ୍ରିମକୋର୍ଟଙ୍କୁ ବ୍ୟବହାର ନ କରିବା ଉଚିତ ବୋଲି କହିଛନ୍ତି। ସମାଲୋଚନାକୁ ସହିବା ପାଇଁ ନେତା ମୋଟା ଚମଡାର ହେବା ଉଚିତ। ନେତାଙ୍କ ପାଖରେ ସମାଲୋଚନା ସହିବାର ଦକ୍ଷତା ରହିବା ଜରୁରୀ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ବିନୋଦ ଚନ୍ଦ୍ରନ, ଅଥୁଲ ଏସ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ ଦାଏର ବିଜେପି ନେତାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ରେଭନ୍ତ କହିଥିଲେ ଯେ ଯଦି ବିଜେପି ୪୦୦ ଆସନ ଜିତେ ତେବେ ସଂରକ୍ଷଣ ସମାପ୍ତ କରିଦେବ। ଏହାକୁ ନେଇ ତେଲଙ୍ଗାନା ବିଜେପି ସାଧାରଣ ସମ୍ପାଦକ ଭେଙ୍କଟେଶ୍ୱରଲୁ ଦାବି କରିଥିଲେ ଯେ ଏହା ଦ୍ୱାରା ଦଳର ଛବି ଖରାପ ହୋଇଛି। ତେଣୁ ସେ ରେଡ୍ଡୀଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ। ତେବେ ପୂର୍ବରୁ ତେଲଙ୍ଗାନା ହାଇକୋର୍ଟ ଏହି ମାମଲାକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ସୁପ୍ରିମକୋର୍ଟ ମଧ୍ୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

### ବିହାର ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# ଭୋଟର ତାଲିକା ପାଇଁ ଆଧାର ବୈଧ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର)କୁ ନେଇ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆଧାର କାର୍ଡକୁ କାହିଁକି ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରୁନାହଁ ବୋଲି ଇସିଙ୍କୁ ପଚାରିଛନ୍ତି। ଏହାକୁ ଜରୁରୀ ପ୍ରମାଣପତ୍ର ଭାବେ ସ୍ୱୀକାର କର ବୋଲି କହିଛନ୍ତି। ଭୋଟର ଯାଞ୍ଚ ପ୍ରକ୍ରିୟାରେ ନୂଆ ନାମ ଯୋଡ଼ିବା କିମ୍ବା ବାଦ୍ ଦେବା ପାଇଁ ଅନ୍ୟ ୧୧ ପ୍ରମାଣପତ୍ର ଭଳି ଆଧାରକୁ ବୈଧ ତାଲିକାରେ ସାମିଲ କରିବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଇସିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଧାର ପରିଚୟ ରପ୍ରମାଣପତ୍ର, କିନ୍ତୁ ନାଗରିକତାର ନୁହେଁ। ଆଧାର କାର୍ଡକୁ ନେଇ ଯଦି ଇସିଙ୍କ କିଛି ଆଶଙ୍କା ରହିଛି ତେବେ ତାହାର ଯାଞ୍ଚ କରାନ୍ତୁ। ଭୋଟର ତାଲିକାରେ ବେଆଇନ ପ୍ରବାସୀ ସାମିଲ ହୁଅନ୍ତୁ ବୋଲି କେହି ଚାହୁଁ ନାହାନ୍ତି। କେବଳ ପ୍ରକୃତ ନାଗରିକଙ୍କୁ ହିଁ ଭୋଟ ଦେବାର ଅଧିକାର ମିଳିବ। ଯେଉଁ ଲୋକ ଜାଲ୍ ପ୍ରମାଣପତ୍ର ଆଧାରରେ ଭୋଟର ଥିବା ଦାବି କରୁଛନ୍ତି, ତାଙ୍କୁ ତାଲିକାରୁ ବାଦ୍ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

ଶୁଣାଣି ସମୟରେ ଇସିଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାକେଶ ଦ୍ୱିବେଦୀ କରିଥିବା ଦାବିକୁ ଏଡାଇ ଦେଇଥିଲେ।

**ଆଧାର ପରିଚୟର ପ୍ରମାଣପତ୍ର; ନାଗରିକତାର ନୁହେଁ**

**ଆଧାରର ସଠିକତା ଯାଞ୍ଚ କରିପାରିବେ କମିସନ୍**

ସେ କହିଥିଲେ ଯେ ଏବେ ସୁଦ୍ଧା ୯୯.୬ ପ୍ରତିଶତ ଭୋଟର ନିଜର ପ୍ରମାଣପତ୍ର ଦାଖଲ କରିସାରିଛନ୍ତି। ଏଭଳି ସ୍ଥିତିରେ ଆଧାରକୁ ବୈଧ ପ୍ରମାଣ ଭାବେ ସାମିଲ କରିବାର କୌଣସି କାରଣ ନାହିଁ ବୋଲି କହିଥିଲେ। ସେହିପରି ଜାଲ୍ ଆଧାର ପ୍ରସଙ୍ଗ ଉଲ୍ଲେଖ କରିବାରୁ ଏହାର ଯାଞ୍ଚ କରି ପ୍ରକୃତ ନାଗରିକଙ୍କୁ ତାଲିକାର ସାମିଲ କରାଯାଉ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ସହିତ ଆଧାର କାର୍ଡକୁ ନିର୍ବାଚନ ଅଧିକାରୀ ଗ୍ରହଣ କରୁ ନ ଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଜବାବ ମାଗିଛନ୍ତି। ବିହାର ନିର୍ବାଚନର କିଛି ମାସ ପୂର୍ବରୁ ଚାଲିଥିବା ଏହି ଏସଆଇଆର ପ୍ରକ୍ରିୟାକୁ ବିରୋଧୀ ଦଳଗୁଡିକ ବିରୋଧ କରୁଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଇସି ଆଧାରକୁ ସ୍ୱୀକାର କରୁନାହାନ୍ତି। ଏବେ ବି ୬୫ ଲକ୍ଷ ଲୋକଙ୍କ ଆଧାରକୁ ସ୍ୱୀକାର କରାଯାଉନି। ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବା ପାଇଁ ବିଏଲଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଧାର ସ୍ୱୀକାର କରୁଥିବା ଅଧିକାରୀଙ୍କୁ ଦଣ୍ଡ ଦିଆଯାଉଛି। କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଉଛି। ଏହା ଉପରେ କୋର୍ଟ ନୋଟିସ ଉପସ୍ଥାପନ କରିବାକୁ କହିଥିଲେ। ତେବେ ଏଭଳି ରିପୋର୍ଟ ଆମ ପାଖରେ ନାହିଁ ବୋଲି ଇସିଙ୍କ ଓକିଲ ଦର୍ଶାଇ ଥିଲେ। ଆସନ୍ତା ୧୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



### ଉତ୍ତରାଖଣ୍ଡରେ ପୁଣି ଭୂସ୍ଖଳନ

## ହରିଦ୍ୱାର- ଋଷିକେଶ ରେଳପଥ କ୍ଷତିଗ୍ରସ୍ତ



ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷାର ପ୍ରଭାବ କମିନାହିଁ। ହରିଦ୍ୱାର-ଋଷିକେଶ ରେଲ ରୁଟ୍ ଉପରେ ସୋମବାର ସକାଳେ ଭୂସ୍ଖଳନ ହୋଇଛି। ପାହାଡ଼ ଉପରୁ ବଡ଼ବଡ଼ ପଥର ଖଣ୍ଡ ଖସି ଆସି ରେଳପଥରେ ଥିବା ଲୁହାର ଢ଼ାଞ୍ଚା ଉପରେ ପଡ଼ିଥିଲା। ଫଳରେ ଏହି ରୁଟ୍‌ରେ ରେଳ ଯାତାୟତ ବାଧାପ୍ରାପ୍ତ ହୋଇଛି। କେତୋଟି ଟ୍ରେନ୍ ରୁଟ୍‌ରେ ଅଟକି ରହିଛି। ରୁଟ୍ ଉପରେ ପଡ଼ିଥିବା ଅବାର୍ଜନାକୁ ଟ୍ରକ୍ ମାଧ୍ୟମରେ ଉଠାଯାଉଛି।

ସେପଟେ ରାଜସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଫଳରେ କେତେକ ଅଞ୍ଚଳରେ ବନ୍ୟା ଆସିଛି। ନଦୀ ଓ ନାଳଗୁଡିକରେ ପାଣି ଉଛୁଳିଛି। ଫଳରେ ରାଜସ୍ଥାନର ୮ ଟି ଜିଲ୍ଲା ଯଥା ଉଦୟପୁର, ସଲୁମ୍ବର, ଜାଲୋର, ଡୁଙ୍ଗରପୁର, ସିରୋହି, ବାରମେର, ଜଏସାଲମାର ଓ ବାଲୋତ୍ରାରେ ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି। ଉଦୟପୁରରେ ଜାତୀୟ ରାଜପଥରେ ଭୂସ୍ଖଳନ ହୋଇଛି। ସେହିପରି ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଥିବା ପଞ୍ଜାବରେ ୨୩ଟି ଜିଲ୍ଲାରେ ୨ ହଜାର ଗାଁ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି। ଏହି ରାଜ୍ୟର ୩ ଲକ୍ଷ ୮୪ ହଜାର ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ୧୨ଟି ଜଲ୍ଲାରେ ଏପର୍ଯ୍ୟନ୍ତ ୪୬ ଲୋକ ବର୍ଷା ଓ ବନ୍ୟା କାରଣରୁ ମୃତ୍ୟୁବରଣ କରିଛନ୍ତି। ପଞ୍ଜାବରେ ୨୯୬.୪ ମିମି ବର୍ଷା ହୋଇଛି। ଦୀର୍ଘ ୧୨ ଦିନ ପରେ ସୋମବାର ଏହି ରାଜ୍ୟରେ ସ୍କୁଲ କଲେଜ ଖୋଲିଛି।

**ପଞ୍ଜାବରେ ୧୨ ଦିନ ପରେ ଖୋଲିଲା ସ୍କୁଲ, କଲେଜ**

**ହିମାଚଳରେ ୮୨୪ ସଡ଼କ ବନ୍ଦ**

**ତାଜମହଲ ପର୍ଯ୍ୟନ୍ତ ମାଡ଼ିଆସିଲା ଯମୁନା ପାଣି**

ସେହିପରି ଉତ୍ତର ପ୍ରଦେଶରେ ହାଥିନୀ କୁଣ୍ଡ ବ୍ୟାରେଜ୍‌ରେ ପାଣି ଛଡ଼ା ଯିବା ଫଳରେ ମଥୁରା ବୃନ୍ଦାବନରେ ସ୍ଥିତି ବିଗିଡିଯାଇଛି। ରାଧାବଲ୍ଲଭ ମନ୍ଦିରରେ ପାଣି ପଶିଛି। ବାଙ୍କେ ବିହାରୀ ମନ୍ଦିରର ୧୦୦ମି ଦୂରରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜ୍ୟରେ ଏପର୍ଯ୍ୟନ୍ତ ୬୪୪.୯ ମିମି ବର୍ଷା ହୋଇଛି। ତେବେ ଏଠାରେ ହାରାହାରି ବର୍ଷା ୬୪୧. ୪ ମମି ହୋଇଥାଏ। ଅନ୍ୟପଟେ ବର୍ଷା ଓ ଭୂସ୍ଖଳନ କାରଣରୁ ହିମାଚଳ ପ୍ରଦେଶରେ ୨ଟି ଜାତୀୟ ରାଜପଥ ସମେତ ୮୨୪ ସଡକ ବନ୍ଦ ରଖାଯାଇଛି। ଏଥିମଧ୍ୟରୁ ଅଧିକାଂଶ ସଡକ ଗତ ୧୦ ଦିନ ହେବ ବନ୍ଦ ରହିଛି। ରାଜ୍ୟରେ ଏଥର ମୌସୁମୀରେ ସାମାନ୍ୟଠାରୁ ୪୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ଜୁନ୍ ୧ରୁ ସେପ୍ଟେମ୍ବର ୭ ମଧ୍ୟରେ ୬୫୨.୧ ମିମି ସାମାନ୍ୟ ବର୍ଷା ହୋଇଥାଏ। କିନ୍ତୁ ଏଥର ୯୪୮.୫ ମିମି ବର୍ଷା ହୋଇଛି। ଗୁଜରାଟରେ ସାବରମତୀ ନଦୀରେ ବନ୍ୟା ଆସିବା କାରଣରୁ ଖେଡା- ଧୋଲକା ରାଜପଥ ବୁଡିଯାଇଛି। ଉତ୍ତରପ୍ରଦେଶର କାନପୁରରେ ପ୍ରବଳ ବର୍ଷା ହେବା କାରଣରୁ ସଡକ ଉପରେ ପାଣି ବହୁଛି। ଜମ୍ମୁ-କଶ୍ମୀର ଅନନ୍ତନାଗରେ କେନ୍ଦ୍ରୀୟ ଦଳ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ପଞ୍ଜାବର ଫଜିଲ୍କାରେ ଏନ୍‌ଡିଆରଏଫ୍‌ରେ ଉଦ୍ଧାରକାରୀ ଦଳ ୨୦୦୦ ଲୋକଙ୍କୁ ଉଦ୍ଧାର କରିଛି। ବିହାରରେ ଆଗାମୀ ୭ଦିନ ବର୍ଷା ହେବାର ସମ୍ଭାବନା ରହିଛି। ଦିଲ୍ଲୀରେ ଯମୁନାର ଜଳସ୍ତର ଖସିଛି। ଛତିଶଗଡ଼ର ୧୭ରେ ଜିଲ୍ଲରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟାରେ ୭୩ ପ୍ରତିଶତ ବର୍ଷା କମ୍ ହୋଇଛି।

## ୧୯୬୫ ଯୁଦ୍ଧରେ ପାକିସ୍ତାନର ରଣନୈତିକ ପରାଜୟ ହୋଇଥିଲା

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ୧୯୬୫ ଯୁଦ୍ଧରେ ଭାରତକୁ ପାକିସ୍ତାନକଡ଼ା ଜବାବ ଦେଇଥିଲା ବୋଲି ମନ୍ତବ୍ୟ ଦେବା ପରେ ସାମାଜିକ ଗଣମାଧ୍ୟମ ଏକ୍ସ ତଥା ଟୁଇଟର ଏହାକୁ ଖଣ୍ଡନ କରିଛି। ଶାହାବାଜଙ୍କୁ ଜବାବ ଦେଇ ଏକ୍ସ ତା'ର କମ୍ୟୁନିଟି ପୋଷ୍ଟରେ ଉଲ୍ଲେଖ କରିଛି ଯେ, ୧୯୬୫ରେ ହୋଇଥିବା ଯୁଦ୍ଧରେ ପାକିସ୍ତାନ ଭାରତଠାରୁ ରଣନୈତିକ ଓ ରାଜନୈତିକ ଭାବେ ପରାସ୍ତ ହୋଇଥିଲା। କଶ୍ମୀରରେ ବିଦ୍ରୋହକୁ ଉସ୍‌କାଇବାକୁ ପାକିସ୍ତାନ ରଣନୈତିକ ପ୍ରୟାସ କରିଥିଲା। କିନ୍ତୁ ଭରାତ ଏହାର କଡ଼ା ଜବାବ ଦେଇଥିଲା ଓ ଶେଷରେ ପାକସ୍ତାନକୁ ତା'ର ରଣନୀତି ବଦଳାଇବାକୁ ପଡ଼ିଥିଲା। ପାକିସ୍ତାନ ଶାନ୍ତି ଚାହୁଁଥିବା ବେଳେ ଭାରତ ଆମକୁ ଉସୁକାଉଛି ବୋଲି ଶାହାବାଜ କହିଥିଲେ। ୧୯୬୫ ଯୁଦ୍ଧକୁ ଦ୍ୱିତୀୟ କଶ୍ମୀର ଯୁଦ୍ଧ ବୋଲି କୁହାଯାଇଥାଏ। ଏହା କଶ୍ମୀର ବିବାଦୀୟ ଅଞ୍ଚଳକୁ ନେଇ ସଞ୍ଚାଳନ ହୋଇଥିଲା। ଏହି ଯୁଦ୍ଧ ଅଗଷ୍ଟ ୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ଚାଲିଥିଲା।

### ଗୃହପାଳିତ ପଶୁଙ୍କ ଚୋରାଚାଲାଣ ବଢୁଛି

## ମୁମ୍ବାଇ ବିମାନବନ୍ଦର ଦେଇ ସର୍ବାଧିକ ଚାଲାଣ

ମୁମ୍ବାଇ, ୮।୯ (ଏଜେନ୍ସି): ଭାରତରେ ବିଦେଶୀ ଗୃହପାଳିତ ପଶୁଙ୍କ ଚାହିଦା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହା ମଧ୍ୟରେ ବିଦେଶୀ ପ୍ରଜାତିର କୁକୁର ଏବଂ ଅନ୍ୟ ପଶୁ ସାମିଲ ଅଛନ୍ତି। ଏହି ଚାହିଦା ଯୋଗୁଁ ଚୋରା ଚାଲାଣ ହୁ ହୁ ହୋଇ ବଢ଼ି ଚାଲିଛି। ଏହା ସହିତ ସଂକ୍ରମଣ ବିପଦ ମଧ୍ୟ ବୃଦ୍ଧି ପାଉଛି। ଗତ ୫ ବର୍ଷରେ ଜୀବିତ ପଶୁପକ୍ଷୀଙ୍କ ଆମଦାନୀ ଚାରି ଗୁଣ ବୃଦ୍ଧି ପାଇ ୪୫ ହଜାରରୁ ଅଧିକ ହୋଇଛି। ଏହା ସତ୍ତ୍ୱେ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ହେନି ଏବଂ ଯାଞ୍ଚ କରାଯାଉ ନାହିଁ। ସରକାର ମଧ୍ୟ ଏଥିପାଇଁ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରୁନାହାନ୍ତି। ଗତ ଜୁଲାଇରେ ଜଣେ ପଶୁ ଅଧିକାର କର୍ମୀ ମୁମ୍ବାଇ ବିମାନବନ୍ଦରକୁ ଏହି ଚୋଚାଚାଲାଣର କେନ୍ଦ୍ର ଭାବେ ଅଭିହତ କରିଥିଲେ। ଏ ନେଇ ମହାରାଷ୍ଟ୍ର ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଥିଲେ। ଏହା ପରେ ଅଗଷ୍ଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା। ଏବେ ବିମାନରେ କୌଣସି ଅଘୋଷିତ ଜୀବିତ ପଶୁ ମିଳିଲେ ତାହାକୁ ତୁରନ୍ତ ଆସିଥିବା ଦେଶକୁ ପଠାଇ ଦିଆଯିବ। ଏୟାରଲାଇନ ହିଁ ଏହାର ଦାୟିତ୍ୱ ନେବ। ଏହା ସହିତ କର୍ମଚାରୀଙ୍କୁ ଚିହ୍ନଟ ଏବଂ କାଗଜପତ୍ର ଯାଞ୍ଚର ପ୍ରଶିକ୍ଷଣ ଦେବା ମଧ୍ୟ ବାଧ୍ୟତାମୂଳକ କରିଦିଆଯାଇଛି। ସୂଚନା ଅନୁଯାୟୀ ୨୦୨୦-୨୧ରେ ୩,୧୯୮, ୨୦୨୧-୨୨ରେ ୪, ୩୩୬, ୨୦୨୨-୨୩ରେ ୪, ୭୨୫, ୨୦୨୩-୨୪ରେ ୭, ୭୩୩, ୨୦୨୪-୨୫ରେ ୧୫, ୭୯୪ ଏବଂ ୨୦୨୫ରେ ୯, ୩୧୦ ପଶୁପକ୍ଷୀ ଆମଦାନୀ ହୋଇଛି। ବିଦେଶୀରୁ ଆସୁଥିବା ପଶୁଙ୍କ ମଧ୍ୟରେ କୁକୁର, ବିଲେଇ, ମକାଓ ଏବଂ ଆଫ୍ରିକା ଶୁଆ, ବିରଳ ପ୍ରଜାତିର ପକ୍ଷୀ, ଏଣ୍ଡୁ, ସାପ ଏବଂ ରଙ୍ଗବେରଙ୍ଗର ମାଛ ଭାରତ ଅଣାଯାଉଛି।

## ଜମ୍ମୁ-କଶ୍ମୀର ଆପ୍ ବିଧାୟକ ଗିରଫ

ଜମ୍ମୁ, ୮।୯ (ଏଜେନ୍ସି):ଜମ୍ମୁ-କଶ୍ମୀରରେ ଆମ ଆଦମୀ ପାର୍ଟି (ଆପ୍)ର ଏକମାତ୍ର ବିଧାୟକ ମେହରାଜ ମଲିକ (୩୭)ଙ୍କୁ ସୋମବାର ଗିରଫ କରାଯାଇଛି। ଡୋଡା ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ପ୍ରଭାବିତ କରିଥିବା ଅଭିଯୋଗରେ ଜନ ସୁରକ୍ଷା ଆଇନ (ପିଏସଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଥମ ଥର ପାଇଁ ଜଣେ କାର୍ଯ୍ୟରତ ବିଧାୟକଙ୍କୁ ପିଏସଏ ଅଧିନରେ ଗିରଫ କରାଯାଇଛି। ବିନା ଦଫା କିମ୍ବା ଟ୍ରାଏଲ ଜଣେ ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ଏହି ଆଇନ ଅନୁମତି ଦେଉଛି। ସୂଚନା ଅନୁଯାୟୀ ଦିନକ ତଳେ ଡୋଡା ଡିସିଙ୍କ ବିରୋଧରେ ମଲିକ ଆପତ୍ତିଜନକ ଟିପ୍ପଣୀ ଦେଇ ଅଭଦ୍ର ଭାଷାରେ ଗାଳି କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଜଣେ ବ୍ୟକ୍ତି ଭଡ଼ା ବାବଦ ଅର୍ଥ ଦେଇ ନ ଥିବା ଅଭିଯୋଗ କରି ସେ ଏପରି କରିଥିଲେ। ମାତ୍ର ଏହାକୁ ବିରୋଧ କରି ସରକାରୀ କର୍ମଚାରୀମାନେ ବିକ୍ଷୋଭ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଓକିଲଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ମାନହାନୀ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଓକିଲ ଥିବା ଫିରୋଜ ପଠାନ ଆତ୍ମହତ୍ୟା କରିଛନ୍ତି। ସେ କିଛି ଦିନ ହେଲା ଅବସାଦ ଗ୍ରସ୍ତ ଥିଲେ। ସେ ଗତ ଚାରି ତାରିଖରେ ପ୍ରଥମେ ନିଜ ଜୁନିଅରଙ୍କୁ ଫୋନ୍ କରିଥିଲେ ଏବଂ ପରେ ତାପି ନଦୀକୁ ଡେଇଁ ଜୀବନ ହରାଇ ଥିଲେ। ମାରୋଲି ଥାନା ଇନ୍ସପେକ୍ଟର ଧର୍ମେଶ ପଟେଲ ଏହି ସୂଚନା ଦେଇଛନ୍ତି। ସେ ଗୁଜୁରାଟ ନବସାରି ଜିଲ୍ଲାର ମାରୋଲି ଥାନା ଅଞ୍ଚଳରେ ରହୁଥିଲେ। ବିଜେପି ବିଧାୟକ ପୂର୍ଣ୍ଣେଶ ମୋଦୀଙ୍କ ଅଭିଯୋଗ ପରେ ଗାନ୍ଧୀଙ୍କ ବିରୋଧରେ ରୁଜୁ ହୋଇଥିବା ମାନହାନୀ ମାମଲାରେ ରାହୁଲଙ୍କ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ଆଇନଗତ ଦଳର ସେ ସଦସ୍ୟ ଥିଲେ। ସୂତ୍ର ଅନୁଯାୟୀ ଘଟଣାସ୍ଥଳରୁ ପଠାନଙ୍କ କୌଣସି ସୁଇସାଇଡ ନୋଟ ମିଳିନାହିଁ।

## ଭାରତ ଗଠନ କରିବ 'ସ୍ପେସିଆଲ ଫୋର୍ସ'

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଆମେରିକା, ରୁଷ୍ ଏବଂ ଇସ୍ରାଏଲ ଭଳି ଭାରତୀୟ ସେନା 'ସ୍ପେସିଆଲ ଫୋର୍ସ' ଗଠନ କରିବାକୁ ଯାଉଛି। ଏଥିପାଇଁ ଏଲିଟ କମାଣ୍ଡୋ ଫୋର୍ସର ଯୁଗ୍ମ ଯୁଦ୍ଧ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଏହା ସେନାର ସ୍ପେସିଆଲ ଫୋର୍ସ, ବାୟୁସେନାର ଗରୁଡ କମାଣ୍ଡୋ ଫୋର୍ସ ଏବଂ ନୌସେନାର ମାର୍କୋସ କମାଣ୍ଡୋଙ୍କ ପାଇଁ ପ୍ରସ୍ତୁତ ହୋଇଛି। 'ଅପରେସନ ସିନ୍ଦୂର' ପରେ ତିନି ସେନାର ଏଲିଟ ଫୋର୍ସ ଗଠନ ନେଇ ଆଭିମୁଖ୍ୟ ସ୍ପଷ୍ଟ କରାଯାଇଥିଲା। ଏହି ଯୁଦ୍ଧ ସିଦ୍ଧାନ୍ତରେ ଶତ୍ରୁ ଦେଶ ପଠାଇଥିବା ଆତଙ୍କବାଦୀ, ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନର ମୁକାବିଲା, ଯୁଦ୍ଧ ସ୍ଥିତିରେ କମାଣ୍ଡୋ କି ପଦକ୍ଷେପ ନେବ, ଏହାର ଭୂମିକା କ'ଣ ରହିବ ତାହା ସ୍ପଷ୍ଟ କରାଯାଇଛି। ଶତ୍ରୁ ଦେଶରେ ପଶି ଲକ୍ଷ୍ୟ ହାସଲ କ୍ଷମତା ବିକଶିତ କରିବା ଏହି ସ୍ପେସିଆଲ କମାଣ୍ଡୋର ଉଦ୍ଦେଶ୍ୟ। ଏହା ସହିତ ଶତ୍ରୁର ଗୁରୁତ୍ୱପୂର୍ଣ୍ଣ ଠିକଣାରେ ଆକ୍ରମଣ କରି ଅର୍ଥବ୍ୟବସ୍ଥାକୁ ଧ୍ୱସ୍ତ ଏବଂ ଯୁଦ୍ଧ କ୍ଷମତାକୁ ହ୍ରାସ କରିବ।

# ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ



କେନ୍ଦୁଝର/ଘଟଗାଁ, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧୀନ ଗୁଣ୍ଡିଚାଘାଗି ଜଳପ୍ରପାତରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ବର୍ତ୍ତନା ଗ୍ରାମର ଦେବେଶ ବେହେରା। ଦେବେଶ ଆଜି ସପରିବାର ଘଟଗାଁ ମା' ତାରିଣୀଙ୍କ ପୀଠକୁ ଆସିଥିଲେ। ସେଠାରେ ମା'ଙ୍କୁ ଦର୍ଶନ କରିବା ପରେ ଘଟଗାଁ ନିକଟସ୍ଥ ଗୁଣ୍ଡିଚାଘାଗି ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ସେ ଗାଧୋଇବା ପାଇଁ ଜଳପ୍ରପାତ ଭିତରେ ପଶିଥିବା ବେଳେ ପାଣି ସୁଅରେ ଭାସି ଯାଇଥିଲେ। ଖବର ପାଇ ଘଟଗାଁ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ସଂଧ୍ୟା ସୁଦ୍ଧା ତାଙ୍କ ପତ୍ତା ନ ମିଳିବାରୁ ଉଦ୍ଧାର କାର୍ଯ୍ୟକୁ ଆଜି ପାଇଁ ସ୍ଥଗିତ ରଖାଯାଇଛି। କେନ୍ଦୁଝର ଜିଲ୍ଲାରେ ଅନେକଗୁଡ଼ିଏ ମନୋରମ ଜଳପ୍ରପାତ ରହିଛି। ବିଭିନ୍ନ ସମୟରେ ଏଗୁଡ଼ିକରେ ଜଳବୁଡ଼ି ଭଳି ଦୁଃଖଦ ଘଟଣା ଘଟୁଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳପ୍ରପାତ ନିକଟରେ ସୂଚନା ଫଳକ ଲଗାଯାଇଥିଲେ ହେଁ ଲୋକେ ତାହାକୁ ଅଣଦେଖା କରୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ଆଗାମୀ ଦିନରେ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ପକ୍ଷରୁ ଏହି ଜଳପ୍ରପାତଗୁଡ଼ିକରେ ସୁରକ୍ଷାକର୍ମୀ ନିଯୁକ୍ତି କରିବାକୁ ଦାବି ହେଉଛି।

# ଆରମ୍ଭ ହେଲା ପିତୃପକ୍ଷ



ପୁରୀ,୮।୯(ସମିସ): ସୋମବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମାଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି। ବିଶ୍ୱାସ ରହିଛି, ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସି ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।

ଭାଦ୍ରବ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ। ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ। ବିଶ୍ୱାସ ରହିଛି, ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି। ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ ଶ୍ରାଦ୍ଧ କରାଯାଇଥାଏ। ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି। ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି। ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବା ବେଳେ ଏହି ସମୟରେ ନଖ ମଧ୍ୟ କଟାଯିବା ବାରଣ ରହିଛି। ଏପରିକି, ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ। ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୁତ ଭାବେ ରହିବାର ବିଧି ମଧ୍ୟ ରହିଛି।

## ନାବାଳକଙ୍କୁ ଆକ୍ରମଣ
# ୨ ଭାଇ ସମେତ ୩ ଗିରଫ

ବ୍ରହ୍ମପୁର,୮।୯(ସମିସ): ଜଣେ ନାବାଳକଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ,



ଖାଜା ସାହିର ଏସଏମ ସାହିଦ ଅଲ୍ଲୀ(୨୫), ଏସଏମ ଶାବାଜ୍ ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜିବ୍ରାହିମ୍(୧୯)। ଅଭିଯୁକ୍ତଙ୍କଠାରୁ ପୁଲିସ ୪ଟି ଖଣ୍ଡା ଓ ଗୋଟିଏ କ୍ରିକେଟ୍ ୱିକେଟ୍ ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସୋମନାଥନଗର ଅଞ୍ଚଳର ୧୭ ବର୍ଷୀୟ ନାବାଳକ ରବିବାର ଅପରାହ୍ଣରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ। ସେଠାରେ ଶାହବାଜ୍ ସମ୍ପୃକ୍ତ ନାବାଳକଙ୍କୁ ଧକ୍କା ମାରିଥିଲା। ନାବାଳକଜଣକ ସେଠାରୁ ଘରକୁ ଫେରିବା ସମୟରେ ସୋମନାଥନଗର ଛକଠାରେ ସାହିଦ ଓ ତା'ର ଭାଇ ଗୋଲୁ, ଜିବ୍ରାହିମ୍ ସମ୍ପୃକ୍ତ ନାବାଳକଙ୍କୁ ମାରପିଟ କରିବା ସହ ଖଣ୍ଡାରେ ଆକ୍ରମଣ

**ଆକ୍ରମଣରେ ବ୍ୟବହୃତ ୪ଟି ଖଣ୍ଡା ଓ ଗୋଟିଏ ୱିକେଟ୍ ଜବତ**

କରିଥିଲେ। ଆକ୍ରମଣରେ ନାବାଳକଜଣକ ଆହତ ହୋଇ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନେ ଲୁଚାଇ ରଖିଥିବା ୪ଟି ଖଣ୍ଡାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦୁଇ ଭାଇଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୫ଟି ମାମଲା ରହିଥିବା ପୁଲିସ ସୂଚନା ଦେଇଛି।

## ବିଜେଡିର ନବନିଯୁକ୍ତ ଯୁବ, ଛାତ୍ର ସଭାପତିଙ୍କ ଦାୟିତ୍ୱ ଗ୍ରହଣ
# ନବୀନଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ






ଭୁବନେଶ୍ୱର, ୮।୯ (ସମିସ): ନବନିଯୁକ୍ତ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ବିମାନବନ୍ଦର ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ ଯୁବ ଛାତ୍ର କର୍ମୀଙ୍କ ସହ ଏକ ପଟୁଆରରେ ଉଭୟ ଶଙ୍ଖଭବନରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଯୁବ ଓ ଛାତ୍ର ବିଜେଡି ସଭାପତି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ରାଜ୍ୟ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଆଇନଶୃଙ୍ଖଳା, ନାରୀ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଉଭୟ ଯୁବ ଓ ଛାତ୍ର ସଂଗଠନ ନିଜର ସ୍ୱର ଶାଣିତ କରିବ। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ଉଭୟ ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ଯୁବ ବିଜେଡି ସଭାପତି ଶ୍ରୀ ସାହୁ କହିଥିଲେ ଯେ ରାଜ୍ୟରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପରିବର୍ତ୍ତେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ଏହା ଏକ ଅଭିଶାପ ପାଲଟିଛି। ରାଜ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହେଉଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉଠାଇବ। ନବୀନ ବାବୁଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ନିରନ୍ତର ସଂଗ୍ରାମ ଜାରି ରଖିବ।

**■ ରାଜ୍ୟ ସରକାରଙ୍କ ବିରୋଧରେ ଦେଲେ ରଣହୁଙ୍କାର**
**■ ସରକାରଙ୍କ ବିଫଳତାକୁ ନେଇ ଶାଣିତ ହେବ ସ୍ୱର**
**■ ରାଜ୍ୟରେ ମୋହନ ସରକାର ନୁହେଁ; ଦହନ ସରକାର**

ସେହିପରି ଇପ୍ସିତା ସାହୁ କହିଥିଲେ, ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ଛାତ୍ରୀମାନେ ଆଜି ରାଜ୍ୟରେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ରାଜ୍ୟରେ ମୋହନ ସରକାର ନୁହେଁ, ଦହନ ସରକାର ଚାଲିଛି ବୋଲି ସେ କଡ଼ା ସମାଲୋଚନା କରିଥିଲେ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଛାତ୍ରୀ ଦହନର ଶିକାର ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ବିଜୁ ଛାତ୍ର ଜନତା ଦଳ ରାଜ୍ୟର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଜୋରଦାର୍ ଲଢ଼େଇ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ. ଅମର ପଟ୍ଟନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତିରଞ୍ଜନ ଘଡ଼େଇ, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ବିଜୟ ନାୟକ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

# ପରିବାର ପେନସନ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନକୁ ଖାରଜ କରାଯିବା ବେଆଇନ: ହାଇକୋର୍ଟ

କଟକ, ୮।୯(ସମିସ): ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ବହିରେ ସଂଶୋଧନ ପାଇଁ ଦ୍ୱିତୀୟ ପତ୍ନୀଙ୍କ ନାମାଙ୍କନ ଆବେଦନକୁ ଖାରଜ କରାଯିବା ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଯଦି ଜଣେ ପେନସନ୍‌ଭୋଗୀ ତାଙ୍କର ପେନସନ୍ ବହିରେ ପ୍ରତିନିଧି (ନୋମିନି)ଙ୍କ ନାମ ସଂଶୋଧନ ପାଇଁ ଆବେଦନ କରନ୍ତି, ତେବେ ଏଭଳି ସଂଶୋଧନ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରତିବନ୍ଧକ ନାହିଁ। ଓସିଏସ ପେନସନ ନିୟମ, ୧୯୯୨ର ନିୟମ ୫୬(୧୭) (ବି)(ଆଇ) ଅନୁଯାୟୀ ଅବସର ପରବର୍ତ୍ତୀ ପରିବାର ପେନସନ ପାଇବାକୁ ସ୍ୱାମୀ କିମ୍ବା ପତ୍ନୀଙ୍କୁ ଅନୁମତି ଦିଆଯାଇଛି। ଏଭଳି କ୍ଷେତ୍ରରେ ଯଦି ପେନସନ ନିୟମ, ୧୯୯୨ ଅନୁଯାୟୀ ସଂଶୋଧିତ ନାମ ମାନଦଣ୍ଡ ପୂରଣ କରୁଥାଏ, ତାହେଲେ ନିଯୁକ୍ତିଦାତାଙ୍କ ଦ୍ୱାରା ନାମ ସଂଶୋଧନକୁ ତୁରନ୍ତ ଅନୁମତି ଦିଆଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବି.ପାପାରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ରାୟ ପ୍ରକାଶ କରିଛନ୍ତି।

ଆବେଦନକାରୀ, ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ)ରୁ ସହକାରୀ ଯନ୍ତ୍ରୀ ଭାବେ ୨୦୦୫ ମସିହାରେ ଅବସର ନେଇଥିଲେ। ଗତ ୨୦୦୯ ମେ' ୨୬ ତାରିଖରେ ତାଙ୍କର ପ୍ରଥମ ପତ୍ନୀ ମୃତ୍ୟୁବରଣ କରିଥିଲେ। ଆବେଦନକାରୀ ୨୦୧୨ ଅଗଷ୍ଟ ୨୨ରେ ରାୟଗଡ଼ାର ବିବାହ ଅଧିକାରୀଙ୍କ ନିକଟରେ କିଲମ ରତ୍ନମାଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ନାମ ତାଙ୍କ ପେନସନ୍ ବହିରେ ପୂର୍ବରୁ ଲେଖାଯାଇଥିଲା ବେଳେ ଏହାକୁ ସଂଶୋଧନ କରି ଦ୍ୱିତୀୟ ପତ୍ନୀଙ୍କୁ ପ୍ରତିନିଧି ଭାବେ ନାମାଙ୍କନ ପାଇଁ ଆବେଦନ କରିଥିଲେ। ଭବିଷ୍ୟତରେ ପରିବାର ପେନସନ୍ ପାଇବା ପାଇଁ ଏଭଳି ଆବେଦନ କରାଯାଇଥିଲେ ସୁଦ୍ଧା ଏହାକୁ ୱେସ୍କୋ (ବର୍ତ୍ତମାନର ଟିପିଡବ୍ଲୁଓଡିଏଲ) ମହାପ୍ରବନ୍ଧକଙ୍କ ପକ୍ଷରୁ ଖାରଜ କରିଦିଆଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ପେନସନ କାଗଜପତ୍ରରେ ଆସନ୍ତା ୪ ସପ୍ତାହ ଭିତରେ ଆବଶ୍ୟକ ପରିବର୍ତ୍ତନ ଅବା ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଇଣ୍ଡିଆ ହାବିଟାଟ୍ ସେଣ୍ଟର ପ୍ରଦର୍ଶନୀ ବୁଲିଲେ ନବୀନ



ଭୁବନେଶ୍ୱର, ୮।୯(ସମିସ): ଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୋୟଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀକୁ ବୁଲି ଦେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତରେ ଥିବା ନବୀନ ଏଠାରେ ପ୍ରଦର୍ଶିତ ହେଉଥିବା ବିଭିନ୍ନ କଳାକୃତି ଦେଖିବା ସହ ପ୍ରଦର୍ଶନକାରୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ନବୀନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ପ୍ରସିଦ୍ଧ କଳା ସଂରକ୍ଷକ ଜୟା ମଣିଙ୍କ ଦ୍ୱାରା ସଂଗୃହୀତ ଏହି ପ୍ରଦର୍ଶନୀ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ଅଞ୍ଚଳ, ଓଡ଼ିଶା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ମଧ୍ୟରେ କଳା ଏବଂ ସଂସ୍କୃତିର ସଂଯୋଗକୁ ଏକ ସୂତ୍ରରେ ଯୋଡ଼ିବା ପାଇଁ ପ୍ରେରଣା ଦେବ। ପ୍ରସିଦ୍ଧ ଶିଳ୍ପୀ ସୁରେଶ ମୁଥୁକୁଲମ୍ ଏବଂ ବୟନଶିଳ୍ପୀ ଗୁଞ୍ଜନ ଜୈନଙ୍କୁ ଏହି ପ୍ରଦର୍ଶନୀ ପାଇଁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହା ଶତାବ୍ଦୀର କଳା, ସଂସ୍କୃତି ଏବଂ ସମୃଦ୍ଧ ହସ୍ତତନ୍ତ ପରମ୍ପରା ମାଧ୍ୟମରେ ଆମ ଇତିହାସକୁ ବିସ୍ତାର କରିବା ଏବଂ ଆମର ଗୌରବମୟ ସାମୁଦ୍ରିକ ଐତିହ୍ୟକୁ ପୁନର୍ଜୀବିତ କରିବା ପାଇଁ ପ୍ରେରଣା ଦେବ ବୋଲି ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି।

## ଭଦ୍ରକ ଆରଏମଏସକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ମାମଲା
# କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ, ୮।୯(ସମିସ): ଭଦ୍ରକ ରେଳଷ୍ଟେସନ୍‌ସ୍ଥିତ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆରଏମଏସ ସହ ମିଶ୍ରଣ ପ୍ରସ୍ତାବକୁ ବେଆଇନ ତଥା ସମ୍ବିଧାନର ଧାରା ୧୪ ଏବଂ ୧୯ର ଉଲ୍ଲଙ୍ଘନ ଦର୍ଶାଇ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାଧବାନନ୍ଦ ଓଝାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ଶୁଣାଣି ବେଳେ ଡିଏସ୍‌ଜିଆଇ ଉପସ୍ଥିତ ରହି ଜବାବ ଦାଖଲ ପାଇଁ ସମୟ ଲୋଡ଼ିଥିଲେ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଦୀର୍ଘ ୧୯୭୨-୭୩ ମସିହାରୁ ଭଦ୍ରକ ଆରଏମଏସ୍ କାର୍ଯ୍ୟ କରୁଛି। ଏପରିକି, ଏହା ବାଲେଶ୍ୱରରୁ ୭୫ କିଲୋମିଟର ଓ ଯାଜପୁର ରୋଡ୍ ଷ୍ଟେସନଠାରୁ ୪୫ କିଲୋମିଟର ଦୂର। ଦୈନନ୍ଦିନ ୩୫୦୦ ସ୍ପିଡ୍‌ପୋଷ୍ଟ ସହ ୩୦୦ରୁ ଅଧିକ ପାର୍ସଲ ସେବା ଏହି ଆରଏମଏସ ଦେଉଛି। ଏପରିସ୍ଥଳେ ଏହାକୁ ବାଲେଶ୍ୱର ସହ ମିଶ୍ରଣ ପ୍ରସ୍ତାବ ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ ପକ୍ଷରୁ ଜାରି ହୋଇଥିବା ୦୫.୦୮.୨୦୨୫ ତାରିଖର ଆଦେଶ ବେଆଇନ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଯୁବକଙ୍କୁ ହାଣି ଲୁଟିଲେ


ଜଳେଶ୍ୱର, ୮।୯ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ୬୦ନଂ ଜାତୀୟ ରାଜପଥର ଜମାଲପୁର ବାଇପାସ୍ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ୍ ଲୁଟି ନେଇଛନ୍ତି। ସୁଗୋ ପଞ୍ଚାୟତ ବାଣିଦା ଗ୍ରାମର ସୁଦର୍ଶନ ମହାନ୍ତିଙ୍କ ପୁଅ ଅରୁଣ ମହାନ୍ତି ରାଜଘାଟସ୍ଥିତ ମା' ତାରିଣୀ ହୋଟେଲରେ କାର୍ଯ୍ୟ ସାରି ରବିବାର ରାତି ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଜାତୀୟ ରାଜପଥ ଜମାଲପୁର ବାଇପାସ୍ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଅରୁଣର ହାତକୁ ହାଣି ତାଙ୍କଠୁ ଟଙ୍କା ମୋବାଇଲ୍ ନେଇ ଚମ୍ପଟ ମାରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଅରୁଣଙ୍କୁ ଜି.କେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ହସ୍ପିଟାଲ ଏବଂ ଅଧିକ ରକ୍ତସ୍ରାବ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଉପରାଷ୍ଟ୍ରପତି ନିର୍ବାଚନରୁ ବିରତ ରହିବ ବିଜେଡି
# ସମଦୂରତା ବଜାୟ ରଖିବ ଦଳ

ଭୁବନେଶ୍ୱର,୮।୯(ସମିସ): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟଦାନରୁ ବିଜୁ ଜନତା ଦଳ ବିରତ ରହିବ ବୋଲି ନିଷ୍ପତ୍ତି ନେଇଛି। ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ

**ରାଜ୍ୟ ସ୍ୱାର୍ଥ ବିରୋଧରେ ଦଳ କେବେ ସାଲିସ୍ କରିବ ନାହିଁ**

ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା। ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଓ ସାଂସଦମାନଙ୍କ ସହ ଆଲୋଚନା ପରେ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ବିଜେଡି ସବୁବେଳେ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବ ନାହିଁ




ବିଜେଡି। ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବ ନାହିଁ। ସେ ଆହୁରି କହିଥିଲେ, ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସର୍ବଦା କାମ କରିଆସିଛି। ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଜଣାଇବା ପରେ ଦୁଇଟି ଜାତୀୟ ରାଜନୈତିକ ଦଳ ଦୋହଲି ଯାଇଛନ୍ତି। ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କୁ ସମର୍ଥନ କଥା କହୁଥିଲା ବେଳେ କଂଗ୍ରେସର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ବିଜେଡି ସମଗ୍ର ଭାରତବର୍ଷରେ ଏକ ସଫଳ ରାଜନୈତିକ ଦଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆଜି ମଧ୍ୟ ରାଜ୍ୟର ଏକ ନମ୍ବର ଦଳ ଭାବେ ଲୋକଙ୍କ ସମର୍ଥନ ପାଉଛି ବୋଲି ସେ କହିଛନ୍ତି।

## ୬ ଦିନ ପରେ ଭିତରକନିକାରୁ ନିଖୋଜ ମା'-ପୁଅ ଉଦ୍ଧାର
# ଜଙ୍ଗଲରେ ଭୋକ-ଉପାସରେ ୫ଦିନ

ରାଜନଗର, ୮।୯(ସମିସ): ଭିତରକନିକା ଜଙ୍ଗଲରେ ବାଟବଣା ହୋଇ ୬ ଦିନ ଧରି ନିଖୋଜ ହୋଇଯାଇଥିବା ମା-ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବନବିଭାଗ ପକ୍ଷରୁ ୧୦ଟି ଟିମ୍‌ରେ ପ୍ରାୟ ୧୦୦ଜଣ ଆଜି ସକାଳୁ ତନଖି ପ୍ରକ୍ରିୟା ଆରମ୍ଭ କରିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମାଆପୁଅଙ୍କୁ ଗୋଟିଏ ଟିମ ଠାବ କରିଥିଲା। ଜଙ୍ଗଲ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କିମି ଦୂରରେ ମାଆପୁଅଙ୍କୁ ଠାବ କରାଯାଇଥିଲା। ଦୁଇଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୂଳକୁ ଅଣାଯାଇଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ ସହ ସେହି ଗାଁର ଅହଲ୍ୟ ମଣ୍ଡଳ ଓ ତାଙ୍କ ପୁଅ ଭିତରକନିକା ଜାତୀୟ ଉଦ୍ୟାନକୁ କଙ୍କଡ଼ା ଧରିବାକୁ ବୁଧବାର ଦିନ ଯାଇଥିଲେ। ସେମାନେ ୫ଦିନ ପାଇଁ ରାସନ ସାମଗ୍ରୀ, ଚାଉଳ ଓ ହାଣ୍ଡି ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ଜଣ ପହଞ୍ଚିଥିଲେ। ସେଠାରେ ରାସନ ସାମଗ୍ରୀ ରଖି ରୋଷେଇ କରି ଖାଇସାରି ଅଲଗାଅଲଗା ଦିଗରେ କଙ୍କଡ଼ା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ଅଞ୍ଜନା ଓ ରତିକାନ୍ତ ବାଟବଣା ହୋଇଯାଇଥିଲେ। ସେମାନଙ୍କୁ ଖୋଜାଖୋଜି କରି ନପାଇ ଗୁରୁବାର ଦିନ ଅହଲ୍ୟ ଓ ତାଙ୍କ ପୁଅ ଘରକୁ



ଫେରିଥିଲେ। ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ। ନ ପାଇବାରୁ ବନବିଭାଗକୁ ଜଣାଇଥିଲେ। ଶନିବାର ୨୦ଜଣ ବନ କର୍ମଚାରୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ବାରହା ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା।

ଆଜି ବନ ବିଭାଗର ୪ଟି ବୋଟ ଓ ୬ଟି ଡଙ୍ଗା ମାଧ୍ୟମରେ ବନ ବିଭାଗର ୪୦ ଜଣ କର୍ମଚାରୀ ଓ ୬୦ ଜଣ ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ତନଖି କରିଥିଲେ। ଦିନ ପ୍ରାୟ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ ଶବ୍ଦ ଶୁଣି ମାଆପୁଅ ଡାକ ପାଇଥିଲେ। ଡାକଶୁଣି ବୋଟକୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ନିଘଞ୍ଚ

**■ କାଳ ହେଲା କଙ୍କଡ଼ା ଧରିବା**
**■ ବନ ବିଭାଗର ୧୦ଟି ଟିମ୍‌ର ତନଖି**

କଣ୍ଟା ଜଙ୍ଗଲ ମଧ୍ୟରେ ମାଆପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ। ଦୁଇଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୂଳକୁ ଆଣିବାକୁ ୪ ଘଣ୍ଟା ଲାଗିଥିଲା। ସେମାନଙ୍କୁ ଉଦ୍ଧାର ପରେ ବୋଟରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା। ୫ ଦିନ ଧରି କିଛି ଖାଇ ନ ଥିବାରୁ ସେମାନେ ଠିକ ଭାବେ କଥା କହିପାରୁନାହାନ୍ତି। ସେମାନେ କୂଳରେ ପହଞ୍ଚିବା ପରେ ଚିକିତ୍ସା ପାଇଁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

# ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ



ଚନ୍ଦନେଶ୍ୱର, ୮।୯ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମରେ କରପସନ ଫ୍ରୀ ଓଡ଼ିଶା ତରଫରୁ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କରପ୍ସନ୍ ଫ୍ରୀ ଓଡ଼ିଶାର ପ୍ରତିଷ୍ଠାତା ତଥା ପୂର୍ବତନ ଲୋକାଯୁକ୍ତ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ, ବାରିପଦାର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ ମୁଖ୍ୟ ଅତିଥି ଭାବେ, କରପ୍ସନ୍ ଫ୍ରୀ ଓଡ଼ିଶାର ସଦସ୍ୟ ଦେବବ୍ରତ ହୋତା ମୁଖ୍ୟବକ୍ତା, ବ୍ରହ୍ମା କୁମାରୀ ଗୀତା ବିଶେଷ ଅତିଥି, ବିଚିତ୍ରପୁର ଇକୋ-ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ ଓ ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଶ ଓ ବୃକ୍ଷ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଞ୍ଜୟ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ସମସ୍ତେ ଶପଥପାଠ କରିଥିଲେ।

# ଲକ୍ଷ୍ମୀନାରାୟଣ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



କାଳିପଦା, ୮।୯ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଗଣିତ ବିଭାଗ ପକ୍ଷରୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି, ରସାୟନ ବିଭାଗ ଡେମୋନଷ୍ଟ୍ରେଟର ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ତାପସ ତନୟ ନନ୍ଦୀ ଅତିଥି ପରିଚୟ ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ସ୍ୱାଗତ ଭାଷଣ ବିବରଣୀ ପ୍ରଦାନ କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମକୁ କିଶୋର ଦାସ, ଆକାଶ ଦାସ, ନିତିଶ ପାତ୍ର, ଲିପ୍ସା ମହାନ୍ତି, ସୌମ୍ୟଶ୍ରୀ ଦେ, ଭିତ୍ତିକା ମଞ୍ଜରୀ ସାହୁ, ସୁଶାନ୍ତ ବାଗ ପ୍ରମୁଖ ପରିଚାଳନା କରିଥିଲେ। ବିଭାଗୀୟ ଅଧ୍ୟାପକ ସମ୍ବିତ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମଗାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ




ବସ୍ତା ବ୍ଲକ, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଦୁଧହଂସା ଆମଗାଁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଦ୍ୱାରା ଦୁଧହଂସା ନଳବାହାର ନୂତନ ନିର୍ମିତ ରାସ୍ତାରେ ୨୦୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଛି। ଟ୍ରଷ୍ଟର ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳଙ୍କ ତତ୍ୱାବଧାନରେ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋରର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଦୈନିକ "ଅପରାହ୍ନ"ର ସମ୍ପାଦକ ବଂଶୀଧର ଜେନା, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଶ୍ରୀହରି ପ୍ରଧାନ, ମନୋରଞ୍ଜନ ବିଶ୍ୱାଳ, ଗୌରାଙ୍ଗ ସାହୁ, ସୁରେଶ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ପାପୁନ ବେହେରା, ଚତୁର୍ଭୁଜ ବେହେରା, ହରେକୃଷ୍ଣ ବେହେରା, ରାମକୃଷ୍ଣ ବେହେରା, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ଏସ୍‌ପିଙ୍କ ସିମୁଳିଆ ଥାନା ପରିଦର୍ଶନ

ସିମୁଳିଆ, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଶେଷଆଡ଼କୁ ଭଦ୍ରକ ଜିଲ୍ଲାକୁ ଲାଗି ସିମୁଳିଆ ବ୍ଲକ ଏନଏଚ ୧୬ ନମ୍ବର ଜାତୀୟ ରାଜପଥକୁ ଲାଗି ସିମୁଳିଆ ଥାନା ଅବସ୍ଥିତ। ବାଲେଶ୍ୱର ଜିଲ୍ଲାର ନୂତନ ଏସ୍‌ପି ପ୍ରତ୍ୟୁଷ ଦିବାକର ଅଚାନକ ସିମୁଳିଆ ଥାନା ପରିଦର୍ଶନ କରିଛନ୍ତି। କର୍ମଚାରୀଙ୍କ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏହି ସମୟରେ ଆଇଆଇସି ଶ୍ରବଣ କୁମାର ମହାରଣା ଉପସ୍ଥିତ ଥିଲେ।

# ନାହିଁ ନାହିଁରେ ଚାଲିଛି ଜିକେ ଭଟ୍ଟର ହସ୍ପିଟାଲ

ଜଳେଶ୍ୱର,୮।୯ (ସମିସ)




**ଫାଇଦା ନେଉଛନ୍ତି ନର୍ସିଂହୋମ୍, ପାଥୋଲୋଜି, ଔଷଧ ଦୋକାନୀ**

ଚିକିତ୍ସା କ୍ଷେତ୍ରରେ ସୀମାନ୍ତ ଅଞ୍ଚଳର ଜୀବନ ରେଖା କୁହାଯାଉଥିବା ଜିକେ ଭଟ୍ଟର ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ଉନ୍ନତ ମାନର ଚିକିତ୍ସା ଯୋଗାଣ, ସ୍ଲୋଗାନ ଧୂଆଁ ବାଣ ସଦୃଶ ହୋଇଛି। ଏହି ରେଫରାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଜଳେଶ୍ୱର ବ୍ଲକ ସମେତ, ମ୍ୟୁନିସିପାଲିଟି, ବସ୍ତା, ବାଲିଆପାଳ, ଭୋଗରାଇ, ମୟୂରଭଞ୍ଜର ରାସଗୋବିନ୍ଦପୁର ସହିତ ପଶ୍ଚିମବଙ୍ଗର ଆଖ ପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ପ୍ରତ୍ୟହ ୪ ଶହରୁ ୫ ଶହ ରୋଗୀ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହୋଇ ବହିଃ ବିଭାଗରେ ଚିକିତ୍ସିତ ହୋଇଥାନ୍ତି। ନିକଟରେ ଯାଇଥିବା ଦୁର୍ଘଟଣା ପ୍ରବଣ ୬୦ନଂ ଜାତୀୟ ରାଜପଥ ଓ ସନ୍ନକଟ ୫୭ନଂ ରାଜ୍ୟ ରାଜପଥରେ ଦୁର୍ଘଟଣା ଗ୍ରସ୍ତ ହୋଇ ବହୁ ଲୋକେ ତୁରନ୍ତ ଚିକିତ୍ସା ଲାଗି ଧାଇଁ ଆସନ୍ତି। ହେଲେ ହସ୍ପିଟାଲରେ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ପଦ ଅଧା ଖାଲି ଥିବାରୁ ରୋଗୀ ସେବା ଘୋର ବାଧାପ୍ରାପ୍ତ ହେଉଛି। ଚିକିତ୍ସା ଲାଗି ଭରସା କରି ଆସିଥିବା ରୋଗ ମାନେ ଖର୍ଚ୍ଚାନ୍ତ ହୋଇ ନିରାଶରେ ବାଲେଶ୍ୱର, କଟକ, ଭୁବନେଶ୍ୱରସ୍ଥିତ ସରକାରୀ ଓ ଘରୋଇ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର ହେଉଛନ୍ତି।

ଟ୍ରମା ସେଣ୍ଟର ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତତ୍କାଳ ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ଭବ ହେଉନାହିଁ। ହସ୍ପିଟାଲରେ ୩୦ଟି ବେଡ୍ ରହି ଥିବା ବେଳେ ଡାକ୍ତର ଓ ନର୍ସ ଅଭାବରୁ ୨୦ଟି ବେଡ୍ ସେବାକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି। କାର୍ଯ୍ୟ ଚାପ ଯୋଗୁଁ ସାଧାରଣ ରୋଗୀଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ରେଫର କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୧୨ ଜଣ ଡାକ୍ତର ରହିବାର ବ୍ୟବସ୍ଥା ରହିଥିବା ବେଳେ ଅଧୁନା ମାତ୍ର ୫ ଜଣ ଡାକ୍ତର ଚିକିତ୍ସା କରୁଛନ୍ତି। ଦୀର୍ଘ ବର୍ଷଧରି ସପ୍ତାହକୁ ଜଣେ ଦାନ୍ତ ଡାକ୍ତର ଡେପୁଟେସନ ଆସି ଚିକିତ୍ସା ଯୋଗାଉଛନ୍ତି। ବିଶେଷ କରି ରବିବାର ଦିନ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ପରିଲକ୍ଷିତ ହେଉଛି। ଛୁଟି ଦିନରେ ଛାତ୍ର ଛାତ୍ରୀ ସମେତ ଅଧିକ ସଂଖ୍ୟକ ରୋଗୀ ଧାଡ଼ିରେ ଛିଡ଼ା ହେଉଥିଲେ ମଧ ୧୧ ଟା ପରେ ଟିକଟ ଦେବା ବନ୍ଦ ହେଉଛି। ଏମିତିକି ଡାକ୍ତର କେବଳ ନିର୍ଦ୍ଦିଷ୍ଟ ବିଭାଗରେ ରୋଗୀ ଚିକିତ୍ସା କରୁଥିବାରୁ ଅନ୍ୟ ରୋଗରେ ଆକ୍ରାନ୍ତ ରୋଗୀ ହଇରାଣ ହରକତ ହେଉଛନ୍ତି। ଏପଟେ ରୋଗ ନିରୂପଣ ପରେ ଔଷଧ ନେବା ବେଳକୁ ସରକାରୀ ନିରାମୟ କେନ୍ଦ୍ର ବନ୍ଦ ହେଉଛି। ଫଳରେ ପ୍ରେସକିପ୍ସନ ପଛରେ ଲେଖା ଯାଇଥିବା ଔଷଧ ନିକଟସ୍ଥ ଔଷଧ ଦୋକାନରୁ ଉଚ୍ଚ ଦରରେ କିଣିବାକୁ ଲୋକେ ବାଧ ହେଉଛନ୍ତି। ଏମିତିକି ଡାକ୍ତରଙ୍କ ପରାମର୍ଶରେ ନିର୍ଦ୍ଦିଷ୍ଟ ପାଥଲୋଜି ବ୍ୟକ୍ତିକୁ ହସ୍ପିଟାଲକୁ ଡ଼କାଇ ପରୀକ୍ଷା କରାଯାଉଛି। ଏଥି ବ୍ୟତୀତ କେତେକ ଡାକ୍ତର, କ୍ଲିନିକ୍ ଓ ଘରୋଇ ନର୍ସିଂ ହୋମରେ ଅଧିକ ସମୟ ବିତାଉଛନ୍ତି। ଫଳରେ ସରକାରୀ ହସ୍ପିଟାଲ ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା କଷ୍ଟସାଧ ହୋଇ ପଡ଼ିଛି। ଜଣେ ଶିଶୁ ବିଶେଷଜ୍ଞ ଡାକ୍ତରଙ୍କୁ ଛାଡ଼ି ଭେଷଜ, ଶଲ୍ୟ, ସ୍ତ୍ରୀ ରୋଗ ଓ ନିଶ୍ଚେତକ ବିଶେଷଜ୍ଞ ନାହାନ୍ତି। ଦୁଇ ଜଣ କିରାଣୀ ରହିବାର ବ୍ୟବସ୍ଥା ଥିଲେ ମଧ ସେସବୁ ପଦ ଖାଲି ପଡ଼ିଛି। ଫଳରେ ନାମ ପଞ୍ଜୀକରଣ, ରେକଡର୍ ପତ୍ର, ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଇତ୍ୟାଦି କାର୍ଯ୍ୟରେ ବ୍ୟାଘାତ ଘଟୁଛି। ୧୬ ଜଣ ଷ୍ଟାଫ ନର୍ସ ରହିବାର ବ୍ୟବସ୍ଥା ଥିବାବେଳେ ୮ଟି ପଦ ଖାଲି ରହିଛି। ଶବ ବ୍ୟବଚ୍ଛେଦ ଲାଗି କୌଣସି କର୍ମଚାରୀ ନ ଥିବାରୁ ବସ୍ତା ଅଞ୍ଚଳରୁ ଅଣାଯାଇ ବିଳମ୍ବରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ହେଉଛି। ୪ ଜଣ ଫାର୍ମାସିଷ୍ଟ ପଦ ମଧ୍ୟରୁ ୨ଟି ପଦ ଖାଲି ପଡ଼ିଛି। ଲେବ୍ରେଟୋର ଟେକନସିଆନ ଭାବେ ୪ ଜଣ ରହିବାକୁ ଥିବା ବେଳେ ୨ଟି ପଦ ଖାଲି ରହିଛି। ଏହା ସହିତ ଶାନ୍ତି ଶୃଙ୍ଖଳା ଲାଗି ୧୬ ଜଣ ସୁରକ୍ଷା କର୍ମୀଙ୍କ ମଧ୍ୟରୁ ମାତ୍ର ୮ ଜଣ ରହିଛନ୍ତି। କର୍ମଚାରୀ ମରୁଡି ଥିବାରୁ ଜରୁରୀ କାଳୀନ ସ୍ଥିତିରେ ସେମାନଙ୍କୁ ବି ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପଡ଼ିଥାଏ। ପ୍ରାୟ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭବନ ନିର୍ମାଣ ହୋଇଥିଲେ ମଧ ଡାକ୍ତର ଓ କର୍ମଚାରୀ ଅଭାବରୁ ଏହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନି। କର୍ମଚାରୀଙ୍କ ଲାଗି ଆବଶ୍ୟକ ସଂଖ୍ୟକ ବସା ଘର ନ ଥିବାରୁ କର୍ମଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲ ସନ୍ନିକଟରେ ପସରା ମେଲିଥିବା ବିବାଦୀୟ ଡାକ୍ତର ଓ କେତେକ ମୁନାଫାଖୋର ଔଷଧ ଦୋକାନୀ, ପାଥୋଲେବ୍ ମାନେ ରୋଗୀ ମାନଙ୍କୁ ନିରନ୍ତର ଶୋଷଣ କରିଆସୁଛନ୍ତି। ହସ୍ପିଟାଲ, ପାଥୋଲଜି, ନର୍ସିଂ ହୋମ, ଔଷଧ ଦୋକାନୀ ମଧ୍ୟରେ ଯୋଗସୂତ୍ର ସ୍ଥାପନ ହୋଇ ଭାଗିଦାରୀରେ ରୋଜଗାର ହେଉଥିବା ଅଭିଯୋଗ ହେଉଛି। ତେଣୁ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ନିଯୁକ୍ତି ସହ ସମସ୍ତ ବିଶେଷଜ୍ଞ ଚିକିତ୍ସକ, କର୍ମଚାରୀ ନିଯୁକ୍ତ ଓ ପ୍ରଭାବୀ ଚିକିତ୍ସା ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

# ସରକାରୀ ଜାଗାରୁ ଜବରଦଖଲ ହଟିବ କେବେ

କାଳିପଦା, ୮।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ସରକାରୀ ଜାଗାରୁ ଜବର ଦଖଲ ହଟାଇବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପ୍ରକାଶ ପାଇବା ପରେ ଜବର ଦଖଲକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହି ମର୍ମରେ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଜବର ଦଖଲ ଉଚ୍ଛେଦ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ଇତି ମଧ୍ୟରେ ବାଲିଆପାଳ ତହସିଲଦାର ତହସିଲ ଅଧିନରେ ଥିବା ଆର୍ ଆଇ ମାନଙ୍କୁ ଏକ ବୈଠକରେ ବସାଇ ଏ ବିଷୟରେ ବିଚାରବିମର୍ଶ କରିଛନ୍ତି। ତେବେ ଏ ନେଇ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଏଯାବତ ସ୍ପଷ୍ଟ ହୋଇ ନାହିଁ। ବାଲିଆପାଳ ବଜାର ସମେତ ଗ୍ରାମାଞ୍ଚଳରେ ହେକ୍ଟର ହେକ୍ଟର ସରକାରୀ ଜାଗା ବହୁ ଦିନ ଧରି ଜବର ଦଖଲକାରୀଙ୍କ ଅକ୍ତିଆରରେ ରହି ଆସିଛି। କେତେକ ମୁଷ୍ଟିମେୟ ସରକାରୀ ଜାଗାରେ ସ୍ଥାୟୀ ପକ୍କା ଘର ତୋଳାଇ ଭଡ଼ା ଲଗାଇ ଛନ୍ତି ତ ଅନ୍ୟ କେତେକ ସରକାରୀ ଜାଗାକୁ ଅନ୍ୟକୁ ବେଆଇନ୍ ଭାବେ ବିକ୍ରି କରି ଦଖଲ ଦେଉଛନ୍ତି। ଫଳରେ ସରକାରୀ ଗୋଚର, ରକ୍ଷିତ ଅନାବାଦି, ରକ୍ଷିତ ଜଙ୍ଗଲ କିସମ ଜାଗା ଆଦି ଆଉ ଆଗ ଭଳି ଏ ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ପର୍ଯ୍ୟାପ୍ତ ସରକାରୀ ଗୋଚର ଜାଗାରେ ମୁଷ୍ଟି ମେୟମାନେ ଚିଙ୍ଗୁଡ଼ି ଘେରି କରିଛନ୍ତି।

ସୁବର୍ଣ୍ଣରେଖା ନଦୀ ଗତପଥ ପରିବର୍ତ୍ତନ ଯୋଗୁଁ ଉଦବାସ୍ତୁ ଲୋକମାନେ ମନଇଚ୍ଛା ସରକାରୀ ଜାଗାକୁ ଜବର ଦଖଲ କରି ଘର ତୋଳାଇଛନ୍ତି। ସରକାର ଏ ବାବଦରେ ସ୍ପଷ୍ଟ ନୀତି ନିର୍ଦ୍ଧାରଣ କରି ନାହାଁନ୍ତି। ମାତ୍ର କତିପୟ ଭୂମିହୀନଙ୍କୁ ନାମକୁ ମାତ୍ର ଜମି ପଟା ଦେଇଛନ୍ତି। ଦକ୍ଷିଣ ବାଲିଆପାଳ ସମୁଦ୍ର ଉପକୂଳ ଅଞ୍ଚଳରେ ହେକ୍ଟର ହେକ୍ଟର ସରକାରୀ ଜାଗାକୁ ମୁଷ୍ଟିମେୟମାନେ ଜବର ଦଖଲ କରି ନିଜ ମାଲିକାନାରେ ରଖି ବେଆଇନ୍ ଭାବେ ଖର୍ଦ୍ଦି ବିକ୍ରି କରୁଛନ୍ତି। ସ୍ଥାୟୀ ଘର ସାଙ୍ଗକୁ ଚାଷ ଜମି, ପାନ ବରଜ, ନଡ଼ିଆ, ଗୁଆ ଓ କାଜୁ ବାଗାନ କରିଛନ୍ତି। ଅନ୍ୟ ପକ୍ଷରେ ଧର୍ମାନୁଷ୍ଠାନ ନାମରେ ଅଞ୍ଚଳର ଏକର ଏକର ସରକାରୀ ଜାଗା ଜବର ଦଖଲରେ ରହିଛି। ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଏକର ଏକର ସରକାରୀ ଜାଗାରେ ମଠ, ମନ୍ଦିର, ଆଶ୍ରମ, କ୍ଲବ୍, ମହିଳା ସମିତି ଘର ଆଦି ନିର୍ମାଣ ହୋଇଛି। ସେ ସବୁରୁ କଣ ଜବର୍ ଦଖଲ ହଟିବ ? ରାସ୍ତା ସମ୍ପ୍ରସାରଣ ବେଳେ ସରକାର ଜବର ଦଖଲ ଉଚ୍ଛେଦ କରି ପାରି ନାହାଁନ୍ତି। ଏହା ଏବେ କେମିତି ସମ୍ଭବ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି? ଏ ବାବଦରେ କୌଣସି ସ୍ପଷ୍ଟ ନୀତି ନିର୍ଦ୍ଧାରଣ ପାଇଁ ଅଧିକ୍ ସମୟ ଆବଶ୍ୟକ ପଡିପାରେ ବୋଲି ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ପ୍ରକାଶ କରିଛନ୍ତି।

# ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରସ୍ତୁତି




ବାଲେଶ୍ୱର, ୮।୯ (ସମିସ): ଆଇସିସି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକର ହାସନ ଲୋକ ସଭା ଆସନର ସାଂସଦ ଶ୍ରେୟାସ ଏମ ପଟେଲ ଓ ପିସିସିର ପର୍ଯ୍ୟବେକ୍ଷକ ବିପ୍ଳବ ଚୌଧୁରୀ ପ୍ରମୁଖ ରାଜୀବ ଭବନରେ ପରବର୍ତ୍ତୀ ଜିଲ୍ଲା ସଭାପତି ଚୟନ ଉପରେ କର୍ମୀ ଓ ପି ଆର ଆଇ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ପିସିସିର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ବିଧାୟିକା ପ୍ରାର୍ଥୀ ଡ଼ ମୋନାଲିସା ସାମଲ, କାଉନସିଲର ପଦ୍ମ ଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦି ପ୍ରମୁଖ ଉପସ୍ଥିତ ରହିଥିଲେ। ଟାଉନ ସଭାପତିଙ୍କ ସମେତ ଶ୍ରୀରାମପୁର, କସିପଦା, ଦୁବୁଲା ଗଡି, ପରିଖୀ, ବୁଆଁଳ, ଚାନ୍ଦିପୁର, ପାତ୍ରପଡା, ଶ୍ରୀକୋଣା, ବାହାବଳପୁରର କର୍ମୀ ପୂର୍ବତନ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ଗତ ୬ଦିନ ଧରି ଶ୍ରୀ ପାଟିଲ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ କରି କଂଗ୍ରେସ କର୍ମୀ ଓ ନେତାଙ୍କ ମତ ନେଇ ଆଜି ଦିଲ୍ଲୀ ଫେରିଯାଇଛନ୍ତି।

# ସେବା ପକ୍ଷ ନିମନ୍ତେ ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୮।୯ (ସମିସ): ବିଜେପି ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ସେବା ପକ୍ଷ ନିମନ୍ତେ ଜଳେଶ୍ୱର ଭଞ୍ଜ ଶ୍ରୀ ଭବନରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ ସାଂଗଠନିକ ଜିଲ୍ଲା ସଭାପତି ଡ. ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରି ପ୍ରଧାନ ମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପକ୍ଷ ନିମନ୍ତେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ମେଳା, ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷରୋପଣ, ପ୍ରଧାନମନ୍ତ୍ରୀଙ୍କ ଜୀବନ ଦର୍ଶନ ପ୍ରଦର୍ଶନୀ, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, ବରିଷ୍ଠ ବର୍ଗଙ୍କୁ ସମ୍ମାନ, ମୋଦି ବିକାଶ ମାରାଥନ, ଲୋକାଲ ଫର ଭୋକାଲର ପ୍ରଚାର, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଲାଗି ମଣ୍ଡଳ ସ୍ତରରେ ତିନି ଜଣିଆ ମଣ୍ଡଳୀକୁ ପ୍ରଶିକ୍ଷଣ ଦିଆଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଯୋଗଦେଇଥିବା ବେଳେ ବସ୍ତା ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ଜିଲ୍ଲା ମଣ୍ଡଳୀ ପ୍ରମୁଖ କମଳ ଦାସ, ଜିଲ୍ଲା ମଣ୍ଡଳୀ ସଦସ୍ୟ ଫାଲ୍ଗୁନୀ ପାଣିଗ୍ରାହୀ, ପରମାନନ୍ଦ ମହାପାତ୍ର, ଅନିମା ପାଣିଗ୍ରାହୀ, ରାଧାକାନ୍ତ ଦାସ, ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ଟୋଲୀର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟରେ ଉତ୍ତର ବାଲେଶ୍ୱର ଜିଲ୍ଲା ମନ କି ବାତ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମୁଖ୍ୟ ଅତିଥି ପ୍ରଶଂସା କରିବା ସହ ଜିଲ୍ଲା ସଂଯୋଜକ ଓ ମଣ୍ଡଳୀ ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ କାଳିଚରଣ ଦାସ, ସମର କରଣ, ବରେନ୍ଦ୍ର ପରିଡ଼ା, ଅଞ୍ଜନ ଦାସ, ରଞ୍ଜିତ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ଶିବ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଖେଳ ଓ ଦୌଡ଼କୁଦ ପ୍ରତିଯୋଗିତା



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୮।୯ (ସମିସ) : ଜଳେଶ୍ୱର ବ୍ଲକର ସମସ୍ତ ସରକାରୀ ବିଦ୍ୟାଳୟର ଖେଳ ଓ ଦୌଡକୁଦ ପ୍ରତିଯୋଗିତା ଆଜି ଶାଳବଣୀ ସ୍ଥିତ ହରିଚରଣ ଏକାଡେମୀ ଖେଳପଡିଆରେ ଅନୁଷ୍ଠିତ ହୋଇ ଯାଇଛି। ୧୭ଟି କ୍ଲଷ୍ଟର ୪ଟି ଜୋନ୍‌ରୁ ୬ଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ଶହରୁ ଅଧିକ ପ୍ରତିଯୋଗୀଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଚୟନ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରୀୟ ଖେଳ ଆସନ୍ତା ୧୦ ତାରିଖରେ ଖେଳିବେ ବୋଲି ଜଣାଯାଇଛି। ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ବିଇଓ ଜଗବନ୍ଧୁ ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସମ୍ମାନିତ ଅତିଥି ଭାବେ ବିଆରସିସି ସୁଶାନ୍ତ ଜେନା, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ପ୍ରଧାନଶିକ୍ଷକ ହରେକୃଷ୍ଣ ଜେନା, ରଂଜନ ମହାନ୍ତି, ଖେଳ ସଂଯୋଜକ ହରମୋହନ ମହାନ୍ତ, ସରପଞ୍ଚ ଅଜୟ ମହାନ୍ତି, ଶିକ୍ଷକ ଚନ୍ଦାୟା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଆର୍‌ସିସି ସୁଶାନ୍ତ ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଡା. ଭୀଷ୍ମ ପରିଡା, ଡା. ଅଜୟ ଜେନା, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସରୋଜ ପାଣିଗ୍ରାହୀ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଡେଭିଡ ହାରଭେଟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ଛକ-ଜାମକୁଣ୍ଡା ରାସ୍ତା କାଦୁଅ ପଚପଚ

**ପ୍ରଶାସନ ଦୃଷ୍ଟି ନ ଦେଲେ ହେବ ଆନ୍ଦୋଳନ**

ବାଲିଆପାଳ, ୮।୯ (ସମିସ)




ଏହି ବ୍ଲକ ମଧୁପୁରା ପଞ୍ଚାୟତ ଖଗଡାପାଳ ଗ୍ରାମର ବ୍ଲକ ଛକରୁ ଜାମକୁଣ୍ଡା ମୁଖ୍ୟ ସଡ଼କକୁ ସଂଯୋଗ କରିଥିବା ରାସ୍ତା ଏବେ କାଦ ପଚ ପଚ ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ଏବେ କଷ୍ଟସାଧ ହୋଇଛି। ବ୍ଲକ ଅଫିସ ସମ୍ମୁଖରେ ଥିବା ଏହି ରାସ୍ତା ବିଷୟରେ ଦୀର୍ଘ ବର୍ଷ ଧରି କେହି ଟିକେ ଚିନ୍ତା ବି କରୁନାହାନ୍ତି। ବାଲିଆପାଳ ବ୍ଲକର ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଖଗଡ଼ାପାଳ, ଜାମକୁଣ୍ଡା, କାଳରୁଇ, ପଞ୍ଚରୁଖି, ଚୌଧୁରୀକୁଦ, ଚରବସ୍ତ କାଳରୁଇ, ମଧୁପୁରା, ମାଧପାଢୀ ଶାସନ ପ୍ରଭୃତି ଗ୍ରାମର ଲୋକମାନେ ଏହି ରାସ୍ତା ଦେଇ ବାଲିଆପାଳ ବ୍ଲକ ଛକକୁ ଆସିଥାନ୍ତି। ୧୯୯୮ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମ୍ୟ ସଂଯୋଗୀକରଣ ଯୋଜନାରେ ମେଟାଲିଂ ହୋଇଥିଲା ଓ ତା'ପରଠାରୁ ରାସ୍ତା ମରାମତି ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଦୃଷ୍ଟି ଦେଇ ନାହିଁ। ୨୦୧୩ ମସିହାରେ ଲୋକଙ୍କ ଦାବି ପରେ ପଞ୍ଚାୟତ ପକ୍ଷରୁ ରାସ୍ତାରେ ମୋରମ ବିଛା ଯାଇଥିଲା। ରାସ୍ତାର ଓସାର ୧୦୦ କଡ଼ିରୁ ଅଧିକ ରହିଥିବା ବେଳେ ଦୁଇ ପାଖରେ ଘର କରିଥିବା ଲୋକମାନେ ଏବେ ନୟନଯୋରିକୁ ନିଜ ଦଖଲକୁ ନେଇ ସାରିଲେଣି। ଫଳରେ ରାସ୍ତା ସଙ୍କୁଚିତ ହୋଇ ଗଲାଣି। କିଛି ମାସ ଧରି କ୍ରମାଗତ ଲଘୁଚାପ ବର୍ଷା ଯୋଗୁଁ ରାସ୍ତା ଯାକ କାଦୁଅ, ପାଣି ଓ ଖାଲ ଖମା ରେ ଭରି ହୋଇଛି। ରାସ୍ତା ଶୋଚନୀୟ ଯୋଗୁଁ ଯାନବାହାନ ଯିବା ଦୂରର କଥା ପାଦରେ ଚାଲି କରି ଯିବା ମଧ କଷ୍ଟକର ବ୍ୟାପାର ହୋଇଛି। ଯଦିବା ଗତ ନିର୍ବାଚନ ପୂର୍ବରୁ ମାତ୍ର ପଚାଶ ମିଟର କଂକ୍ରିଟ ରାସ୍ତା ଏତେ ଉନ୍ନତମାନର ହୋଇଛି ଯେ ତାହାବି ଗୋଟିଏ ବର୍ଷରେ ଚିପ୍ସ ଉଠିଯାଇ ଖାଲଖମା ହୋଇଗଲାଣି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ସୂଚନା ଫଳକରେ ଲେଖା ଥିବା ସୂଚୀ ଅନୁଯାୟୀ କାର୍ଯ୍ୟ ହୋଇନାହିଁ। ଏହି ରାସ୍ତା ଉପରେ ପାଖାପାଖି ୫ଟି ପଞ୍ଚାୟତର ଲୋକେ ଯିବା ଆସିବା କରନ୍ତି। ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୋଟ ଛୋଟ ପିଲାମାନେ ଯା ଆସ କରି ପାରୁ ନାହାଁନ୍ତି। ଏ ବାବଦରେ ତତ୍କାଳୀନ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲେ ଆଜିଯାଏ କୌଣସି ସମାଧାନ ହୋଇନାହିଁ। ଆଗାମୀ ଦିନରେ ଯଦି ରାସ୍ତାର ଉନ୍ନତିକରଣ କରା ନ ଯାଏ ତାହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନର ଚେତାବନୀ ଦେଇଛନ୍ତି।



ରାସ୍ତା ନିର୍ମାଣ ପ୍ରତି ଧ୍ୟାନ ଦେଉନି ପ୍ରଶାସନ

# ୫ ମାସ ହେଲା ଜଳବନ୍ଦୀ ୧୦ ପରିବାର

ରାଜଘାଟ, ୮।୯ (ସମିସ)





ସବୁ ଦିନିଆ ରାସ୍ତାଟିଏ ନ ଥିବାରୁ ବର୍ଷରେ ୫ ମାସ ଜଳବନ୍ଦୀ ହୋଇ ରହୁଛନ୍ତି ୧୦ ପରିବାର। ଅନେକ ଥର ଅଭିଯୋଗ ପରେବି ବଦଳୁ ନାହିଁ ସେମାନଙ୍କ ଭାଗ୍ୟ। ଏମିତି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଅଧିନସ୍ଥ ବାସୁ ଚକୁରୀ ପଞ୍ଚାୟତ ବସନ୍ତି ସାହିରେ। ଏହି ସାହିରେ ୧୦ଟି ଆଦିବାସୀ ପରିବାର ବସବାସ କରନ୍ତି। ଏହି ପରିବାର ଲୋକଙ୍କ ଯାତାୟାତ ପାଇଁ ଏଠାରେ ଜଳକା ନଦୀ ଆଡ଼ିକୁ ଲାଗି ଏକ ଚକ ରାସ୍ତା ଥିଲା। ମାତ୍ର ବାରମ୍ବାର ବନ୍ୟା ହେତୁ ଧିରେ ଧିରେ ଏହି ରାସ୍ତାଟି ନଦୀରେ ଧୋଇ ହୋଇ ଗଲା। ଯାହା ଫଳରେ ରାସ୍ତାଟିଏ ନ ଥିବାରୁ ଏହି ଲୋକ ମାନେ ଦୈନନ୍ଦିନ ଜୀବନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ ଏହି ଲୋକମାନେ ଲୋକଙ୍କ ବିଲବାଡ଼ି ଦେଇ ଯାତାୟାତ କରିଥାନ୍ତି। ମାତ୍ର ବର୍ଷାଦିନ ଏହି ଲୋକ ମାନଙ୍କ ପାଇଁ ଅଭିଶାପ ପାଲଟି ଯାଏ। ଆଉ ବନ୍ୟା ସମୟରେ ଦୁର୍ଦ୍ଦଶା କହିଲେ ନ ସରେ। ଗୋଟେ ପଟେ ଜଳକା ନଦୀ ତ ଗୋଟେ ପଟେ ଧାନ ବିଲ। ବର୍ଷା ଦିନେ ଘରୁ ବାହାରିବା ମୁସ୍କିଲ। ବର୍ଷା ଋତୁରେ ପିଲା ମାନଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହୁଏ। ୨୦ରୁ ଅଧିକ ପିଲା ବର୍ଷାଦିନେ ସ୍କୁଲ କି ଅଙ୍ଗନବାଡ଼ି ଯାଇ ପାରନ୍ତି ନାହିଁ ବୋଲି ଏହି ପରିବାର ଲୋକେ କହିଛନ୍ତି। ନଦୀ ମୁହଁକୁ ଲାଗି ଏହି ରାସ୍ତାଟି ଥିବାରୁ ୩୦୦ ମିଟର ଲମ୍ବର ଏକ କଂକ୍ରିଟ ୱାଲ କିମ୍ବା ପଥର ବନ୍ଧଟିଏ ନହେଲେ ଏଠାରେ କୌଣସି ବି ରାସ୍ତା ସ୍ଥାୟୀ ଭାବେ ରହିପାରିବ ନାହିଁ ବୋଲି ଏହି ସାହିର ଲୋକ ମାନେ କହିଛନ୍ତି। ଆଜିକୁ ୧୫ ବର୍ଷ ଧରି ଏହି ଲୋକମାନେ ବିଭିନ୍ନ ନେତାଠାରୁ ଆରମ୍ଭ କରି ଡ୍ରେନେଜ ଅଧିକାରୀ ମାନଙ୍କୁ ଅନେକ ଥର ନେହୁରା ହୋଇଥିଲେ ମଧ୍ୟ କୌଣସି ସୁଫଳ ପାଇ ନାହାନ୍ତି। ଏହି ସାହି ଠାରୁ ୩୦୦ ମିଟର ଦୂରରେ ପ୍ରଧାନମନ୍ତ୍ରୀ ସଡ଼କ ରହିଥିବା ବେଳେ ନଦୀବନ୍ଧ ନଥିବାରୁ ଏହି ସାହି ପର୍ଯ୍ୟନ୍ତ ତାହା ଯାଇ ପାରିନାହିଁ। ରାସ୍ତାଟିଏ ନଥିବାରୁ ଏହି ୧୦ ପରିବାର ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ଭଳି ସେବାରୁ ବଞ୍ଚିତ ହେବା ସହିତ ଛୋଟ ଛୋଟ ପିଲା ମାନେ

**ପ୍ରଭାବିତ ହେଉଛି ପିଲାଙ୍କ ପାଠପଢ଼ା**

ଠିକ୍ ଭାବେ ଅଙ୍ଗନବାଡ଼ି ଓ ସ୍କୁଲ ଯାଇ ପାରୁ ନାହାନ୍ତି। ଏଣୁ ପ୍ରଶାସନ ଏହି ପରିବାର ପ୍ରତି ସଦୟ ହୋଇ ରାସ୍ତା ନିର୍ମାଣ ପ୍ରତି ଧ୍ୟାନ ଦେବାକୁ ଲୋକେ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ଡ୍ରେନେଜ ବିଭାଗର ଯନ୍ତ୍ରୀ ହିମାଂଶୁ ମହାନ୍ତିଙ୍କୁ ପଚାରିବାରୁ ଏହି ପ୍ରକଳ୍ପର ଅନୁମୋଦନ ପାଇଁ ପଠାଯାଇଛି, ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୮।୯ (ସମିସ): ଆସନ୍ତା ଅକ୍ଟୋବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ "କଳାକାର" ପକ୍ଷରୁ ୨୬ ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଆୟୋଜିତ ହେବ। ଏ ନେଇ ତୃତୀୟ ପ୍ରସ୍ତୁତି ବସିଛି। ଇଚ୍ଛୁକ ବିଦ୍ୟାଳୟ ନାଟ୍ୟାନୁଷ୍ଠାନ ଓ୍ୱେବସାଇଟରୁ ନିୟମାବଳୀ ଡାଉନଲୋଡ୍ ସହ ଫର୍ମ ଆବେଦନ କରିପାରିବେ। ସଭାପତି ଡ. ଅମିତାଭ ଗିରିଙ୍କ ନୂଆ ବଜାରସ୍ଥିତ ବାସଭବନରେ ଆୟୋଜିତ ପ୍ରସ୍ତୁତି ବୈଠକରେ କମିଟିର କର୍ମକର୍ତ୍ତା ସହ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବୈଠକରେ ଡ. ଅମିତାଭ ଗିରି ଅଧ୍ୟକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ପୂର୍ବତନ ବିଧାୟକ ପ୍ରଶାନ୍ତ ପଣ୍ଡା, ଡା. ମଧୁମାଳା ଗିରି, ଅନୀଲ କୁମାର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାନ୍ତି, ବିପ୍ଳବ କୁମାର ମହାନ୍ତି, ଅଞ୍ଜନ କୁମାର ଦେ, ବିଷ୍ଣୁ ପ୍ରସାଦ ମହାନ୍ତି, ସଂଗ୍ରାମ ଦାସ, ବିଦ୍ୟୁତଜ୍ୟୋତି ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଡଂ ଶ୍ରୀରାମ କୁମାର ସିଂହ ବଜେଟ ଉପସ୍ଥାପନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ରଖିଥିଲେ। କାର୍ଯ୍ୟକାରୀ ସଭାପତି ସୌମ୍ୟ ରଞ୍ଜନ ପ୍ରଧାନ ପ୍ରାରମ୍ଭିକ ସୂଚନା ରଖିଥିବା ବେଳେ ଡା ଅସିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। 'କଳାକାର' ସଭାପତି ସୁରଞ୍ଜନ ଦାସମହାପାତ୍ର ଭିଡିଓ କଲ୍‌ରେ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୮।୯ (ସମିସ): ଅରୁଣ ଦେ ସ୍ମୃତି ପରିଷଦ ଓ ବାଲେଶ୍ୱର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ପରିଷଦର ମଲ୍ଲିକାଶପୁର କାର୍ଯ୍ୟାଳୟ ପରିସରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୫ରୁ ଅଧିକ ପୁରୁଷ, ମହିଳା ଏବଂ ଛାତ୍ରଛାତ୍ରୀ ନିଜର ଦାନ୍ତ, ଚକ୍ଷୁ ଓ ମଧୁମେହ ପରୀକ୍ଷା କରିଥିଲେ। ଆଗାମୀ ଦିନରେ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ପରିଷଦର ସାଧାରଣ ସମ୍ପାଦକ ରଞ୍ଜନ ବାଗ ପରିଚାଳନା କରିଥିଲେ। ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଅନୁସୂୟା ନାୟକ, ବିଶ୍ୱଜିତ ମହାପାତ୍ର, ଅଭିଜିତ ଦାସ, ବିନୋଦ ଜୀ, ଭୋଲାନାଥ ବେହେରା, ବୀରେନ୍ଦ୍ର ଦାସ, ସନ୍ତୋଷ ପଟ୍ଟନାୟକ, ଦେବେନ୍ଦ୍ର ଦାସ, ମଧୁସୂଦନ ବେହେରା, ଆଇନଜୀବୀ ଦୀପକ ଦାସ, କୁନ୍ଦନ ଦାସ, ଜୟନ୍ତ ମହାପାତ୍ର ଏବଂ ରୋଟାରୀ କ୍ଲବ ପକ୍ଷରୁ ସଭାପତି ରୋଟାରିଆନ ଦେବାଶିଷ ଦାସ, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ଦେବେନ୍ଦ୍ର ଧଳ, ବିଷ୍ଣୁଦାସ କୁଣ୍ଡୁ, ବିକ୍ରମଜିତ କର, ପ୍ରଶାନ୍ତ ମହାନ୍ତି, ସୁବ୍ରତ କର, ଲୋକମାତା ପରିଜା, ଗୀତାଞ୍ଜଳି ଶତପଥିଙ୍କ ସମେତ ଚିକିତ୍ସକ ଓ ଟେକ୍ନିସିଆନମାନେ ଶିବିରରେ ସହଯୋଗ କରିଥିଲେ।

## ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳନ

ବାଲେଶ୍ୱର, ୮।୯ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଷଷ୍ଠ ତମ 'ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଏଏନଏମ ତାଲିମ୍ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲା ତାଲିମ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରିଣୀ(ଡି ସି) ସୁଚିତ୍ରା ଜଗଦେଓଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟବକ୍ତା ଡାକ୍ତର ସଞ୍ଜୀବ ପ୍ରଧାନ ସ୍ୱଚ୍ଛ ବାୟୁ ନିମନ୍ତେ ଆମେ ପ୍ରତ୍ୟେକ ବୃକ୍ଷରୋପଣ, ସର୍ବସାଧାରଣ ପରିବହନ ବ୍ୟବହାର, ଗ୍ୟାସ୍‌ରେ ରୋଷେଇ କରିବା, ସୌର ଶକ୍ତିର ବ୍ୟବହାର ଉପରେ ମତବ୍ୟକ୍ତ କରିଥିଲେ। ଡାକ୍ତର ଅରୂପ ଅଭିଷେକ ପାୱାର ପଏଣ୍ଟ ମାଧ୍ୟମରେ ଅଂଶ ଗ୍ରହଣକାରୀଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଡାକ୍ତର ସୁଭାଜିତ୍ ମହାପାତ୍ର, ଡାକ୍ତର ରାଜେନ୍ଦ୍ର ସିଂ, ଅଣସଂକ୍ରାମକ ପରାମର୍ଶଦାତା ମୌସୁମୀ ସାମଲ ମତାମତ ରଖିଥିଲେ। ଅନିତା କୁଣ୍ଡୁ (ଅତିରିକ୍ତ ପରିଚାଳକ ଯୋଗାଯୋଗ) ଧନ୍ୟବାଦ ଅର୍ପଣ କରିଥିଲେ।

## କଳାକନା ବୁଲାଇଲେ ଦୁର୍ବୃତ୍ତ

ବାଲେଶ୍ୱର,୮।୯ (ସମିସ): ଘରେ କେହି ନ ଥିବା ସୁଯୋଗନେଇ ଚୋରାମାନେ ଘରର ତାଲାଭାଙ୍ଗି କଳାକନା ବୁଲାଇଦେଇଛନ୍ତି। ସଦର ଥାନା ସାରଗାଁ ଅଞ୍ଚଳର ଅରୁଣ କୁମାର ଦାସ ଆଜି ଦିନ ୧୧ଟାରେ ଝିଅର ଚିକିତ୍ସା ପାଇଁ ପରିବାର ସମେତ ବାଲେଶ୍ୱରକୁ ଆସିଥିଲେ। ଅପରାହ୍ଣ ଦୁଇଟାରେ ଘରକୁ ଫେରିବା ପରେ ସେ ଦେଖିବାକୁ ପାଇଥିଲେ ଯେ ତାଙ୍କ ଘରର ତାଲା ଭଙ୍ଗା ହୋଇଥିବା ବେଳେ ଆସବାବପତ୍ର ଏଣେତେଣେ ପଡିଛି। ଏପରିକି ଘର ମଧ୍ୟରେ ଥିବା ଆଲମିରା ମଧ୍ୟ ଭଙ୍ଗା ହୋଇଛି। ହେଲେ ଆଲମୀରା ମଧ୍ୟରେ ଥିବା ଗହଣା ଏବଂ ଟଙ୍କା ଆଦି ସବୁ ଚୋରି ହୋଇଯାଇଛି। ଏପରିକି ତାଙ୍କ ଘରର ତଳ ତାଲାରେ ରହୁଥିବା ଭାଇ ତରୁଣ କୁମାର ଦାସଙ୍କ ଘରର କବାଟ ମଧ୍ୟ ଭଙ୍ଗା ହୋଇ ଆଲମୀରାରୁ ଟଙ୍କା ମଧ୍ୟ ଚୋରି ହୋଇଯାଇଛି। ଏଣୁ ଏହି ଘଟଣାରେ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଲିଖିତ ଅଭିଯୋଗ କରିଛନ୍ତି।

## ଟ୍ରକ୍‌କୁ ପିଟିଲା କାର, ୩ ଗୁରୁତର

ସୋର, ୮।୯ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଟ୍ରକ ପଛରୁ ଏକ କାର ଧକ୍କା ଦେବା ଫଳରେ ୩ ଜଣ କାର ଯାତ୍ରୀ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବାଲେଶ୍ୱର ସୁନହଟ ଅଞ୍ଚଳର ସେକ ହମିଦ (୭୦), ସେକ ଅନୱାର (୪୫) ଏବଂ କଶୀଦା ବିବି (୪୦) ଏକ କାର ଯୋଗେ ଭୁବନେଶ୍ୱର ମେଡିକାଲ କାମରେ ଯାଉଥିଲେ। ଏହି ସମୟରେ ଉତ୍ତରେଶ୍ୱର ନିକଟରେ ଆଗରେ ଯାଉଥିବା ଟ୍ରକ ପଛରୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୩ ଜଣ ଯାକ କାର ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପୁଲିସ ଉଭୟ ଟ୍ରକ ଏବଂ କାରକୁ ଜବତ କରି ସୋର ଥାନାରେ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ରାସ୍ତା ଦୁରାବସ୍ଥା ପ୍ରତିବାଦରେ ଧାରଣା

ସୋର, ୮।୯ (ସମିସ): ସୋର ବାଗୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାର ମରାମତି କାର୍ଯ୍ୟ ଚାଲୁଅଛି। ଯାହାକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଏକ ମାସ ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ନିଷେଧ କରିଥିଲେ।



ମାତ୍ର ପଥର ମାଫିଆ ମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖାତିର ନକରି ଦିନ ରାତି ଅହରହ ପଥର ଗାଡି ଚଳାଉଛନ୍ତି। ଫଳରେ ରାସ୍ତାର ଅବସ୍ଥା ପୂର୍ବଠୁ ଅଧିକ ଖରାପ ହେବାରୁ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ୧୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଆଜି ଅପରାହ୍ଣ ୩ ଟାରେ ମାଣତ୍ରୀ ଛକ ନିକଟରେ ରାସ୍ତାରୋକ କରିଥିଲେ। ଖବର ପାଇ ସୋର ତହସିଲଦାର ଦୈତାରୀ ମଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଆସନ୍ତାକାଲିଠାରୁ ରାସ୍ତାକାମ ହେବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ। ଉକ୍ତ ରାସ୍ତାରେ ପଥର ବୋଝେଇ ଭାରିଯାନ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ତାମୁଲିଆ ଓଭରବ୍ରିଜ ଅଣଓସାରିଆ ଓ ନିର୍ମାଣ ତ୍ରୁଟିପୂର୍ଣ୍ଣ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଜାଗ୍ରତ ନାରୀ ସଂଗଠନ**

ବାଲେଶ୍ୱର,୮।୯ (ସମିସ): ବାଲେଶ୍ୱରର ତାମୁଲିଆ ଓଭରବ୍ରିଜକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ ହୋଇଥିଲା। ଯାହାକି ବାଲେଶ୍ୱରର ଦ୍ୱିତୀୟ ଉଡ଼ନ୍ତା ପୋଲ ଭାବେ ପରିଚିତ। ହେଲେ ଏହି ପୋଲର ତ୍ରୁଟିପୂର୍ଣ୍ଣ ନିର୍ମାଣ ଓ ଅଣଓସାରିଆ ହୋଇଥିବାରୁ ଆଜି ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ,ବାଲେଶ୍ୱର ସହରକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରହିଛି ତାମୁଲିଆ ଓଭରବ୍ରିଜ। ଏହି ପୋଲକୁ ଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନମାନ ରହିଛି। ଏହାଛଡା ଏହି ପୋଲ ଉପରେ ଦୈନିକ ହଜାର ହଜାର ଗାଡି ମୋଟର ଯିବା ଆସିବା କରୁଥିବା ବେଳେ ଶହଶହ ଛାତ୍ରଛାତ୍ରୀ ମଧ୍ୟ ଯାଉଛନ୍ତି। ହେଲେ ଏହି ପୋଲର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁ ବୟସ୍କ, ମହିଳାମାନେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏପରିକି ପ୍ରତିଦିନ ଏହି ପୋଲ ଉପରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଆଜିକୁ ୩ରୁ ୪ବର୍ଷ ହେବ ତାମୁଲିଆ ଉଡନ୍ତା ପୋଲ ନିର୍ମାଣ ହୋଇଛି। ହେଲେ ନିମ୍ନମାନର କାମ ହେବା ଫଳରେ ରାସ୍ତା ଖରାପ ହେବା ସହ ସରକାରୀ ଅର୍ଥକୁ ହଡ଼ପ କରି ଠିକାଦାରମାନେ ମାଲାମାଲ ହୋଇଛନ୍ତି। ଏଣୁ ଏଠାରେ ଆଉ ଏକ ଉଡ଼ନ୍ତା ପୋଲ ନିର୍ମାଣ କରାଯାଉ ବୋଲି ଦାବି କରାଯାଇଛି। ଏହାଛଡା ଆସନ୍ତା ଦୁର୍ଗାପୂଜା ପୂର୍ବରୁ ତାମୁଲିଆ ଉଡନ୍ତା ପୋଲ ମରାମତି କରାଯିବାକୁ ଦାବି ମଧ୍ୟ କରାଯାଇଛି। ଏଣୁ ଯଦି ଏହି କାର୍ଯ୍ୟ ଶିଘ୍ର କରାନଯାଏ ତେବେ ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଣଧାରଣା ଦିଆଯିବ ବୋଲି ମଧ୍ୟ ଚେତାବନି ଦିଆଯାଇଛି ବୋଲି ସଂଗଠନର ସମ୍ପାଦିକା ମମତା ଦାସଙ୍କ ସହ ଅନ୍ୟମାନେ କହିଛନ୍ତି।

## ଏଲ୍‌ଆଇସି ବାଲେଶ୍ୱର ଶାଖାରେ କୀର୍ତ୍ତିମାନ ଦିବସ



ବାଲେଶ୍ୱର, ୮।୯ (ସମିସ): ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ପକ୍ଷରୁ ସମଗ୍ର ଦେଶରେ କୀର୍ତ୍ତିମାନ ଦିବସ ପାଳିତ ହେଉଥିବାବେଳେ ବାଲେଶ୍ୱର ଶାଖାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଗମର ପୂର୍ବ ମଧ୍ୟ କ୍ଷେତ୍ର ଆଞ୍ଚଳିକ ପ୍ରବନ୍ଧକ ଅରିନ୍ଦ୍ରଜିତ୍ ସିକଦାର ଯୋଗ ଦେଇ ଦେଶର ବୀମା କ୍ଷେତ୍ରରେ ଭାରତୀୟ ଜୀବନ ବୀମା ନିଗମର ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ଜାନୁଆରୀ ୨୦ ତାରିଖର ୨୪ ଘଣ୍ଟା ମଧ୍ୟରେ ସମଗ୍ର ଦେଶରେ ୫,୮୮,୧୦୭ ବୀମା ବିକ୍ରି କରି ଏହି ସଂସ୍ଥା ସ୍ୱତନ୍ତ୍ର ମାଇଲଖୁଣ୍ଟ ସ୍ଥାପନ କରିବା ସହ ଗିନିଜ ବୁକ୍ ଅଫ ୱାଲ୍‌ଡ଼ ରେକର୍ଡରେ ସ୍ଥାନ ପାଇଛି ବୋଲି ବୋଲି ଶ୍ରୀ ସିକଦାର ପ୍ରକାଶ କରିଥିଲେ। ସେଇଥି ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ଅଭିକର୍ତ୍ତାଙ୍କୁ ନିଗମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ ଚକ୍ରବର୍ତ୍ତୀ ଏହି କୀର୍ତ୍ତିମାନ ସମାରୋହରେ ଅଧ୍ୟକ୍ଷତା କରିବା ସହ ଭାରତୀୟ ଜୀବନ ବୀମା ନିଗମ ନିଜର କାର୍ଯ୍ୟଦକ୍ଷତା ବଳରେ ଦୀର୍ଘ ୬୯ ବର୍ଷ ଧରି ଭାରତ ସରକାରଙ୍କ ଏକ ପ୍ରମୁଖ ବିତ୍ତୀୟସଂସ୍ଥା ହିସାବରେ ଅନେକ କୀର୍ତିମାନ ସ୍ଥାପନ କରିଛି ବୋଲି କହିଥିଲେ। ଦେଶର ସାଢ଼େ ୪ ଲକ୍ଷରୁ ଅଧିକ ଅଭିକର୍ତ୍ତାଙ୍କୁ ସମ୍ମାନିତ କରା ଯାଇଥିବାବେଳେ ଏଥିରେ ବାଲେଶ୍ୱର ଜିଲାର ୯୦୧ ଜଣ ଅଛନ୍ତି ବୋଲି ମୁଖ୍ୟ ପ୍ରବନ୍ଧକ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ନିଗମର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ଅଭିକର୍ତ୍ତା ଉପସ୍ଥିତ ଥିଲେ।

## ବ୍ରାଉନସୁଗର ସହ ବାଇକ୍ ଜବତ, ଯୁବକ ଗିରଫ



ଚନ୍ଦନେଶ୍ୱର, ୮।୯ (ସମିସ): ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରଠାରେ ଆଜି ସୋମବାର ସକାଳେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ସୀମାରେ ନାକାବନ୍ଦୀ ତନଖି ଚାଲିଥିବା ବେଳେ ଏକ ବାଇକ ଦ୍ରୁତ ଗତିରେ ପଳାଇଯାଉଥିବାବେଳେ ତାଳସାରୀ ସାମୁଦ୍ରିକ ଥାନାର କର୍ମଚାରୀମାନେ ଉକ୍ତ ବାଇକ ସହ ଯୁବକକୁ କାବୁ କରିବା ସହିତ ଉକ୍ତ ଯୁବକ ପାଖରୁ ୩୦ ଗ୍ରାମ ଓ ୪୫୦ ମିଲିଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ଉକ୍ତ ଯୁବକର ନାମ ଦିବାକର ନାୟକ (୨୫) ତାର ଘର କମର୍ଦ୍ଦା ଥାନା ଅନ୍ତର୍ଗତ କସବା କମର୍ଦ୍ଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ବୋଲି ଜଣାପଡିଛି। ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଛନ୍ତି।

## ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଯୁବକ ମୃତ

ବାଲେଶ୍ୱର, ୮।୯ (ସମିସ): ରବିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଜଣକର ମୃତ୍ୟୁ ଘଟିଛି। ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜରକାପଦାଠାରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଖନ୍ତାପଡ଼ା ବ୍ଲକ ବର୍ତ୍ତନା ଅଞ୍ଚଳର ବାପୁନ ଖିଲାର (୨୭) ଗୁରୁତର ଆହତ ହୋଇଥିଲେ। ବାପୁନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଶିଳ୍ପାଞ୍ଚଳ ଥାନାଧିକାରୀ ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି।

## ମୋବାଇଲ୍ ଲୁଟେରା ଧରାପଡ଼ିଲା

ବାଲେଶ୍ୱର, ୮।୯ (ସମିସ): ଆରପିଏଫ ପୋଷ୍ଟ/ବାଲେଶ୍ୱରର ଅଧିକାରୀ ଏବଂ କର୍ମଚାରୀଙ୍କ ଟିମ୍ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଷ୍ଟ ଇନଚାର୍ଜଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ରେଳ ଷ୍ଟେସନରେ ଏକ ଟିଓପିବି (ଟ୍ରେନ୍ ଏବଂ ଷ୍ଟେସନ ସମ୍ପତ୍ତି ଅପରାଧ ଏବଂ ଯାତ୍ରୀ ସୁରକ୍ଷା) ଅଭିଯାନ କରିଥିଲେ। ଅଭିଯାନ ସମୟରେ ପ୍ରାୟ



୧୨:୧୦ ସମୟରେ, ପ୍ଲାଟଫର୍ମ ନମ୍ବର ୧ ର ଖଡ଼ଗପୁର ଶେଷ ଭାଗରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହଜନକ ଭାବରେ ଗତି କରୁଥିବାର ଦେଖାଯାଇଥିଲା। ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା ଏବଂ ପଚରାଉଚରା ପରେ ସେ ତାଙ୍କ ପରିଚୟ ଏସ୍.କେ. ସୁକୁରୁଦ୍ଦିନ (୨୮ ବର୍ଷ), ଆରଦ ବଜାର, ପିଏସ୍-ସହଦେବଖୁଣ୍ଟା ବୋଲି ପ୍ରକାଶ କରିଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ଗୋଟିଏ ଆଣ୍ଡ୍ରୋଏଡ୍ ମୋବାଇଲ୍ ଫୋନ୍ (ପ୍ରାୟ ୨୮ ହଜାର ମୂଲ୍ୟ) ଜବତ କରାଯାଇଥିଲା। ପଚରାଉଚରା ସମୟରେ, ବ୍ୟକ୍ତି ଜଣକ ସ୍ୱୀକାର କରିଛନ୍ତି ଯେ ସେ ସେହି ଦିନ ପୂର୍ବରୁ ବାଲେଶ୍ୱର ୟାର୍ଡରେ ଏକ ଚଳନ୍ତା ଯାତ୍ରୀବାହୀ ଟ୍ରେନ୍‌ରୁ ଉକ୍ତ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ ବିଏନ୍ ଏସ୍ ଏସ୍ ୨୦୨୩ ର ବ୍ୟବସ୍ଥା ଅନୁଯାୟୀ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଘଟଣାସ୍ଥଳରୁ ଜବତ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଅଭିଯୁକ୍ତଙ୍କୁ ଜିଆରପିଏସ୍/ବାଲେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା।

## ଦୁଇମାସ ହେବ ମିଳିନି ରାସନ ସାମଗ୍ରୀ



ବାଲେଶ୍ୱର,୮।୯ (ସମିସ): ଦୁଇମାସ ହେବ ରାସନ ସାମଗ୍ରୀ ରୁପସା ଥାନା ଅନ୍ତର୍ଗତ ମିର୍ଗମୁଣ୍ଡି ଅଂଚଳର ହିତାଧିକାରୀ ଶ୍ରୀହରି ପରିଡାଙ୍କୁ ମିଳିନଥିବା ନେଇ ଆଜି ଜିଲ୍ଲାପାଳଙ୍କ ଠାରେ ସେ ଅଭିଯୋଗ କରିଛନ୍ତି। କସିପଦା ଅଂଚଳର ବଂଶୀଧର ପରିଡାଙ୍କ ଠାରୁ ଶ୍ରୀହରି ତାଙ୍କର ରାସନ ସାମଗ୍ରୀ ପ୍ରତିମାସରେ ନିଅନ୍ତି। ହେଲେ ଗତଦୁଇ ମାସ ହେବ ତାଙ୍କୁ ରାସନ ସାମଗ୍ରୀ ମିଳିନାହିଁ। ଏପରିକି ତାଙ୍କ ଖାତାରେ ପଡିନଥିବା ବେଳେ ସେ ଉକ୍ତ ସାମଗ୍ରୀ ନେଇଛନ୍ତି ବୋଲି କଂଟ୍ରୋଲ ଦୋକାନୀ କହୁଛନ୍ତି। ଘଟଣାର ସଠିକ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଶ୍ରୀହରି ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୮।୯ (ସମିସ): ସ୍ଥାନୀୟ ଅନନ୍ୟା ରେସିଡେନେସି ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ତିନି ଦିନିଆ ଜିଲ୍ଲା ସ୍ତରୀୟ କର୍ମଶାଳା ଉଦଯାପିତ ହୋଇଯାଇଛି। ପି.ଏ ଆଇଟିଡିଏ, ନୀଳଗିରି, କାରୁ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ୮୦ଟି ୩ଟି ଗ୍ରାମର ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କାର୍ଯ୍ୟକାରୀ ହେବା ସମ୍ପର୍କରେ ଅବଗତ କରାଇଥିଲେ। ମାଷ୍ଟର ଟ୍ରେନର ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳଗିରି, ଜିଲ୍ଲା ମଙ୍ଗଳ ଅଧିକାରିଣୀ ବାଲେଶ୍ୱର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅକାରୀ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଏଫ୍‌ଏମ୍‌ୟୁରେ ପାଠ୍ୟକ୍ରମ ପୁନଃସଜ୍ଜୀକରଣ କର୍ମଶାଳା

ବାଲେଶ୍ୱର, ୮।୯ (ସମିସ)



ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ପାଠ୍ୟକ୍ରମ ପୁନଃ-ସଜ୍ଜୀକରଣ ଉପରେ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆଞ୍ଚଳିକ ଶିକ୍ଷା ସାଧନ କେନ୍ଦ୍ର, ଭୁବନେଶ୍ୱରର୍ ଅଧ୍ୟକ୍ଷ ଏସ. ସି ପଣ୍ଡା ଯୋଗଦେଇ ପାଠ୍ୟଖସଡ଼ା ପ୍ରସ୍ତୁତି ବିଷୟରେ ସୂଚନା ପ୍ରଦାନ କରିଥିଲେ। ପରେ ବକ୍ତା ଭାବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଝାଡ଼ଖଣ୍ଡର ପ୍ରାଧାପକ ଓ ଡିନ, ପ୍ରଫେସର ତପନ କୁମାର ବସନ୍ତିଆ ଯୋଗଦେଇ ପାଠ୍ୟଖସଡ଼ା ପ୍ରସ୍ତୁତିର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଉଦଘାଟନୀ ପର୍ବର ସମାପ୍ତିରେ ଶିକ୍ଷା ବିଭାଗର ସହକାରୀ ପ୍ରାଧାପକ ଡ. ରଞ୍ଜନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଏସ . ସି. ପଣ୍ଡା ନୂତନ ଶିକ୍ଷା ନୀତି ୨୦୨୦ ପାଇଁ ଶିକ୍ଷଣ ଶିକ୍ଷା ପାଠ୍ୟକ୍ରମର ପୁନଃସଜ୍ଜୀକରଣ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ବସନ୍ତିଆ ମଧ୍ୟ ପାଠ୍ୟଖସଡ଼ା ପ୍ରସ୍ତୁତି ଓ ତାହାର ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କ ବୟସ ଓ ସ୍ତର ଅନୁସାରେ ପାଠ୍ୟଖସଡ଼ା ପ୍ରସ୍ତୁତିର ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ପାଠ୍ୟଖସଡ଼ାର ପୁନଃସଜ୍ଜୀକରଣ କିପରି ଶିକ୍ଷାର ମାନ ବୃଦ୍ଧି କରିପାରିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଛାତ୍ରୀ ସାଧନା କୁଣ୍ଡୁ ଧନ୍ୟବାଦ ଅର୍ପଣ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ଗରମ ଟ୍ରମ୍ପ ନରମ

ଟ୍ରମ୍ପ ଓ ମୋଦୀଙ୍କ ମତ ବିନିମୟରୁ ସକାରାତ୍ମକ ସଂପର୍କର ଆଭାସ ନେଇ କୂଟନୈତିକ ମହଲ ବେଶ ଆଶାବାଦୀ। ଟ୍ରମ୍ପ ସ୍ୱୀକାର କରନ୍ତୁ ବା ନ କରନ୍ତୁ ତାଙ୍କର ଭାରତ ବିରୋଧୀ କଟୁମନ୍ତବ୍ୟ ଓ ଅତିରିକ୍ତ ଟାରିଫ ଘୋଷଣା ଭାରତକୁ ବାଧ୍ୟ କରିଛି ବିକଳ୍ପ ମଞ୍ଚକୁ ଆଦରି ନେବା ପାଇଁ। ସାଂଘାଇ ସହଯୋଗ ସଂଗଠନର ଶିଖର ସମ୍ମିଳନୀରେ ଯୋଗଦେଇ ମୋଦୀ ରୁଷ ରାଷ୍ଟ୍ରପତି ପୁଟିନ ଓ ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ନିକଟବର୍ତ୍ତୀ ହୋଇଛନ୍ତି। ଆମେରିକା ବିରୋଧୀ କୂଟନୈତିକ ମଞ୍ଚକୁ ମୋଦୀଙ୍କ ଉପସ୍ଥିତି ବଳ ଦେଇଛି। ବିଶ୍ୱ କୂଟନୈତିକ ମହଲ ଭଲଭାବରେ ଜାଣେ ଯେ ଚୀନ, ଭାରତର ସ୍ୱାଭାବିକ ସହଯୋଗୀ ନୁହେଁ। ଦୁଇ ଦେଶର ସୀମାକୁ ନେଇ କ୍ରମାଗତ ଉତ୍ତେଜନା ଲାଗି ରହିଥିବା ବେଳେ ପଡ଼ୋଶୀ ଶତ୍ରୁ ରାଷ୍ଟ୍ର ପାକିସ୍ତାନକୁ ଚୀନର ସହଯୋଗିତା ଓ ସହଭାଗିତାକୁ ଭାରତ କୌଣସି ପରିସ୍ଥିତିରେ ବରଦାସ୍ତ କରେ ନାହିଁ। ଟ୍ରମ୍ପ ମଧ୍ୟ ପାକିସ୍ତାନ ପ୍ରତି କୋହଳ ଓ ନରମ ମନୋଭାବ ଘୋଷଣା କରି ସଂପର୍କର ଯେଉଁ ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି ତାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତକୁ କ୍ଷୁବ୍ଧ ଓ ଅସନ୍ତୁଷ୍ଟ କରିବା। ଏଭଳି ଏକ କୂଟନୈତିକ ଛକାପଞ୍ଝା ମଧ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭାରତ।

ଭାରତର ବିଶାଳ ବଜାର ଓ ପ୍ରଭାବୀ ଭୂମିକାକୁ ବିଚାର କଲେ ଦକ୍ଷିଣ ଏସିଆରେ ଆମେରିକାର ସହଯୋଗୀ ହେବାର ଶକ୍ତି ତଥା ସାମର୍ଥ୍ୟ ରଖିଛି। ବ୍ୟକ୍ତିଗତ ଦ୍ୱେଷ ଓ କ୍ଷୋଭକୁ ଭିତ୍ତିକରି ରାଷ୍ଟ୍ରୀୟ ବୃହତ୍ତର ସ୍ୱାର୍ଥକୁ ବଳି ପକାଯାଏନି। ବିଳମ୍ବରେ ଏକଥା ବୁଝିଛନ୍ତି ଟ୍ରମ୍ପ। ତେଣୁ ତାଙ୍କ ଚରମ ସ୍ୱଭାବ ଏବେ ନରମିଛି। ଭାରତ ବିରୋଧୀ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଯାଇ ସେ କହିଛନ୍ତି ସେ ସର୍ବଦା ପ୍ରଧାନମନ୍ତ୍ରୀ ମୋଦୀଙ୍କ ବନ୍ଧୁ ଭାବେ ରହିବେ। ସେ ଜଣେ ମହାନ ପ୍ରଧାନମନ୍ତ୍ରୀ। ପ୍ରତ୍ୟୁତ୍ତରରେ ଦୁଇ ଦେଶ ମଧ୍ୟରେ ସହଭାଗିତା ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ। ଟ୍ରମ୍ପଙ୍କ ପୋଷ୍ଟର ଉତ୍ତରରେ ସେ କହିଛନ୍ତି ଯେ 'ଆମ ସଂପର୍କର ସକାରାତ୍ମକ ମୂଲ୍ୟାଙ୍କନକୁ ଗଭୀର ପ୍ରଶଂସା କରିବା ସହ ସମାନ ଭାବନା ଓ ମନୋଭାବ ସେ ପୋଷଣ କରନ୍ତି। ଦୁଇ ଦେଶ ମଧ୍ୟରେ ସହଯୋଗିତାର ବ୍ୟାପକ ସୁଯୋଗ ଆଗକୁ ରହିଛି।'

ଏସବୁ ସତ୍ତ୍ୱେ ରୁଷରୁ ତୈଳ ଆମଦାନୀ ଓ ବ୍ରିକ୍ସରେ ସକ୍ରିୟ ଭୂମିକା ନେଇ ଆମେରିକା ନିଜର ଅସନ୍ତୋଷକୁ ଭାରତ ଉପରେ ଜାହିର କରିଚାଲିଛି। ତେବେ ପରିବର୍ତ୍ତିତ ସକାରାତ୍ମକ ସଂପର୍କର ପୃଷ୍ଠଭୂମିରେ ମୋଦୀ ଯଥାସମ୍ଭବ କୂଟନୈତିକ ବିବାଦରୁ ଦୂରେଇ ରହିବା ସକାଶେ ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ଯୋଗ ନଦେବାକୁ ସ୍ଥିର କରିଛନ୍ତି। ସେପ୍ଟେମ୍ବର ୨୬ରେ ସେ ନିଜର ବକ୍ତବ୍ୟ ରଖିବା ଲାଗି ସ୍ଥିର ହୋଇଥିଲା। ଏବେ ତାଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ଦ୍ୱିତୀୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଟ୍ରମ୍ପ ପ୍ରଥମ ଥର ଜାତିସଂଘ ସାଧାରଣ ଅଧିବେଶନରେ ଭାଷଣ ଦେବେ। ରୁଷ-ୟୁକ୍ରେନ ଯୁଦ୍ଧ ପୃଷ୍ଠଭୂମିରେ ତାଙ୍କର ଆକ୍ଷେପ ଓ ଆଭିମୁଖ୍ୟ ଉପରେ ଭାରତ ସ୍ୱାଭାବିକ ଭାବେ ସତର୍କ ଦୃଷ୍ଟି ରଖିଛି। ସମୟ କହିବ, ଦ୍ୱିପାକ୍ଷିକ ବାଣିଜ୍ୟିକ ସଂପର୍କ ଆଗକୁ କେଉଁ ରୂପ ନେବ।

## ହାରାହାରି ଆୟୁ ବଢୁଛି

ଦେଶରେ ଦିନକୁ ଦିନ ବୟସ୍କଙ୍କ ସଂଖ୍ୟା ବଢୁଛି। ବର୍ଦ୍ଧିତ ହାରାହାରି ଆୟୁସୀମାରୁ ସ୍ପଷ୍ଟ ଯେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ଓ ସରକାରୀ ସ୍ତରରେ ବୀମା ପ୍ରଚଳନର ସୁଫଳ ଅନୁଭୂତ ହେଉଛି। ହୋଇପାରେ ବୀମା କଂପାନୀ ଓ କର୍ପୋରେଟ ହସ୍ପିଟାଲ ସହଭାଗିତାରେ ଏହି ଅର୍ଥ ବାଟ ମାରଣା ହୋଇଛି। ଏସବୁ ସତ୍ତ୍ୱେ ସ୍ୱାସ୍ଥ୍ୟ ବୀମା ବୟସ୍କଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସହଜ ଓ ସରଳ କରିଛି। ରେଜିଷ୍ଟ୍ରାର ଜେନେରାଲ୍ ଅଫ୍ ଇଣ୍ଡିଆ(ଆରଜିଆଇ)ଙ୍କ ରିପୋର୍ଟରୁ ପ୍ରକାଶ ଯେ ଭାରତୀୟ ପୁରୁଷଙ୍କ ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାଙ୍କ ୭୨.୫ ବର୍ଷରେ ପହଞ୍ଚିଛି। ଅପେକ୍ଷାକୃତ ସଚେତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ସମର୍ଥ ରାଜ୍ୟ କେରଳ ଓ ଦିଲ୍ଲୀରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ଓ ୭୪ ବର୍ଷ। ଏହି ପରିସଂଖ୍ୟାନ ଉଲ୍ଲେଖ କଲା ବେଳେ ସ୍ୱାଭାବିକ ଭାବେ ଜାପାନ, ଚୀନ ଓ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଆମେ ଭାରତକୁ ତୁଳନା କରିପାରିବା। ତେବେ ଭାରତକୁ ଯୁବକଙ୍କ ଦେଶ ଓ ମାନବ ସମ୍ବଳ ଦୃଷ୍ଟିରୁ ବ୍ୟାପକ ସୁବିଧା ଓ ସୁଯୋଗ ରହିଛି ବୋଲି ଯେଉଁ ଦାବି କରାଯାଉଥିଲା ତାହା କ୍ରମେ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି। ପ୍ରଜନନ କ୍ଷମତା ହ୍ରାସ ଏହାର ଅନ୍ୟତମ କାରଣ।

ଆରଜିଆଇଙ୍କ ତଥ୍ୟାନୁଯାୟୀ ପ୍ରତି ୧୦ ଜଣ ଭାରତୀୟଙ୍କ ମଧ୍ୟରେ ଜଣଙ୍କର ବୟସ ଅନ୍ତତଃ ୬୦ ବର୍ଷରୁ ଉର୍ଦ୍ଧ୍ୱରେ। ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୬.୪ ପ୍ରତିଶତ। ୨୦୧୧ ଜନଗଣନା ପରେ ଏଥିମଧ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ପ୍ରାୟ ୧ ପ୍ରତିଶତ ବଢିଛି। କେରଳରେ ବରିଷ୍ଠ ନାଗରିକଙ୍କ ହାର ୧୫.୧ ପ୍ରତିଶତ ହୋଇଛି। ଏହା ପଛକୁ ତାମିଲନାଡୁରେ ୧୪ ପ୍ରତିଶତ ଓ ହିମାଚଳରେ ୧୩.୨ ପ୍ରତିଶତ ରହିଛି।

ବୟସ୍କଙ୍କ ସଂଖ୍ୟା ଅନୁପାତିକ ଭାବେ ବୃଦ୍ଧି ପାଇ ଯୁବ ସମ୍ବଳ ହ୍ରାସ ଧାରା ଜାରି ରହିଲେ ଦେଶର ଅର୍ଥନୀତି ଉପରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ସମାଜତତ୍ତ୍ୱବିତ୍‌ମାନେ ଯେଉଁ ଆଶଙ୍କା ପ୍ରକାଶ କରିଛନ୍ତି ତାହା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ନିଯୁକ୍ତି ଓ ଉପାର୍ଜନ ଅଭାବରୁ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ଓ ଅସନ୍ତୋଷର କାୟା ବିସ୍ତାରକୁ ଅନ୍ତତଃ ଏହା ହ୍ରାସ କରିପାରିବ। ବେରୋଜଗାର ଯୁବସମ୍ବଳ ସରକାରଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛନ୍ତି। ସେହିଭଳି ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସ୍ୱାସ୍ଥ୍ୟ ସେବା, ପେନସନ ଓ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ସରକାରଙ୍କୁ ଅଧିକରୁ ଅଧିକ ଧ୍ୟାନ ଦେବାକୁ ପଡିବ।

ଏହି ତର୍ଜମା ଓ ଆଲୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବା ପୂର୍ବରୁ ଏକଥା କୁହାଯାଇପାରେ ଯେ ଆଗାମୀ ଜନଗଣନା ରିପୋର୍ଟ ହିଁ କହିବ ସ୍ଥିତି କଣ। ଦେଶର ଅର୍ଥନୈତିକ ପ୍ରଗତି ଓ ପରିବର୍ଦ୍ଧିତ କାର୍ଯ୍ୟଧାରାକୁ ସମ୍ଭାଳିବା ପାଇଁ ପର୍ଯ୍ୟାପ୍ତ ଯୁବ ସମ୍ବଳ ରହିଛି। ସେମାନଙ୍କୁ ମାର୍ଗଦର୍ଶନ କରାଇବାରେ ବୃଦ୍ଧି ପାଉଥିବା ବୟସ୍କଙ୍କ ଅଭିଜ୍ଞତା ଓ ଦୂରଦୃଷ୍ଟି ବିଶେଷ ଭାବରେ ସହାୟକ ହେବ।

# କେତେ ସ୍ୱାଧୀନ ଆମ ଗଣମାଧ୍ୟମ

**ଗୋଧନେଶ୍ୱର ହୋତା**

ବୁଦ୍ଧଜାତକର ଏକ ଜଣାଶୁଣା କାହାଣୀ ହେଲା ଏକଦା ବୋଧିସତ୍ତ୍ୱ ଜଣେ ରାଜକୁମାର ରୂପେ ଜନ୍ମ ନେଇ ସର୍ବଦା ଚୁପ୍ ରହୁଥିଲେ। ସେଥିପାଇଁ ତାଙ୍କ ବାପା-ମା'ଙ୍କର ଦୁଃଖର ସୀମା ନଥିଲା। ଦିନେ ରାଜକୁମାର ବଗିଚାରେ ଧ୍ୟାନରତ ଥିବା ବେଳେ ଗୋଟିଏ ପକ୍ଷୀର କାକଳିରେ ବିରକ୍ତ ହୋଇପଡ଼ିଲେ। ତାଙ୍କ ସୁରକ୍ଷାରେ ଥିବା ରକ୍ଷୀ ପକ୍ଷୀଟି ପ୍ରତି ତୀରଟିଏ ନିକ୍ଷେପ କଲା। ପକ୍ଷୀଟି ତଳେ ପଡ଼ି ଛଟପଟ ହେବାରୁ ରାଜକୁମାର ତାକୁ ଆଉଁସି କହିପକାଇଲେ - 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ରାଜକୁମାର କଥା କହିବାର ଶୁଣି ରକ୍ଷୀଟି ଦୌଡ଼ିଯାଇ ରାଜାରାଣୀଙ୍କୁ ସେ ସୁଖବର ଦେଲା। ଦୌଡ଼ି ଆସିଲେ ରାଜାରାଣୀ, ପାତ୍ରମନ୍ତ୍ରୀ। କିନ୍ତୁ ସେତେବେଳକୁ ରାଜକୁମାର ଯଥାପୂର୍ବକ ନିରବ। ରାଜା ରକ୍ଷୀକୁ ଶୂଳିରେ ଚଢ଼ାଇବା ପାଇଁ ଆଦେଶ ଦେବାରୁ ବିଚାରା ରକ୍ଷୀ ପ୍ରତି କରୁଣା ପରବଶ ହୋଇ ତାକୁ ମିଥ୍ୟାବାଦୀ ଅପବାଦରୁ ରକ୍ଷା କରିବା ନିମନ୍ତେ ବୋଧିସତ୍ତ୍ୱ ଦ୍ୱିତୀୟ ଓ ଶେଷଥର ପାଇଁ ରକ୍ଷୀକୁ ଲକ୍ଷ୍ୟ କରି କଥା କହିଲେ, 'ତୁ ମୁହଁ ଖୋଲିବାରୁ ସିନା ଏ ଯାତନା ପାଇଲୁ।' ବର୍ତ୍ତମାନ ଦେଶରେ ସାଧାରଣ ଜନତାଙ୍କ ସ୍ଥିତି ଠିକ୍ ଏମିତି। ମୁହଁ ଖୋଲିଲେ ବିପଦ।

ଆମ ସ୍ୱାଧୀନତା ରକ୍ଷା କରିବାରେ ଗଣମାଧ୍ୟମର ଭୂମିକା କ'ଣ ହେବା ଉଚିତ୍? ୧୯୭୫ରେ ଆମେ ଦେଖିଲେ ଯେ ଗଣମାଧ୍ୟମ ଉପରେ ବହୁତ କଟକଣା ଲାଗିଥିଲା ଏବଂ ଆଜି ମଧ୍ୟ ଆମ ସାମାଜିକ-ରାଜନୈତିକ ଦୃଶ୍ୟପଟରେ ଗଣମାଧ୍ୟମ କ'ଣ ଏତେ ସ୍ୱତନ୍ତ୍ର ରହିଛି ଯେ ଆମ ସ୍ୱତନ୍ତ୍ରତାକୁ ସୁରକ୍ଷା ଦେଇପାରିବ! ଆମ ଦେଶରେ ଗଣମାଧ୍ୟମ ଅନ୍ୟଦେଶ ତୁଳନାରେ କେତେ ସ୍ୱତନ୍ତ୍ର ତାହା ଆନ୍ତର୍ଜାତିକ ରିପୋର୍ଟ ଭିତ୍ତିରେ ହିଁ ନିର୍ଦ୍ଧାରଣ କରାଯାଇପାରିବ। ଗୋଟିଏ ସଂସ୍ଥା ଅଛି 'ରିପୋର୍ଟର ଉଇଦାଉଟ୍ ବର୍ଡର।' ତାହାର ରିପୋର୍ଟ ମତେ ୧୮୦ଟି ଦେଶ ମଧ୍ୟରେ ସ୍ୱାଧୀନତା ପ୍ରସଙ୍ଗରେ ଆମ ଗଣମାଧ୍ୟମର ସ୍ଥାନ ୧୫୧। ଅବଶ୍ୟ ଆମ ତଳେ ରହିଛି ଚୀନ୍, ପାକିସ୍ତାନ ଓ ଆଫ୍‌ଗାନିସ୍ତାନ। କିନ୍ତୁ ନେପାଳ ୯୦ ଓ ବାଂଲାଦେଶ ୧୪୦ ସ୍ଥାନରେ ଆମଠାରୁ ଭଲରେ ରହିଛନ୍ତି।

ଗଣମାଧ୍ୟମର ସ୍ୱାଧୀନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୬୧ (କ) ଯୋଡ଼ା ଯାଇଥିଲା। ପରେ ଅବଶ୍ୟ ଏହାକୁ ଅଳ୍ପ ସମୟ ପାଇଁ ହଟାଇ ଦିଆଯାଇଥିଲା। ଦେଶ ଚଳାଉଥିବା ଲୋକଙ୍କ ସର୍ବଦା ଏତିକି ଉଦାରଭାବ ରହିବା ଉଚିତ୍ ନିଜ ସମାଲୋଚନାକୁ ଆଗ୍ରହର ସହିତ ଶୁଣିବାକୁ। ଗଣମାଧ୍ୟମ କିପରି ସ୍ୱାଧୀନ ରହିଥାଏ ଏବଂ ତାହାର ପରିମାପ କ'ଣ ତାହା ଯଦି ଦେଖାଯାଏ ତେବେ ଯେଉଁ ସବୁ ବଡ଼ ବଡ଼ ଗଣମାଧ୍ୟମ କେନ୍ଦ୍ର ରହିଛି ତାହା ଉପରେ କାହାର ମାଲିକାନା ସତ୍ତ୍ୱ ଅଛି ଓ କେତେ ରହିଛି, ତାହା ଦେଖିବାକୁ ହେବ। ଯଦି ଦୁଇ ବା ତିନୋଟି ବଡ଼ ବଡ଼ ଔଦ୍ୟୋଗିକ ପରିବାରର ହିଁ ମାଲିକାନା ସତ୍ତ୍ୱ ରହିଛି ତାହାର ଅର୍ଥ ହେଲା ଗଣମାଧ୍ୟମର ସ୍ୱାଧୀନତା କମ୍ ରହିଛି। ଯେଉଁ ଅଳ୍ପ ଔଦ୍ୟୋଗିକ ପରିବାର ହାତରେ ଗଣମାଧ୍ୟମର ମାଲିକାନା ସତ୍ତ୍ୱ ରହିଥିବ ସେମାନଙ୍କ ସବୁବେଳେ ସରକାରଙ୍କଠାରେ କାମ ପଡ଼ିଥାଏ। ତେଣୁ ଉପରୁ ନିର୍ଦ୍ଦେଶଥାଏ ଯେ ସରକାରଙ୍କ ବିରୁଦ୍ଧରେ ବିଶେଷ କିଛି ନ କହିବା ବା ଲେଖିବା ପାଇଁ। ଏହାକୁ ଆମେ ସମାଜଶାସ୍ତ୍ରରେ କହିଥାଉ ବନ୍ଧୁତାର ପୁଞ୍ଜିବାଦ ଅର୍ଥାତ୍ ପୁଞ୍ଜିପତି ଓ ସରକାରଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା। ଏହି ଗଠବନ୍ଧନ କାରଣରୁ କ'ଣ ପ୍ରକାଶିତ ହେବ ଓ କ'ଣ ହେବ ନାହିଁ ତାହା ସ୍ଥିର କରାଯିବ। ଏହାବ୍ୟତୀତ ଦେଖାଯାଏ ସାମ୍ବାଦିକମାନଙ୍କ ଦରମା ଓ ଅନ୍ୟାନ୍ୟ ସୁଖ ସୁବିଧା କେତେ। ଯଦି ଜଣେ ସାମ୍ବାଦିକ କୋଡ଼ିଏ ହଜାର ଟଙ୍କା ଦରମା ପାଇବେ ଏବଂ ଚାଲି ଚାଲି ଅଥବା ସାଇକେଲରେ ସମ୍ବାଦ ସଂଗ୍ରହ କରିବେ, ସେ ସାମ୍ବାଦିକ କରିବେ କ'ଣ ଏବଂ କେତେ ସଚ୍ଚୋଟତାରେ ତାଙ୍କ କର୍ତ୍ତବ୍ୟ କରିବେ। ତେଣୁ ବେଳେବେଳେ ସଚ୍ଚୋଟ ଲୋକ ମଧ୍ୟ ନିଜର ସକଳ ଅନିଚ୍ଛା ସତ୍ତ୍ୱେ ନିଜର ସଚ୍ଚୋଟତାକୁ ବିକ୍ରୟ କରିବାକୁ ଏକରକମ ବାଧ୍ୟ ହୋଇଥା'ନ୍ତି। କାରଣ ସେମାନଙ୍କୁ ଘର ଚଳେଇବାର ଅଛି। ସେଥିରେ ପୁଣି ସାମ୍ବାଦିକମାନଙ୍କ ଉପରେ ବିପଦର କୃଷ୍ଣଛାୟା ସବୁବେଳେ ପିଛା କରିଥାଏ। ସତ୍ୟଘଟଣା ରିପୋର୍ଟ କରି ସାମ୍ବାଦିକମାନେ କେତେ ଯେ କଷଣ ଭୋଗୁଛନ୍ତି ଏବଂ ଏପରିକି ବେଳେବେଳେ ହତ୍ୟାର ଶିକାର ହେଉଛନ୍ତି ସେ ବିଷୟ କ'ଣ ଆମ ସମାଜକୁ ଅଜଣା ରହିଛି! ଯଦି ଜଣେ ବ୍ୟକ୍ତି ସ୍ୱାଧୀନ ଓ ସଚ୍ଚୋଟ ରହିନି ତେବେ କେବଳ ଦୁଇଟି କାରଣରୁ। ତାହା ହେଲା ଲୋଭ ଅଥବା ଭୟ, ଯାହା ପ୍ରାୟ ଅଧିକାଂଶ ଗଣମାଧ୍ୟମ ସଂସ୍ଥାରେ ଅନ୍ତେବହୁତ ରହିଛି।

ସାଧାରଣତଃ ତିନିପ୍ରକାରର ସାମ୍ବାଦିକତା କରାଯାଇଥାଏ। ସବୁଠାରୁ ଭଲ ସାମ୍ବାଦିକ ସେହି ବ୍ୟକ୍ତି ଯେ ସରକାରଙ୍କ ସମର୍ଥନରେ ନୁହେଁ କି ବିରୋଧୀ ମଧ୍ୟ ନୁହେଁ। ଆଉ ଗୋଟିଏ ଶ୍ରେଣୀର ସାମ୍ବାଦିକ ଅଛନ୍ତି, ଯେଉଁମାନେ ସରକାରଙ୍କ କେବଳ ବିରୋଧ ହିଁ କରନ୍ତି ଏବଂ କିଛି ସରକାରଙ୍କ କେବଳ ସମର୍ଥନ ହିଁ କରିଥା'ନ୍ତି। କିନ୍ତୁ ସରକାରଙ୍କୁ କେବଳ ସମର୍ଥନ ବା ବିରୋଧ କରୁଥିବା ସାମ୍ବାଦିକମାନଙ୍କ ମଧ୍ୟରେ ବିରୋଧ କରୁଥିବା ଗଣମାଧ୍ୟମ ଅଧିକ ଭଲ। କାରଣ ତଦ୍ଦ୍ୱାରା ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ଆସିଥାଏ। ଆମେ ଯଦି ୟୁରୋପ ପରି ଗଣମାଧ୍ୟମର ସ୍ୱାଧୀନତା ଆମ ଦେଶ ପାଇଁ ଚାହିଁବା ତେବେ ସେଥିପାଇଁ ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼ିବ। ଆମ ଦେଶର ପରିସ୍ଥିତି ମଧ୍ୟ ସେତେଟା ଠିକ୍ ନାହିଁ ଯେ ଆମେ ଆଖି ପିଛୁଳାକେ ତାହା କରିଦେଇପାରିବ। ଗଣମାଧ୍ୟମର ସ୍ୱାଧୀନତା ସହିତ ସେହି ସମାଜର ଯେଉଁ ଗତି ଓ ପ୍ରଭାବ ରହିଥିବ ତାହାର ମଧ୍ୟ ଏକ ବଡ଼ ଭୂମିକା ରହିଛି।

ଆମ ଦେଶର ଏକ ଭଲ କି ଖରାପଗୁଣ ତାହା ସଠିକ୍ ଭାବେ କହିତ ହେବନି; କିନ୍ତୁ ଆମେ ଖରାପ ସମୟକୁ ଖୁବ୍ ଶୀଘ୍ର ଓ ସହଜରେ ଭୁଲିଯାଉ। ଜରୁରିକାଳୀନ ପରିସ୍ଥିତିରେ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଯେଉଁ ପ୍ରହାର ହୋଇଥିଲା ତାହା ଆମେ ଚାରି/ପାଞ୍ଚ ବର୍ଷ ମଧ୍ୟରେ ଭୁଲିଯାଇ ସେତେବେଳେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିବା ଦଳକୁ ପୁଣି ନିର୍ବାଚିତ କରାଇ ପ୍ରଧାନମନ୍ତ୍ରୀ ପଦ ଅର୍ପଣ କରିଥିଲେ। ଆଜିକାଲି ଆମ ଦେଶ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଦେଇ ଗତି କରୁଛି ବୋଲି ସାଧାରଣରେ ବେଳେବେଳେ ଚର୍ଚ୍ଚା ହେଉଛି। କିନ୍ତୁ ତା' ସତ୍ତ୍ୱେ ଇତିହାସର ପୁନରାବୃତ୍ତି ହେଉଛି। ଅବଶ୍ୟ ଏଥର ବିରୋଧୀଦଳକୁ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ କରି ଅନେକଟା ନିୟନ୍ତ୍ରଣ ଓ ସନ୍ତୁଳନ ମଧ୍ୟରେ ଲୋକେ ରଖିଛନ୍ତି। ଆମେ ଖୁବ୍ ଶୀଘ୍ର କ୍ଷମା କରିଦେଇଥାଉ। ଏହି ସ୍ୱଭାବ ଅନ୍ୟାନ୍ୟ ଦେଶର ଲୋକଙ୍କ ପାଖରେ ନଥାଏ। ଆମ ଗଣତନ୍ତ୍ରରେ ଯୁକ୍ତିଯୁକ୍ତ। କାରଣ ଆଧାରରେ ନେତା କମ୍ ବାଛିଥାଉ ଏବଂ ଅଧିକାଂଶ କ୍ଷେତ୍ରରେ ଆବେଗବଶତଃ ତାହା କରିଥାଉ। ଯଦି ଆମେ ଆବେଗରେ ଭାସି ଯାଉ ନଥା'ନ୍ତେ ତେବେ ଏହା କିପରି ହେଲା ଯେ ନେହେରୁଜୀ, ଇନ୍ଦିରାଜୀ ଓ ମୋଦିଜୀ ଏତେ ଲୋକପ୍ରିୟ ହୋଇ, ଏତେ ପରିଶ୍ରମ କରି ମଧ୍ୟ ସଂସଦରେ ସେତିକି ଆସନ କେବେ ହେଲେ ପାଇପାରିଲେ ନାହିଁ, ଯେତିକି ଆସନ ରାଜୀବଜୀ ୧୯୮୪ରେ ପାଇଥିଲେ। ସେତେବେଳେ ଲୋକସଭାରେ ୪୧୪ଟି ଆସନ ରାଜୀବଜୀଙ୍କ ନେତୃତ୍ୱରେ କଂଗ୍ରେସ ପାଇଥିଲା। ଆମ ଦେଶରେ ଲୋକସଭାରେ ସବୁଠାରୁ ବଡ଼ ବହୁମତ ସେହି ବର୍ଷ ମିଳିଲା ଯେଉଁବର୍ଷ ଜଣେ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ହେଲା ଓ ତାଙ୍କ ସୁପୁତ୍ର ପ୍ରଧାନମନ୍ତ୍ରୀ ପଦପାଇଁ ପ୍ରାର୍ଥୀ ହେଲେ, ଯାହାଙ୍କ ରାଜନୀତିରେ ପୂର୍ବରୁ କୌଣସି ଅଭିଜ୍ଞତା ନଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ ଏ ଦେଶର ଲୋକେ ଆବେଗ ଓ ରାଜନୀତିକୁ ସର୍ବଦା ଯୋଡ଼ିଥା'ନ୍ତି। ଏ

ବ୍ୟକ୍ତିଗତ ମଣିଷ ଓ ଆନୁଷ୍ଠାନିକ ମଣିଷ ଭିତରେ ପାର୍ଥକ୍ୟ ଥାଏ। ଗଣମାଧ୍ୟମ (ଆନୁଷ୍ଠାନିକ ମଣିଷ) ବ୍ୟକ୍ତିଗତ ମଣିଷ ପରି ଜଣେ ସାଧାରଣ ମଣିଷ। କିନ୍ତୁ ତା'କୁ ଅସାଧାରଣ ମଣିଷ କରିପାରେ ଏକମାତ୍ର ତା'ର ଆଦର୍ଶ, ନିରପେକ୍ଷତା ଓ ଦାୟିତ୍ୱବୋଧ। ବ୍ୟକ୍ତି ପ୍ରତି, ସମାଜ ପ୍ରତି ଓ ମାନବତା ପ୍ରତି ସମ୍ମାନ। ଆଜି ମଧ୍ୟ ଆମ ଦେଶରେ ଆଦର୍ଶ, ସ୍ୱଚ୍ଛ, ସଚ୍ଚୋଟ ଓ ନିରପେକ୍ଷ ସମ୍ବାଦଦାତାଙ୍କ ସଂଖ୍ୟା ଖୁବ୍ ବେଶୀ।

ଭୁବନେଶ୍ୱର, ମୋ: ୯୪୩୮୧୬୫୬୭୪

# ଭାରତରେ ଉଦ୍‌ଜାନ ରେଳଗାଡ଼ି

**ଡ. ହେମନ୍ତ କୁମାର ଦାସ**

ଅଧୁନା ଚେନ୍ନାଇର ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ଭାରତୀୟ ରେଳବାଇ ସହଭାଗିତାରେ ଉଦ୍‌ଜାନ ଟ୍ରେନର ପରୀକ୍ଷା ଚାଲୁ ରଖିଛି। ଏହା ପ୍ରଥମେ ହରିୟାନାର ଜିନ୍ଦ-ସୋନିପତ ରେଳପଥରେ ୮୯ କି:ମି ବ୍ୟାପି ରାସ୍ତାରେ ପରୀକ୍ଷାମୂଳକ ଭାବରେ ଚାଲିବାର ଯୋଜନା ଅଛି। ଏହି ପ୍ରକଳ୍ପର ନାମ ରଖାଯାଇଛି 'ନମୋ ଗ୍ରୀନ ରେଳ', ଯାହାର ସର୍ବାଧିକ ବେଗ ୧୧୦ କି:ମି ରହିପାରେ। ଇଞ୍ଜିନର କ୍ଷମତା ୧୨୦୦ ଅଶ୍ୱଶକ୍ତି ରହିବ (ପୃଥିବୀର ସର୍ବାଧିକ) ଏବଂ ଏକାଥରକେ ୨୬୦୦ ଯାତ୍ରୀ ପରିବହନ କରିପାରିବ। ପ୍ରତି ଟ୍ରେନ ପିଛା ପାଖାପାଖି ୧୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ। ପୂର୍ବରୁ ପୃଥିବୀରେ ପ୍ରଥମେ ଜର୍ମାନୀ ୨୦୧୮ ଏବଂ ଚୀନ, ସ୍ୱିଡେନ ଓ ଫ୍ରାନ୍ସ ସହିତ ଏବେ ଆମ ଭାରତ ୫ମ ଦେଶ ଭାବେ ଏହି ଉଦ୍ୟମ ଆରମ୍ଭ କରିଛି।

ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ସମସ୍ୟା ହେଲା ବାୟୁ ପ୍ରଦୂଷଣ। ତେଣୁ ରାଷ୍ଟ୍ରସମୂହ ସେମାନଙ୍କ ଦେଶର କାର୍ବନ ନିର୍ଗମନକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ବିଶ୍ୱ ଜଳବାୟୁ ସମ୍ମିଳନୀମାନଙ୍କରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସେହି ଆଧାରରେ ଭାରତ ୨୦୭୦ ସୁଦ୍ଧା କାର୍ବନ ନିର୍ଗମନକୁ ଶୂନ୍ୟସ୍ତରକୁ ଆଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଆମେ ଜାଣିଛେ ଡିଜେଲ ଚାଳିତ ରେଳଗାଡ଼ି ଅପେକ୍ଷା ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ୍ ଅଧିକ ପରିବେଶ ଅନୁକୂଳ। ଅପରପକ୍ଷରେ ବିଦ୍ୟୁତ ଚାଳିତ ଟ୍ରେନ୍ ପାଇଁ ସଂସ୍ଥାନ ନିର୍ମାଣରେ ଖର୍ଚ୍ଚ ଅଧିକ। ବିଦ୍ୟୁତ ଗ୍ରୀଡର କାର୍ଯ୍ୟକାରିତା ଓ ସର୍ବୋପରି ଭୌଗୋଳିକ ପରିସ୍ଥିତିକୁ ବିଚାରକୁ ନେଲେ ଏହା ସେପରି ଲାଭଦାୟକ ହେବ ନାହିଁ। କିନ୍ତୁ ବର୍ତ୍ତମାନର ପରିକଳ୍ପନାରେ ଯଦି ହାଇଡ୍ରୋଜେନ ଫୁଏଲ ସେଲ ବ୍ୟବହାର କରି ଟ୍ରେନ୍ ଚଳାଇବା, ଏହା ପରିବେଶ ଅନୁକୁଳ ହେବା ସହିତ ଉଚ୍ଚ ଶକ୍ତିସମ୍ପନ୍ନ ହେବ। ଜଳ ଓ ଉତ୍ତାପ ସେଲ ପ୍ରକ୍ରିୟାର ମାତ୍ର ଉପଜାତ ଦ୍ରବ୍ୟ। ତେଣୁ ଏ ପ୍ରକାର ପ୍ରକଳ୍ପକୁ ଆମ ଦେଶରେ କାର୍ଯ୍ୟକାରୀ କରି ରେଳଗାଡ଼ି ଚଳାଇବାର ଯୋଜନାର ଲକ୍ଷ୍ୟ ମହତ୍।

ଆମେ ଯାହାକୁ ଉଦ୍‌ଜାନ ଶକ୍ତିଚାଳିତ ଟ୍ରେନ ବୋଲି କହୁ, ତାହା ହାଇଡ୍ରୋଜେନ ଫୁଏଲ ସେଲରୁ ନିର୍ଗତ ବିଦ୍ୟୁତ ଶକ୍ତି ଦ୍ୱାରା ଚାଲିବ। ଏହି ସେଲରେ ଉଦ୍‌ଜାନ ଓ ଅମ୍ଳଜାନ ମିଶି ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ, ଯାହା ରେଳଗାଡ଼ି ଚଳାଇବାରେ ବ୍ୟବହୃତ ହୁଏ। ଉତ୍ତାପ ଓ ପାଣି କେବଳ ଉପଜାତ ପଦାର୍ଥ ହୋଇଥିବାରୁ ପାର୍ଶ୍ୱ ପ୍ରତିକ୍ରିୟାର ଆଶଙ୍କା କମ। ଜେବଳ ଉଦ୍‌ଜାନକୁ ଟରବାଇନ୍ ମଧ୍ୟରେ ଜଳାଇ ଉତ୍ତାପ ଓ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିହେବ। କିନ୍ତୁ ଏହି ପ୍ରକ୍ରିୟାରେ ନାଇଟ୍ରିକ ଅକସାଇଡ ରୂପକ ଏକ ବିଷାକ୍ତ ଗ୍ୟାସ ବାହାରିଥାଏ। କିନ୍ତୁ ପରିବେଶ ଅନୁକୂଳ ପାଇଁ ଆମର ଦରକାର 'ସବୁଜ ଉଦଜାନ'।

ମନରେ ପ୍ରଶ୍ନ ଉଠେ କେତେପ୍ରକାର ଉଦ୍‌ଜାନ ଆମେ ବ୍ୟବହାର କରିଥାଉ? ପ୍ରାକୃତିକ ଗ୍ୟାସ, ଯାହା ମୁଖ୍ୟତଃ ମିଥେନ, ଜଳୀୟ ବାଷ୍ପ ସହିତ ଉଚ୍ଚ ତାପମାତ୍ରା ଓ ଉତପ୍ରେରକ ଅବସ୍ଥିତିରେ ଅଙ୍ଗାରକାମ୍ଳ(ବାୟୁ ପ୍ରଦୂଷକ) ସହିତ ଉଦ୍‌ଜାନ ଗ୍ୟାସ ତିଆରି କରିଥାଏ। ଯାହାକୁ ଆମେ 'ଗ୍ରେ ହାଇଡ୍ରୋଜେନ' ବୋଲି କହିଥାଉ। ଏହା ବର୍ତ୍ତମାନ ବହୁତ ପରିମାଣରେ କଳକାରଖାନାରେ ବ୍ୟବହୃତ। ଉକ୍ତ ପ୍ରଣାଳୀରେ ଯଦି ଆମେ ଅଙ୍ଗାରକାମ୍ଳ ନିର୍ଗମନକୁ ଭୂମି ତଳେ ଭଣ୍ଡାରଣ କରିପାରିବା ତେବେ ନିର୍ଗତ ଉଦ୍‌ଜାନକୁ 'ନୀଳ ଉଦଜାନ' ବୋଲି କହିଥାଉ। କିନ୍ତୁ ଏହା ବ୍ୟୟବହୁଳ ଏବଂ ଏଥିରେ ଅଧିକ ଶକ୍ତି ଅପଚୟ ହୋଇଥାଏ। କିନ୍ତୁ 'ସବୁଜ ଉଦଜାନ' ଜଳର ବିଦ୍ୟୁତ ବିଶ୍ଳେଷଣ ପଦ୍ଧତି ଦ୍ୱାରା ଉତ୍ପନ୍ନ ହୋଇଥାଏ, ଯେଉଁଥିରେ ବିଦ୍ୟୁତଶକ୍ତି ନବୀକରଣ କ୍ଷମ ଉତ୍ସ, ଯେପରିକି ସୂର୍ଯ୍ୟ ଶକ୍ତି ବା ପବନ ଶକ୍ତିରୁ ସଂଗ୍ରହ କରାଯାଏ। ଏଥିରେ କୌଣସି କ୍ଷତିକାରକ ସବୁଜଗୃହ ବାଷ୍ପ ବାହାରେ ନାହିଁ।

ଫୁଏଲ ସେଲ ଏକ ପ୍ରକାର ଯନ୍ତ୍ର, ଯେଉଁଥିରେ ଏକ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ରସାୟନିକ ଶକ୍ତିକୁ ବିଦ୍ୟୁତ ଶକ୍ତିରେ ରୂପାନ୍ତରିତ କରାଯାଏ। ଏଥିରେ ପ୍ରତିକ୍ରିୟାକାରୀ ପଦାର୍ଥ ଉଦଜାନ ସହିତ ଅମ୍ଳଜାନକୁ ଏକ ଜାରଣ ପ୍ରକ୍ରିୟାକାରୀ ପଦାର୍ଥ ରୂପେ ନିଆଯାଏ। ତା' ଛଡ଼ା ସାଧାରଣ ଭାବରେ ପ୍ଲାଟିନମକୁ ଉତ୍‌ପ୍ରେରକ ହିସାବରେ ବ୍ୟବହାର କରି ଜାରଣ-ବିଜାରଣ ପ୍ରକ୍ରିୟାକୁ ତ୍ୱରାନିତ କରାଯାଏ। ବିଭିନ୍ନ ପ୍ରକାର ଉଦଜାନ ଇନ୍ଧନ କୋଷରେ ବିଭିନ୍ନ ପ୍ରକାର ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ବ୍ୟବହାର କରାଯାଏ। ଉଦ୍‌ଜାନକୁ କୋଷର ଆନୋଡ଼ରେ ଛଡ଼ାଯାଏ। ଏଠାରେ ଏହା ଜାରିତ ହୋଇ ପ୍ରୋଟନ ଓ ଇଲେକଟ୍ରନ ସୃଷ୍ଟି କରେ। ଇଲେକଟ୍ରନ ବାହ୍ୟ ବିଦ୍ୟୁତ ପଥରେ ପ୍ରବାହିତ ହୋଇ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରେ। ପ୍ରୋଟନ ବିଦ୍ୟୁତ ବିଶ୍ଳେଷ୍ୟ ପଦାର୍ଥ ମଧ୍ୟରେ ଗତି କରି କାଥୋଡରେ ଅମ୍ଳଜାନ ଓ ବିଦ୍ୟୁତ ପଥରୁ ଇଲେକଟ୍ରନ ଗ୍ରହଣ କରି ଜଳ ଓ ଉତ୍ତାପ ସୃଷ୍ଟି କରେ। ଜଳ କୋଷ ମଧ୍ୟରୁ ବାହାରିଯାଏ। ପ୍ରାକ୍ ପ୍ରସ୍ତୁତ ଓ ଗଚ୍ଛିତ ସବୁଜ ଉଦଜାନ ଓ ବାୟୁରୁ ସଂଗୃହୀତ ଅମ୍ଳଜାନ ଦ୍ୱାରା ଏହି ପ୍ରକ୍ରିୟା ସଂପାଦିତ ହୁଏ।

ସବୁଜ ଉଦଜାନର ବହୁଳ ପ୍ରସ୍ତୁତି ବର୍ତ୍ତମାନ ଦେଶ ସମ୍ମୁଖରେ ଏକ ଆହ୍ୱାନ। ଏହା କିପରି କମ ଖର୍ଚ୍ଚରେ ନବୀକରଣକ୍ଷମ ଉତ୍ସରୁ ତିଆରି କରାଯାଇ ପାରିବ, ତା'ର ପରିକଳ୍ପନା କରାଯାଉଛି। ପରବର୍ତ୍ତି ଅବସ୍ଥାରେ ସମସ୍ୟା ଦେଖା ଦେଇପାରେ ଏହାର ସଂରକ୍ଷଣ ଓ ଉଚ୍ଚ ତାପମାତ୍ରାରେ ଏହାର କାର୍ଯ୍ୟଦକ୍ଷତା ଉପରେ; କାରଣ ଉଦଜାନ ଏକ ଦହନୀୟ ବାଷ୍ପ। ତେଣୁ ପ୍ରଥମ ଅବସ୍ଥାରେ ଭିତ୍ତି ସଂରଚନା ଖର୍ଚ୍ଚ ବେଶୀ ହୋଇପାରେ।

ବର୍ତ୍ତମାନ ଭାରତରେ ଉଦଜାନ ଚାଳିତ ଟ୍ରେନର ଆବଶ୍ୟକତା ଗଭୀର ଭାବରେ ଉପଲବ୍ଧ। ଏ ପ୍ରକାର ଟ୍ରେନର ଶକ୍ତି, କାର୍ଯ୍ୟଦକ୍ଷତା ଡିଜେଲ ଟ୍ରେନଠାରୁ ସାଧାରଣ ଭାବରେ ଅଧିକ। ଏହା ଅଧୁନା ସ୍ଥାୟୀ ଗମନାଗମନ ପଦ୍ଧତିରେ ବିଅଙ୍ଗାରକକରଣ ପାଇଁ ଉତ୍କୃଷ୍ଟ। ତେଣୁ ଏ ପ୍ରକାର ପ୍ରକଳ୍ପର ଅଧିକ ପ୍ରସାର ହେଲେ ଗମନାଗମନ ଓ ସ୍ୱଚ୍ଛ ଅନୁକୂଳ ପରିବେଶ ଦିଗରେ ଆମର ଗତି ଯେ ସନ୍ତୋଷଜନକ ହୋଇପାରିବ, ତାହା ଅନସ୍ୱୀକାର୍ଯ୍ୟ।

ଭୁବନେଶ୍ୱର, ମୋ: ୯୪୩୭୭୬୬୪୦୫

## ବୃକ୍ଷଲତାଙ୍କ ବୁଦ୍ଧିମତ୍ତା

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ବୃକ୍ଷଲତାମାନଙ୍କ ଶାରୀରିକ ବ୍ୟବସ୍ଥା ପ୍ରାଣିଜଗତଠାରୁ ଭିନ୍ନ। ଉଦ୍ଭିଦମାନଙ୍କର ନଥାଏ ମସ୍ତିଷ୍କ ଓ ସ୍ନାୟୁ ବ୍ୟବସ୍ଥା। ଏଣୁ ସେମାନଙ୍କର ବୁଦ୍ଧିମତ୍ତା ଥିବା କଥା ସହଜେ ବିଶ୍ୱାସ କରିହୁଏନି। ତେବେ ବୈଜ୍ଞାନିକମାନେ ଏବେ କହିଲେଣି ଯେ ବୃକ୍ଷଲତାଙ୍କ ଶାରୀରିକ ଗଠନ ପ୍ରାଣିଜଗତ ପରି ନ ହେଲେ ମଧ୍ୟ କିଛି ମାତ୍ରାରେ ସାମଞ୍ଜସ୍ୟ ରହିଛି। ସେଥିପାଇଁ ସେମାନେ ସଂଗୀତ ପ୍ରତି ପ୍ରତିକ୍ରିୟା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି।

ଏ ବିଶ୍ୱାସ ଆରମ୍ଭ ହୋଇଥିଲା ୧୯୭୩ ମସିହାରେ, ଯେତେବେଳେ କିଛି ଆମେରିକୀୟ କୃଷିବିଜ୍ଞାନୀ ଟମାଟୋ ଫସଲକୁ ଏକ ନିର୍ଦ୍ଦିଷ୍ଟ ସ୍ୱରରେ ସଂଗୀତ ଶୁଣାଇଲେ ତହିଁରେ ଅଧିକ ତଥା ଉନ୍ନତ ମାନର ଫଳ ଫଳେ ବୋଲି ମତ ଦେଇଥିଲେ। ତତ୍ପରେ ସେଠାରେ ଉଦ୍ଭିଦ ବିଜ୍ଞାନୀ ଜୋ ଶ୍ଳାଙ୍ଗର ପ୍ରକାଶ କଲେ ଏ ସଂପର୍କିତ ପୁସ୍ତକଟିଏ। ଏଥିରେ ସେ ବୃକ୍ଷଲତାମାନଙ୍କର ବୁଦ୍ଧିମତ୍ତା ସମ୍ଭାବନାର ସୂଚନା ଦେଇଛନ୍ତି। ତେବେ ସେଗୁଡ଼ିକ ସହିତ ଏକମତ ହୋଇପାରିନାହାନ୍ତି ଅନେକ ବୈଜ୍ଞାନିକ। ସେମାନେ କହୁଛନ୍ତି ଯେ ମସ୍ତିଷ୍କ ନଥିବା ବୃକ୍ଷଲତାମାନେ ବିଭିନ୍ନ ଉଦ୍ଦୀପନା ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିପାରିବେ? ପୁନଶ୍ଚ ଯଦି ତାଙ୍କର ବୁଦ୍ଧିମତ୍ତା ଥାଏ ତେବେ ତା'ର କ୍ରିୟାବିଧି କ'ଣ?

ଏହାର ଜବାବରେ ଜୋ ଏବଂ ତାଙ୍କ ସମର୍ଥକମାନେ କହିଛନ୍ତି ଯେ ବୃକ୍ଷଲତାମାନଙ୍କର ମାଧ୍ୟାକର୍ଷଣକୁ ଅନୁଭବ କରିବା ଶକ୍ତି ରହିଛି। ସେଥିପାଇଁ ସେଗୁଡ଼ିକର ଚେର ଭୂମି ତଳକୁ ଏବଂ ଶାଖା ପ୍ରଶାଖା ଉପରେ ଆଡ଼କୁ ବଢ଼ିଥାଏ। କୌଣସି ସ୍ଥାନରୁ କାଟି ଦେଲେ ଯନ୍ତ୍ରଣା ଅନୁଭବ କଲା ଭଳି ତାଙ୍କର ଶରୀରର ଜୈବରସାୟନ ତତ୍‌କ୍ଷଣାତ୍ ବଦଳିଯାଏ। ପୁନଶ୍ଚ ବୃକ୍ଷଲତାମାନେ ବିଭିନ୍ନ ଧ୍ୱନିର ଆବୃତ୍ତି ଏବଂ କମ୍ପନ ଅନୁଭବ କରିପାରନ୍ତି, ସତେଯେପରି ସେମାନଙ୍କର କାନ ଅଛି। ଏଣୁ ଶଂବାଳୁଆଟିଏ ପତ୍ର ଖାଇଲା ବେଳେ ତହିଁରୁ ଉତ୍ପନ୍ନ ଧ୍ୱନିକୁ ସେମାନେ ଅନୁଭବ କରିପାରନ୍ତି ଏବଂ ସେ ସମ୍ପର୍କରେ ସୂଚନା ପଡ଼ୋଶୀମାନଙ୍କୁ ଦେଇପାରନ୍ତି। ପୁନଶ୍ଚ ଖାଦକର ଆକ୍ରମଣରୁ ନିଜକୁ ସୁରକ୍ଷା ଦେବା ପାଇଁ ବୃକ୍ଷଲତାମାନେ ନିଜ ନିଜର କୀଟାଣୁନାଶକ ମଧ୍ୟ ଉତ୍ପନ୍ନ କରନ୍ତି। ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି ସେମାନେ ପରାଗରେଣୁକୁ ବିମୁକ୍ତ କରି ଦେଲା ବେଳେ ଘଡ଼ଘଡ଼ିର ଶବ୍ଦ ଶୁଣିଲେ ବର୍ଷା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି। ସମ୍ଭବତଃ ସେମାନଙ୍କ ପତ୍ରରେ ଥିବା କେଶ ସଦୃଶ ଟ୍ରାଇକୋମସ୍‌ଗୁଡ଼ିକ ଆଣ୍ଟେନା ଭଳି ଏଥିରେ ସହାୟତା କରନ୍ତି।

ବୃକ୍ଷଲତାମାନେ କେବଳ ଯେ ଶୁଣି ପାରନ୍ତି, ତା'ନୁହେଁ। ସେମାନେ କଥା କହି ମଧ୍ୟ ପାରନ୍ତି। ତାଙ୍କ ଦ୍ୱାରା ପରସ୍ପର ମଧ୍ୟରେ 'ସୋନାର' ଧ୍ୱନି ଭଳି କିଛି ଶବ୍ଦଭିତ୍ତିକ ଭାଷା ଦ୍ୱାରା ବାର୍ତ୍ତାଳାପ ହୁଏ ବୋଲି ମନେକରାଯାଏ। ଏହାବ୍ୟତୀତ ସେମାନେ ରାସାୟନିକ ସୂଚନା ମଧ୍ୟ ଆଦାନପ୍ରଦାନ କରନ୍ତି। ବୃକ୍ଷଲତାମାନଙ୍କର ମନେ ରଖିବାର ଶକ୍ତି ବି ରହିଛି। ପରାଗସଂଗମକାରୀ କୀଟ ଗତଥର କେତେବେଳେ ଆସିଥିଲା ତାହା ମନେରଖି ସେହି ସମୟରେ ତାଙ୍କ ପରାଗରେଣୁଗୁଡ଼ିକ ବିମୁକ୍ତ ରଖନ୍ତି। ପୁନଶ୍ଚ ଅଧିକାଂଶ ଗଛଲତା ବିଭିନ୍ନ ଋତୁର ଆଗମନ କଥା ମଧ୍ୟ ମନେ ରଖି ସେହି ସମୟରେ ଫୁଲଫଳ ଧାରଣ କରନ୍ତି। ବୃକ୍ଷଲତାମାନଙ୍କର ସାମାଜିକ ଜୀବନ ମଧ୍ୟ ରହିଛି। ତନ୍ମଧ୍ୟରୁ କେତେକ ନିଜ ପ୍ରଜାତି ପ୍ରତି ଆପଣାପଣ ପ୍ରଦର୍ଶନ କରନ୍ତି। ଉପକାରୀ କୀଟମାନଙ୍କ ଆଗମନ ସମ୍ପର୍କରେ ପରସ୍ପର ମଧ୍ୟରେ ରାସାୟନିକ ଓ ଅନ୍ୟାନ୍ୟ ସୂଚନାମାନ ଆଦାନପ୍ରଦାନ କରନ୍ତି। ଅତଏବ ବୃକ୍ଷଲତା ସେହି ଅନୁଯାୟୀ ବିଭିନ୍ନ ସ୍ତରରେ ନିଜକୁ ପ୍ରସ୍ତୁତ କରିନିଅନ୍ତି।

ଏହିଭଳି ବିବିଧଗୁଣକୁ ଏକତ୍ର ରଖି ବିଚାରକୁ ନେଲେ ବୃକ୍ଷଲତାମାନଙ୍କର କିଛିମାତ୍ରାରେ ବୁଦ୍ଧିମତ୍ତା ଥିବାର ମନେହୁଏ। ତେବେ ତାହାର ରୂପରେଖ ଏବଂ କାର୍ଯ୍ୟବିଧି ଆମଠାରୁ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କଠାରୁ ଭିନ୍ନ। ସେଗୁଡ଼ିକ ସଂପୂର୍ଣ୍ଣ ଅଲଗା କ୍ରିୟାବିଧି ଉପରେ ପର୍ଯ୍ୟବସିତ। ତେବେ ଏହାର ଗୁପ୍ତତଥ୍ୟଗୁଡ଼ିକର ଉନ୍ମୋଚନ ଲାଗି ଏବେ ପ୍ରୟାସ ଜାରି ରହିଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ବର୍ଷିଲା କଂଗ୍ରେସ**

# ସରକାର ନେତୃତ୍ୱର ଭ୍ରୂଣହତ୍ୟା କରୁଛନ୍ତି: ଭକ୍ତ

ଭୁବନେଶ୍ୱର, ୮।୯(ସମିସ): ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ, ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ। ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ, ସିଏ ଦେଶ ପାଇଁ ଚିନ୍ତା କରେ। ମାତ୍ର ସରକାର ଛାତ୍ର ନିର୍ବାଚନ ବନ୍ଦ କରି ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ ସେ ନିଜେ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ତେଣୁ ଛାତ୍ରସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହ ଭାଇଚାରାର ପୁନଃପ୍ରତିଷ୍ଠା କରିବାକୁ ସେ ଦାବି କରିଛନ୍ତି।

ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି। ସେମାନେ ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି। ଜାନକୀବଲ୍ଲଭ ପଟ୍ଟନାୟକ, ଶ୍ରୀବଲ୍ଲଭ ପାଣିଗ୍ରାହୀ, ନିରଂଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ



କ୍ୟାମ୍ପସ ରାଜନୀତିରୁ ଆସିଥିବା ବେଳେ ପଞ୍ଚାନନ କାନୁନଗୋ, ସ୍ୱର୍ଗୀୟ ଲୁଲୁ ମହାପାତ୍ର ମଧ୍ୟ ଛାତ୍ର ରାଜନୀତିରୁ ଆସିଥିଲେ। ସେହିପରି ବାଣୀବିହାର ନିର୍ବାଚନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଲଢ଼େଇ ଆଜି ମଧ୍ୟ ଓଡ଼ିଶା ଛାତ୍ର ରାଜନୀତିର ଚର୍ଚ୍ଚିତ ଅଧ୍ୟାୟ ଭାବେ ଗଣାଯାଏ। ବିଜେଡିରେ ଅରୁଣ ସାହୁଙ୍କ ବ୍ୟତୀତ ପ୍ରତାପ ଜେନା ଓ ରାଜା ସ୍ୱାଇଁଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ଛଡ଼ା, ସୁରେଶ ପୂଜାରୀ ଓ ମନମୋହନ ସାମଲଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି।

ଛାତ୍ର ସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ ବୋଲି ଶିକ୍ଷାମନ୍ତ୍ରୀ କହିଥିଲେ। ଗତବର୍ଷ ଠିକଣା

## ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କଲା ଦଳ

ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି, ହେଲେ ଶିକ୍ଷା ବିଭାଗ କାହିଁକି କୌଣସି ପଦକ୍ଷେପ ନେଉନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ. ମନୀଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗାଈ ପେଟରୁ ବାହାରିଲା ୫୦ କେଜି ପଲିଥିନ୍

ବ୍ରହ୍ମପୁର,୮।୯(ସମିସ): ରାଜ୍ୟରେ ପଲିଥିନ ବ୍ୟାଗ୍ ଓ ପ୍ଲାଷ୍ଟିକ ବ୍ୟବହାରକୁ ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ବ୍ରହ୍ମପୁରରେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ନିୟମକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ପରିବେଶ ନଷ୍ଟ ହେବା




ସହିତ ନିରୀହ ପ୍ରାଣୀ ଯନ୍ତ୍ରଣା ଭୋଗି ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ରାସ୍ତାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଏକ ଗାଈର ଅସ୍ତ୍ରୋପଚାର ପରେ ପେଟରୁ ପ୍ରାୟ ୫୦କେଜି ଓଜନର ପଲିଥିନ ଉଦ୍ଧାର କରାଯାଇଛି। ଯାହାକୁ ନେଇ ସହରର ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ସୂଚନାଯୋଗ୍ୟ, ହିଲପାଟଣା ବଡ଼ସାହି ମୁଖ୍ୟ ରାସ୍ତାରେ କିଛି ଦିନ ଧରି ଗୋଟିଏ ଗାଈ ପଡ଼ି ଯନ୍ତ୍ରଣାରେ ଛଟପଟ

## ସହରରେ ପଲିଥିନ୍ ନିଷିଦ୍ଧ ଭେଳିକି

ହେଉଥିବା ଅଞ୍ଚଳବାସୀଙ୍କ ନଜରକୁ ଆସିଥିଲା। ଘଟଣାକୁ ନେଇ ସ୍ଥାନୀୟ କର୍ପୋରେଟର୍ ସଂଜିତ ପାଣିଗ୍ରାହୀ ଓ ପ୍ରାଣୀପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଅବଗତ କରିଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ଗାଈର ଚିକିତ୍ସା ପାଇଁ ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗାଈଟିର ପେଟରେ ପଲିଥିନ ଥିବା କାରଣରୁ ସେ ଯନ୍ତ୍ରଣା ଅନୁଭବ କରୁଥିବା ପଶୁ ଚିକିତ୍ସକ ଜାଣିପାରିଥିଲେ। ପରେ ଅସ୍ତ୍ରୋପଚାର କରି ଗାଈ ପେଟରୁ ପ୍ରାୟ ୫୦ କେଜି ଓଜନର ପଲିଥିନ ବାହାର କରାଯାଇଥିଲା। ଅସ୍ତ୍ରୋପଚାର ବେଳେ ଡା. ସତ୍ୟନାରାୟଣ କର, ଚିକିତ୍ସାଳୟର କର୍ମଚାରୀ ହରି ଚନ୍ଦ୍ର ନାୟକ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏଭଳି ଅନେକ ଘଟଣା ଘଟିବାର ନଜିର ଥିବା ବେଳେ ପ୍ରଶାସନ ପକ୍ଷରୁ ସହରରେ ପଲିଥିନ ବ୍ୟବହାର ଓ ବିକ୍ରି ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେପାଳରେ ଅଶାନ୍ତି...

ଅଭିଯାନ ଚଳାଇଥିବା ବେଳେ ଏହାର ମୁକାବିଲା କରିବାକୁ ଯାଇ ସରକାର ଫେସବୁକ, ହ୍ୱାଟସ୍ଆପ୍ ଓ ଏକ୍ସ ଭଳି ସାମାଜିକ ଗଣମାଧ୍ୟମ ଉପରେ ରୋକ୍ ଲଗାଇଛନ୍ତି। ଗତ ୩ ତାରିଖରେ ଫେସ୍‌ବୁକ୍, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ୍, ଏକ୍ସ ସମେତ ୨୬ଟି ସାମାଜିକ ଗଣମାଧ୍ୟମ ସାଇଟ୍‌କୁ ନିଷିଦ୍ଧ କରିଦେଇଥିଲେ। ସରକାର ଯୁକ୍ତି କରିଥିଲେ ଯେ ଏହି ଗଣମାଧ୍ୟମ ପଞ୍ଜୀକରଣ ହୋଇନାହାନ୍ତି। ଅନ୍ୟପକ୍ଷରେ ସେମାନଙ୍କ ସ୍ୱରକୁ ଚପାଇବା ଲାଗି ସରକାର ସାମାଜିକ ଗଣମାଧ୍ୟମ ଉପରେ କଟକଣା ଲଗାଇଥିବା ଯୁବଗୋଷ୍ଠୀ ଅଭିଯୋଗ କରିବା ସହିତ ସରକାରଙ୍କ ଏଭଳି ଆଭିମୁଖ୍ୟରେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯାହାକି ଆଜି ବିସ୍ଫୋରକ ହୋଇପଡ଼ିଥିଲା। ଜେନ୍- ଜେଡ୍ ଅର୍ଥାତ ଜେନେରେସନ ଜେଡ୍ ଗୋଷ୍ଠୀ ଟିକ୍‌ଟକ୍ ଜରିଆରେ ଜନମତ ସୃଷ୍ଟି କରି ଆଜି ବଡ଼ ଧରଣର ବିକ୍ଷୋଭର ଆୟୋଜନ କରିଥିଲା। ୧୮ରୁ ୩୦ ବର୍ଷ ବୟସ୍କ ଯୁବ ବର୍ଗଙ୍କୁ ଜେନ ଜେଡ୍ ଗୋଷ୍ଠୀ ଗଠିତ ହୋଇଛି। ଆଜି ସକାଳେ ୧୨ ହଜାର ଊର୍ଦ୍ଧ୍ୱ ଯୁବ ବିରାଟ ରାଲିରେ ଆସି ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପୁଲିସ ବାରିକେଡ୍ ଭାଙ୍ଗି ସଂସଦ ଭବନ ଭିତରକୁ ପଶିଯାଇଥିଲେ। ନେପାଳ ଇତିହାସରେ ପ୍ରଥମଥର ପାଇଁ ବିକ୍ଷୋଭକାରୀମାନେ ସଂସଦ ପରିସରରେ ପଶିଛନ୍ତି। ଏହା ପରେ ବିକ୍ଷୋଭ ଉଗ୍ରରୂପ ଧାରଣ କରିଥିଲା। ପ୍ରଦର୍ଶନକାରୀମାନେ ସଂସଦ ଭବନର ୧ ଓ ୨ ନଂ ଗେଟ୍‌କୁ କବ୍‌ଜାକୁ ନେଇଥିଲେ। ଏହାକୁ ଦେଖି ସଂସଦ ଭବନ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ବାସଭବନ ନିକଟସ୍ଥ ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇଥିଲା।

ଆନ୍ଦୋଳନକାରୀମା।ନେ ପୁଲିସ ଉପରକୁ ପଥର ମାଡ କରିଥିଲେ ଓ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ପୋଷ୍ଟର ଚିରି ଦେଇଥିଲେ ଓ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। 'ଦୁର୍ନୀତି ବନ୍ଦ କର, ସାମାଜିକ ଗଣମାଧ୍ୟମ ନୁହେଁ' ବୋଲି ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ବିଦେଶରେ ରହୁଥିବା ନେପାଳ ଯୁବକମାନେ ମଧ୍ୟ ଏହି ଆନ୍ଦାଳନକୁ ସମର୍ଥନ କରିଛନ୍ତି। ତେବେ ଆନ୍ଦୋଳନକାରୀଙ୍କ ଆଗରେ ମୁଣ୍ଡ ନୁଆଇଁ ସରକାର ସାମାଜିକ ଗଣାଧ୍ୟମଗୁଡିକ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଠାଇ ଦେଇଛନ୍ତି। ତେବେ ସତର୍କତା ପଦକ୍ଷେପ ସ୍ୱରୂପ ନେପାଳ ସୀମାରେ ଥିବା ବିହାରର ୭ଟି ଜିଲ୍ଲାର ସୀମାକୁ ସିଲ୍ କରିଦିଆଯାଇଛି। ପରିସ୍ଥିତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ସେନାଧ୍ୟକ୍ଷ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ଗୃହ ମନ୍ତ୍ରୀ ରମେଶ ତାଙ୍କ ପଦଣୁ ଇସ୍ତଫା ଘୋଷଣା କରିଥିଲେ।

## ମତଦାନରୁ ବିରତ...

ବୋଲି ଡ. ପାତ୍ର କହିଛନ୍ତି। ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜୁ ଜନତା ଦଳ କେବେ ହେଲେ ସାଲିସ କରିବନାହିଁ। ଭାରତବର୍ଷରେ ଓଡ଼ିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଦା କାମ କରି ଆସିଛି । ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡ଼ିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି। ଆବଶ୍ୟକ ସ୍ଥଳେ କେନ୍ଦ୍ରରେ ଶାସନରେ ଥିବା ମେଣ୍ଟକୁ ବିଜେଡି ପ୍ରସଙ୍ଗ ଭିତ୍ତିକ ସମର୍ଥମ ମଧ୍ୟ ପ୍ରଦାନ କରିଛି। ଅତୀତରେ ୨୦୧୨ ମସିହାରେ ବିଜେଡି ସମାନ ଭାବେ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲା। ତେବେ ୨୦୧୭ ମସିହା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି କଂଗ୍ରେସ ସମର୍ଥିତ ଅଣ-ଏନଡିଏ ପ୍ରାର୍ଥୀ ଗୋପାଳକୃଷ୍ଣ ଗାନ୍ଧୀଙ୍କୁ ସମର୍ଥନ ପ୍ରଦାନ କରିଥିଲା। ୨୦୨୨ ମସିହାରେ ଦଳ ଏନଡିଏ ପ୍ରାର୍ଥୀ ଜଗଦୀପ ଧନକଡ଼ଙ୍କୁ ସମର୍ଥନ ଦେଇଥିଲା। ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ଗତ ତିନୋଟି ନିର୍ବାଚନକୁ ଲକ୍ଷ୍ୟ କଲେ ବିଜେଡି କୌଣସି ମେଣ୍ଟକୁ କେବେ ମଧ୍ୟ ନିରବଚ୍ଛିନ୍ନ ସମର୍ଥନ ପ୍ରଦାନ କରିନାହିଁ। ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗକୁ ସର୍ବାଗ୍ରେ ରଖି ବିଜେଡି ସବୁବେଳେ ପ୍ରସଙ୍ଗ ଭିତ୍ତିକ ସମର୍ଥନ କିମ୍ବା ନିର୍ବାଚନ ପ୍ରକ୍ରିୟାକୁ ନିଜକୁ ଦୂରେଇ ରଖି ଆସିଛି। ଯାହା ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରତିଫଳିତ ହେବାକୁ ଯାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

## ଜିଡିପି ୦.୫୦%...

ଅନୁଭୂତ ହେବ। ଯାହାଫଳରେ ଏହା ଭାରତର ଅର୍ଥନୀତି ପାଇଁ ଏକ ବଡ଼ ବିପଦ ପାଲଟିପାରେ। ତାଙ୍କର ଅନୁମାନ ଯେ, ଭାରତ ଉପରେ ଏହି ଆମେରିକୀୟ ଶୁଳ୍କ ଅଧିକ ଦିନ ପର୍ଯ୍ୟନ୍ତ ରହିବନାହିଁ, ନଚେତ୍ ଏହାର ନକାରାତ୍ମକ ପ୍ରଭାବକୁ ଏଡାଇବା କଷ୍ଟକର ହେବ। ଟ୍ରମ୍ପ ପ୍ରଶାସନର ଏହି ୫୦% ଟାରିଫ୍ ଦେଶର ବୟନ ଏବଂ ଅଳଙ୍କାର କ୍ଷେତ୍ର ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇବ।

## ୧୧ରୁ ବଢ଼ିବ...

୯ ୯୨ ମିମି ତୁଳନାରେ ବର୍ଷାର ପରିମାଣ ୩ ପ୍ରତିଶତ କମ୍ ରହିଛି। ମୋଟ୍ ୮ ଟି ଜିଲ୍ଲାରେ ବର୍ଷାର ସ୍ଥିତି ନିଅଣ୍ଟିଆ ରହିଥିବା ବେଳେ ୬ ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

ଅନ୍ୟପଟେ ମୁଣ୍ଡଳୀରେ ଜଳସ୍ତର କମିବାରେ ଲାଗିଛି। ବର୍ତ୍ତମାନ ମୁଣ୍ଡଳୀରେ ୪ଲକ୍ଷ ୫୮ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ରବିବାର ମୁଣ୍ଡଳୀରେ ସର୍ବାଧିକ ୬ ଲକ୍ଷ ୨୬ ହଜାର କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିଲା। ସେହି ପାଣି ବର୍ତ୍ତମାନ ଜଗତସିଂହପୁର, ପୁରୀ ଆଦିକୁ ପ୍ରବେଶ କରୁଛି। ତେଣୁ ଏହା ପ୍ରଭାବରେ କିଛି କିଛି ପାଣି ବଢ଼ିବ। ସେଠାରେ ଧୀରେଧୀରେ ବନ୍ୟାଜଳ ହ୍ରାସ ପାଇବ। କଣାସର ପଠା ଅଞ୍ଚଳରେ କିଛି ପ୍ରଭାବିତ ହେବ। ବର୍ଷାର ପରିମାଣ ମଧ୍ୟ ବିଶେଷ ଅନୁଭୂତ ହୋଇନାହିଁ। ତେଣୁ ରାଜ୍ୟର ସବୁ ନଦୀରେ ଜଳସ୍ତର ହ୍ରାସ ପାଇଛି ଓ କୌଣସି ସ୍ଥାନରେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

## 'ଉତ୍କଳ' ହଷ୍ଟେଲ୍‌ରୁ...

ମଧ୍ୟ ସୁଫଳ ନ ମିଳିବାରୁ ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନ ସହ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ୨୦ଜଣ ଅଫିସର ଉଚ୍ଛେଦ କାମରେ ମୁତୟନ ହୋଇଥିଲେ। ପୂର୍ବରୁ ହଷ୍ଟେଲ୍‌କୁ ବିଜୁଳି ଓ ପାଣି ସଂଯୋଗ ବିଚ୍ଛିନ୍ନ କରାଯାଇଥିବାରୁ ଅଣଛାତ୍ରମାନେ ରାତିଅଧିଆ କୁଳପତିଙ୍କ ବାସଭବନ ଘେରିଥିଲେ। ଘରକୁ ପଥର ମାରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ। ଏଣୁ ଉଚ୍ଛେଦ ବେଳେ ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ୍ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା।

୧ ନମ୍ବର ହଷ୍ଟେଲ ପାଇଁ ଏସିପି ଅଭିମନ୍ୟୁ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୨ ନମ୍ବର ହଷ୍ଟଲ ପାଇଁ ମାନସ ରଞ୍ଜନ ପ୍ରଧାନ, ୩ମ୍ବର ହଷ୍ଟେଲ ପାଇଁ ବିଶ୍ୱଜିତ ମନବୋଧ ଓ ୫ନମ୍ବର ପାଇଁ ଏସିପି ବିଜୟ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସିପି ମୁଖ୍ୟାଳୟରେ ଥିବା ଡିସିପି ଅନୁପ କାନୁନଗୋଙ୍କୁ ପୁଲିସ ବ୍ୟବସ୍ଥାକୁ ତଦାରଖ କରିଥିଲେ। ବ୍ୟାପକ ପୁଲିସ୍ ସୁରକ୍ଷା ସହିତ ପ୍ରଥମେ ଫକୀରମୋହନ ଛାତ୍ରାବାସର ଜବରଦଖଲ ହୋଇଥିବା ୮୦ରୁ ଅଧିକ ରୁମ୍‌କୁ ଖାଲି କରାଯାଇଥିଲା। ପରେ ମଧୁସୂଦନ ଛାତ୍ରାବାସର ୩୦ଟି, ଗୋପବନ୍ଧୁ ଛାତ୍ରାବାସର ୨୩ଟି ଏବଂ ଆଚାର୍ଯ୍ୟ ହରିହର ଛାତ୍ରାବାସରେ ଜବରଦଖଲ ହୋଇଥିବା ରୁମ୍‌କୁ ଅଣଛାତ୍ରଙ୍କ କବ୍‌ଜାରୁ ମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ରୁମ୍‌ଗୁଡ଼ିକରୁ ବହୁ ନିଶାଦ୍ରବ୍ୟ ସେବନ ସାମଗ୍ରୀ ସହ ପାଠ୍ୟକ୍ରମ ସହିତ ଜଡ଼ିତ ନଥିବା ଦ୍ରବ୍ୟ ବାହାରିଛି। ହେଲେ ସେସବୁକୁ ନେବା ପାଇଁ କେହି ନ ଆସିବାରୁ ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଉଚ୍ଛେଦ ପରେ କୁଳପତି ପ୍ରଫେସର ଦଣ୍ଡପାଟ କହିଛନ୍ତି ଯେ ଏଣିକି ହଷ୍ଟେଲ୍‌ଗୁଡ଼ିକରେ ଥିବା ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରକୁ ବନ୍ଦ କରାଯିବ। କେବଳ ଗୋଟିଏ ପ୍ରବେଶ ପଥରେ ଯିବା ଆସିବା କରିବା ସହ କଡ଼ାକଡ଼ି ଯାଞ୍ଚ କରାଯିବ। ୨୪ଘଣ୍ଟିଆ ସୁରକ୍ଷାକର୍ମୀ ମୁତୟନ ଉପରେ ମଧ୍ୟ ସେମାନେ ବିଚାର କରୁଛନ୍ତି। ଖାଲି ହୋଇଥିବା ରୁମ୍‌ଗୁଡ଼ିକୁ ପ୍ରଥମେ ମରାମତି କରାଯିବ। ପରେ ଛାତ୍ରଙ୍କୁ ଆବଣ୍ଟନ କରାଯିବ। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଅଣଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତବରଣ ନଷ୍ଟ ହେଉଥିଲା। ବିଭିନ୍ନ ରାଙ୍କିଙ୍ଗ୍ ମଧ୍ୟ ତଳକୁ ଖସୁଥିଲା। ଏହାସହ କ୍ୟାମ୍ପସ୍ ଓ ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବାହାର କରିବା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲା। ଏସବୁକୁ ଦୃଷ୍ଟିରେ ରଖି ତଦାରଖ କରିବାକୁ କୁଳପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଦକ୍ଷେପ ନିଆଯାଇଛି।

ପୁନଃ ଅଣଛାତ୍ରମାନେ ହଷ୍ଟେଲ୍‌ରେ ଆଡ଼ା ଜମାଇବାର ଆଶଙ୍କା ଥିବାରୁ ପୁଲିସ୍ ଆଗୁଆ ସଜାଗ ହୋଇଛି। ବିଦା ହୋଇଥିବା ଅଣଛାତ୍ରମାନେ ଯଦି ପୁଣିଥରେ ହଷ୍ଟଲରେ ରହିବାକୁ ଚେଷ୍ଟା କରନ୍ତି ବା ରହୁଥିବା ଜଣାପଡ଼ିଲେ, ସିଧା ସେମାନଙ୍କୁ ଗିରଫ କରାଯିବ ବୋଲି ଏସିପି ବିଶ୍ୱରଞ୍ଜନ ସେନାପତି ଚେତାବନୀ ଦେଇଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ କୁଳସଚିବ ସ୍ୱାତୀ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧକ୍ଷା ଡ. ମିତାଲି ଚିନାରା, ହଷ୍ଟେଲ୍ ୱାର୍ଡେନ୍ ପ୍ରଫେସର୍ କବୀର ସେଠୀଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସାମିଲ ଥିଲେ।

## ପରଲୋକରେ ବିଧାୟକ...

ଗତ ମାସ ୨୫ ତାରିଖରେ ତାଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯାଇଥିଲା। କିଛି ଦିନ ପରେ ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ ମଧ୍ୟ କରାଯିବାର ଥିଲା। ତେବେ ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେଧୀରେ ଖରାପ ହେବାରେ ଲାଗିଥିଲା। ଶେଷରେ ସୋମବାର ପୂର୍ବାହ୍ନରେ ସେ ସବୁଦିନ ପାଇଁ ଆଖିବୁଜିଥିଲେ। ଅନ୍ତିମଶଯ୍ୟା ନିକଟରେ ସ୍ତ୍ରୀ କଳ୍ପନା ଢୋଲକିଆ, ପୁଅ ଜୟ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ବୋହୂ ସୁମନ, ଅମିତ, ଭଉଣୀ ହର୍ଷିତା ପ୍ରମୁଖ ଉପସ୍ଥିତ ଥିଲେ। ମୃତଦେହକୁ ମଙ୍ଗଳବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଏଠାକୁ ଆଣିବାର ବ୍ୟବସ୍ଥା କରାଯାଇଛି। ଅପରପକ୍ଷେ ତାଙ୍କ ମୃତ୍ୟୁ ଖବର ପାଇ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ନେତା ମନ୍ତ୍ରୀମାନେ ଶୋକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀ ଢୋଲକିଆ ଏକାଧାରରେ ଜଣେ ସମାଜସେବୀ, ବ୍ୟବସାୟୀ ଏବଂ ସଫଳ ରାଜନେତା ଥିଲେ। ସେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ, ହୃଦୟବାନ ଥିଲେ। ସମାଜସେବା ତାଙ୍କର ଏକ ପ୍ରକାର ନିଶା ରହିଥିଲା। ସେ ସ୍କୁଲ ଏବଂ କଲେଜ ଜୀବନରେ ଜଣେ ଭଲ ଖେଳାଳି ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ କରିଥିଲେ। ୧୯୯୦ରେ ସେ ଖରିଆରରୋଡ୍ ଏନ୍ଏସି ଅଧକ୍ଷ ଭାବେ ପ୍ରଥମ ରାଜନୈତିକ ସଫଳତା ପାଇଥିଲେ। ପରେ ୨୦୦୪ ମସିହାରେ ବିଧାନସଭା ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ପରେପରେ ୨୦୦୯, ୨୦୧୯ ଏବଂ ୨୦୨୪ରେ ବିଜେଡି ଟିକଟରେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ଗତ ନବୀନ ସରକାର ସମୟରେ ୨୦୨୨ରେ କ୍ୟାବିନେଟ୍ ମନ୍ତ୍ରୀ ପଦରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ।

## କୃଷି ଅଧିକାରୀ, ପାକ୍ସ...

ସମିତିର କର୍ମଚାରୀଙ୍କୁ ଚାଷୀ ତାଲା ପକାଇ ଦେଇଥିଲେ। ଖବର ପାଇ ସଇଁତଳା ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ କୃଷି ଅଧିକାରୀ ଓ ସମବାୟ ସମିତି କର୍ମଚାରୀଙ୍କୁ ଉଦ୍ଧାର କରିଥିଲା।

ସେହିଭଳି ଭଦ୍ରା ପ୍ରାଥମିକ ସମବାୟ ସମିତିକୁ ସାର ଆସିଥିବା ଖବର ପାଇ ସୋମବାର ସକାଳ ପ୍ରାୟ ୪ଟାରୁ ଚାଷୀ ଆଧାର କାର୍ଡ ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ; ହେଲେ ଚାଷୀଙ୍କୁ ଦେଖି ପେକ୍ସ ସମ୍ପାଦକ ମନୋଜ ସାହୁ ପଳାଇଥିଲେ। ୪ ଘଣ୍ଟା ପରେ ଆସିବାରୁ ସାର ପାଇଁ ସମବାୟ ସମିତି ସାମ୍ନାରେ ଅପେକ୍ଷା କରିଥିବା ଚାଷୀ ଉତ୍ତେଜିତ ହୋଇ ଉଠିଥିଲେ। ଶ୍ରୀ ସାହୁ ଘୁନସର ସମବାୟ ସମିତିର ସମ୍ପାଦକ। ଏହାସହ ସେ ଭଦ୍ରା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଘୁନସର ଚାଷୀଙ୍କ ପାଇଁ ସାର ଆସିନି; ହେଲେ ଘୁନସର ଗାଁର ପାଖାପାଖି ୩୦ ଜଣ ଚାଷୀଙ୍କୁ ଭଦ୍ରା ସମବାୟ ସମିତିରୁ ସାର ଦିଆଯାଇଛି। ଏହାକୁ ନେଇ ଭଦ୍ରା ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚାଷୀଙ୍କ ମଦ୍ୟରେ ଉତ୍ତେଜନା ଖବର ପାଇ ବଡ଼ମାଳ ଫାଣ୍ଡି ପୁଲିସ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷେ ଗଣ୍ଡପତ୍ରାପାଲି ସମବାୟ ସମିତିରେ ୩୦୦ରୁ ଅଧିକ ବସ୍ତା ସାର ଆବଶ୍ୟକ ପଡୁଛି; ହେଲେ ୧୮୦ ବସ୍ତା ସାର ମହଜୁଦ୍ ଅଛି। ଏଣୁ ଚାଷୀଙ୍କୁ ସାର ପ୍ରଦାନ କରାଯାଇନି। ସମ୍ପୂର୍ଣ୍ଣ ଭାବେ ସାର ଆସିଲେ ସବୁ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ସମବାୟ ସମିତି ସଂପାଦକ ସରୋଜ ଖେତି ଚାଷୀଙ୍କୁ କହିଛନ୍ତି। ଏହା ସହ ସେ କିଛି ଚାଷୀଙ୍କଠୁ ସାର ପାଇଁ ଆଗୁଆ ଟଙ୍କା ନେଇଥିବା କେତେକ ଚାଷୀ କହିଛନ୍ତି। ବୁଢ଼ାବାହାଲ ଓ ସଇଁତଳା ସମବାୟ ସମିତିରେ ମଧ୍ୟ ସାର ବଣ୍ଟନ ବେଳେ ଉତ୍ତେଜନା ଦେଖା ଦେଇଥିଲା।

## ଗୋଲାମୁଣ୍ଡା-କେଗାଁ...

ଚାଷୀ ଯୋଗ ଦେଇଥିଲେ। ଚପ୍ରିଆ ସେବା ସମବାୟ ସମିତିକୁ ୫୦୦ ପ୍ୟାକେଟ୍ ୟୁରିଆ ଆସିଥିବାବେଳେ ହଜାର ହଜାର ସଂଖ୍ୟାରେ ଚାଷୀ ସକାଳ ୫ରୁ ଅପେକ୍ଷା କରିଥିଲେ। ବହୁ ସଂଖ୍ୟକ ଚାଷୀଙ୍କୁ ଦେଖି ୟୁରିଆ କମ ଥିବାରୁ ଚପ୍ରିଆ ସେବା ସମବାୟ ସମିତି ପକ୍ଷରୁ ଅସମର୍ଥ ପ୍ରକାଶ ପାଇଥିଲା। ଫଳରେ ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଏଥିରେ ଅବରୋଧରେ ଚପ୍ରିଆ, କେଗାଁ, ଖଲିଆପାଲି, ସିନାପାଲି, ନୂଆଗାଁ ଞ୍ଚାୟତର ହଜାର ହଜାର ଚାଷୀ ସାମିଲ ହୋଇଥିଲେ।

# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୮।୯ (ସମିସ): ପାତ୍ରପୁର ବ୍ଲକର ପିଛା ଛାଡୁନି ଦାଦନ ଶ୍ରମିକ ମୃତ୍ୟୁ। ପୁଣି ହାଇଦ୍ରାବାଦରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ, ପାତ୍ରପୁର ବ୍ଲକ୍ ବାଦପୁର ପଞ୍ଚାୟତ ରାଜପୁର ଗ୍ରାମର ବାୟା ଦଳେଇଙ୍କ ପୁଅ ବିଜୟ ଦଳେଇ। ସୂଚନାନୁସାରେ, ବିଜୟ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ରବିବାର କମ୍ପାନୀ ବନ୍ଦ ଥିଲା। ବିଜୟ ନିତ୍ୟକର୍ମ ସାରି ଶୋଇଥିବା ବେଳେ ତାଙ୍କ ସାଙ୍ଗମାନେ ଆସି ତାଙ୍କୁ ଉଠାଇଥିଲେ। ହେଲେ ବିଜୟ ଉଠି ନଥିଲେ। ତାଙ୍କୁ ସେମାନେ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ କରାଯାଇ ସୋମବାର ଗ୍ରାମକୁ ଶବ ଆସିଥିବା ବେଳେ ଶୋକାକୁଳ ପରିବେଶ ଭିତରେ ଶବ ସତ୍କାର କରାଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate Jharbandh, Dist.- Bargarh dated 6th September 2025, CF No. 02, I Paramananda Sahu, S/o- Late Kailash Sahu, resident of Vill.- Kotana, Po./Ps.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Podman Sahu** to **Padman Sahu**. Henceforth he will be known as **Padman Sahu** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 04, I Sadananda Mahar, S/o- Sankirttan Mahar, resident of village- Kotana, PO/PS- Jharbandh, Dist.- Bargarh, Pin-768042 hereby declares that , I have changed my minor son's name from **Sankar Rana** to **Sankar Mahar**. Henceforth he will be known as **Sankar Mahar** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jharbandh, Dist.- Bargarh dated 6th September 2025, CF No. 01, I Basista Hans, S/o- Late Krushna Hans, resident of Vill.- Kotana, PO/ PS-Jharbandh, Dist.- Bargarh, Pin- 768042 hereby declares that, I have changed my minor son's name from **Laxmi Hans (DOB- 28.07.2016)** to **Omprakash Hans (DOB- 29.07.2016)**. Hence he will be known as **Omprakash Hans** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate,Jharbandh, Dist.- Bargarh dated 6th September 2025, CF No. 03, I Dhabalesh Bhoi, S/o- Udan Singh Bhoi, resident of Vill.- Kotana, PO/PS.- Jharbandh, Dist.- Bargarh, Pin-768042 hereby declares that, I have changed my minor son's name from **Hiteswar Bhoi** to **Chiteswar Bhoi**. Henceforth he will be known as **Chiteswar Bhoi** for all future purposes.

**AFFIDAVIT**

By virtue of an affidavit SL.No.-9, dtd. 30.08.2025 before the Executive Magistrate, Keonjhar, I Gitanjali Naik have changed my name from Gita Naik to Gitanjali Naik. Henceforth I shall be known as Gitanjali Naik instead of Gita Naik for all purposes.

**Sd/- Gitanjali Naik**

**AFFIDAVIT**

I, Shital Kumari Padia, aged about 28 years, W/o- Rajaram Chandgotia, resident of Ward No. 9, Rairangpur, PO/PS- Rairangpur, Dist- Mayurbhanj, PIN:757043, Odisha declared by this affidavit No. 423, dtd- 08/09/2025 that now onwards I shall be known as Shital Chandgotia for all future purposes.

**AFFIDAVIT**

I, B Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 1827, dtd- 08/09/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, vide CF No.- 129, dated: 06/09/2025. I, Jagannath Dakua, S/o- Subasa Dakua, resident of At/Po- B. Kotibadi, Via- Surada, Dist- Ganjam Pin- 761108, declare that I have changed my name from **JAGA DAKUA** (old Name) to **JAGANNATH DAKUA** (new Name). Henceforth, I shall be known as **JAGANNATH DAKUA** for all purposes.

**Jagannath Dakua**

**AFFIDAVIT**

By virtue of an affidavit in the court of the Executive Magistrate, Nabarangpur vide Sl.No.985, dtd. 08.09.2025,I, Sanu Mali, have changed my minor daughter's name from Debaki Mali to Chndrika Mali. Henceforth She will be known as Chandrika Mali for all purposes.

**Sd/- Sanu Mali**

**AFFIDAVIT**

By virtue of an affidavit no 5405 Swarn before the Executive Magistrate, Champua on dated- 08/09/2025. I, **Manmatha Nayak,** S/o- Gobardhan Nayak Resident of At- Hrudurampur, Po- Bankia, Ps- Champua, Dist-Keonjhar, Odisha, Pin- 758044 declare that I have changed my name from **Manamohan Nayak** (old name) to **Manmatha Nayak** (new name). Henceforth, I shall be known as **Manmatha Nayak,** S/o- Gobardhan Nayak for all future purposes.

**Manmatha Nayak**

**AFFIDAVIT**

By virtue of an affidavit No. 2452, sworn before the Executive Magistrate Sukinda, Jajpur, dated- 3/09/2025. I, **Raghunath Mallik,** resident of Vill-Olia, Po- Ampolaba, Ps- Sukinda, Block- Sukinda, Dist- Jajpur, Odisha, Pin-755018 declare that I have changed my minor son name from **Romiya Mallik** (old name) to **Romio Mallik** (new name). Henceforth, he shall be known as **Romio Mallik**, S/o- Raghunath Mallik for all future purposes.

**Raghunath Mallik**

**AFFIDAVIT**

By virtue of an affidavit No.8886, dtd. 17.11.2021 before the Notary Public, Sambalpur, I, Surajeet Mitra, have changed my minor daughter's name from Preeyasi Mitra to Viana Mitra. Henceforth She will be known as Viana Mitra for all purposes.

**Sd/- Surajeet Mitra**

**AFFIDAVIT**

I, **Suryakant Nayak** holder of Passport number Y7817234, aged about 45 years, S/o- Dinabandhu Nayak, resident of Plot No. K-8/642, Kalinga Nagar, Ps- Bharatpur, Bhubaneswar, Dist- Khurda, Pin- 751029, Odisha declare that I have changed my minor daughter's name holding passport number V6138449, from **YASHITA NAYAK** to **YASHIKA NAYAK**, vide affidavit No.1806, dtd. 04/09/2025, that now onwards she shall be known as **YASHIKA NAYAK** for all future purposes.

**AFFIDAVIT**

I, Madan Guha, aged about 50 years, S/o- Late Mantosh Kumar Guha, resident of Kalimandir Road, Jharsuguda, PO- Kalimandir Road, PS/Dist- Jharsuguda, Odisha declared by this affidavit No. 4690/25, dtd- 08/09/2025 that now onwards I shall be known as **MADAN KUMAR GUHA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Astarang, CF No. 1324, on dated 08/07/2025, I **SURYAKANTA SAHOO**, S/o Purandar Sahoo resident of Village At- Kuhudi Samil Bastadiha, Po/Ps - Astaranga, Dist- Puri, State- Odisha declare that I have changed my minor son's name from **KRISHNA SAHOO** to **RAJKISHORE SAHOO.** Henceforth, he shall be known as **RAJKISHORE SAHOO** for all future purposes.

Sd- **SURYAKANTA SAHOO**

**AFFIDAVIT**

I, Sumit Singal, aged about 32 years, S/o- Sushil Kumar Khemka, resident of Ward No-6, Khariar Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1827, dtd. 07/09/2025, that now onwards I shall be known as **SUMIT SINGHAL** for all future purposes.

CAD-1700

RAJENDRA UNIVERSITY
PRAJNA VIHAR, BALANGIR-767002, ODISHA (INDIA)
e-mail:rejendrauniversitybar@gmail.com

No. 1310/ RUB Date 08.09.2025

**QUOTATION / TENDER CALL NOTICE**

The sealed tenders are hereby invited from interested firms/ agencies/ private individuals. Applications should reach to the Registrar, Rajendra University, Balangir-767002 latest by 25.9.2025 at 11 AM for further details please visit district website:balangir.odisha.gov.in and this university website: rajendrauniversity.ac.in

Sd/- Registrar

OIPR-11141/11/0010/2526

# ବିଦ୍ୟା ବିକାଶରେ ଆଧ୍ୟାତ୍ମିକତାର ଉପଯୋଗିତା

ନୀଳଗିରି, ୮।୯ (ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଭାଇନ ଏଜୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ ଟ୍ୟୁଟୋରିଆଲ ସଭା ଗୃହରେ ଶିକ୍ଷା ଓ ଆଧ୍ୟାତ୍ମିକ ଭିତ୍ତିକ ସେମିନାର ଓ ସିମ୍ପୋଜିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ପ୍ରାର୍ଥନା ଟିଭିରେ ପ୍ରସାରିତ ହେଉଥିବା ବାଦିପାଲା ମଂଚର ସମୀକ୍ଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ରତ୍ନାକର ଟାଉନ ହାଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଓ ଅବସର ପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହା ସହିତ ଡିଭାଇନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ଉପସ୍ଥିତ ରହି ଏହି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ନିଜର ବକ୍ତବ୍ୟରେ ବିଦ୍ୟା ବିକାଶରେ ଆଧ୍ୟାତ୍ମିକତାର ଉପଯୋଗୀତା ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ।



# ୭ ଦିନରେ ରାସ୍ତା କାମ ନହେଲେ ୧୯ରୁ ଧାରଣା



ନୀଳଗିରି, ୮।୯ (ସମିସ): ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପୂର୍ବରୁ ଉକ୍ତ ରାସ୍ତା ମରାମତି ଦାବିରେ ନୀଳଗିରି ସିପିଆଇ ପକ୍ଷରୁ ରାସ୍ତାରୋକ କରିଥିଲେ ମଧ୍ୟ ଏହାର କିଛି ସୁଫଳ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ। ତେଣୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଶ୍ୟାମସୁନ୍ଦରପୁର ବ୍ରାଞ୍ଚ ତରଫରୁ ସୋମବାର କୈଳାଶ ଚନ୍ଦ୍ର ପଣ୍ଡା, ଅନାଦିଚରଣ ନାୟକ, ଗୌରହରି ବେହେରା, ଜୟନ୍ତ କୁମାର ସ, ପ୍ରଭାକର ପରିଡା, ଲକ୍ଷ୍ମୀଧର ସ, ଗାୟତ୍ରୀ ପଣ୍ଡା, ମନୋରଞ୍ଜନ ଦାସ, ପୁରୁଷୋତ୍ତମ ସେଠୀ ପ୍ରମୁଖ ନୀଳଗିରି ଉପ-ଜିଲ୍ଲାପାଳଙ୍କୁ ଭେଟି ନୀଳଗିରି ବଉଳଗଡ଼ିଆ ରାସ୍ତା କାମ ୭ ଦିନ ମଧ୍ୟରେ ନ ହେଲେ ଆସନ୍ତା ୧୯ ତାରିଖ ଶୁକ୍ରବାର ସକାଳ ୮ଟାରୁ ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିବାରାତ୍ର ଧାରଣା ଦିଆଯିବାର ଦାବିପତ୍ର ପ୍ରଦାନ କରିଥିଲେ।

# ସରିଲା ମାଟି ଅନୁକୂଳ କାର୍ଯ୍ୟକ୍ରମ

ଖଇରା,୮।୯ (ସମିସ): ଦିଲ୍ଲୀ ଏନସିଆର ଅନ୍ତର୍ଗତ ଗୁରୁଗ୍ରାମ ଠାରେ ପ୍ରବାସୀ ଓଡିଶାଙ୍କ ଦ୍ୱାରା ଗଠିତ କଳିଙ୍ଗ କଲଚୁରାଲ ଏଣ୍ଡ ୱେଲଫେୟାର ଆସୋସିଏସନ ପକ୍ଷରୁ ୧୬ତମ ଶାରଦୀୟ ଦୁର୍ଗା ପୂଜାକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ପୂଜାର ଆଦ୍ୟପର୍ବ ମାଟି ଅନୁକୂଳ ରୀତିନିତୀ ଅନୁଯାୟୀ ସମ୍ପର୍ଣ୍ଣ ହୋଇ ଯାଇଛି। କର୍ତ୍ତା ବିଭୂତି ଭୁଷଣ ସାହୁ ଏବଂ ତାଙ୍କ ପତ୍ନୀ ଅନିତା ସାହୁଙ୍କ ପୌରହିତ୍ୟରେ ଏହି ପବିତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପଣ୍ଡିତ ଅଭୟ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମା' ଦୁର୍ଗାଙ୍କ ମାଟି ଅନୁକୂଳ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଉପଦେଷ୍ଟା ହରେକୃଷ୍ଣ ମହାନ୍ତି, ମୋନାଲିସା ମହାପାତ୍ର, ସମ୍ପାଦକ ଭୀମସେନ ସେଠୀ, ଉପସଭାପତି ରଞ୍ଜନ ସାହୁ, କୋଷାଧ୍ୟକ୍ଷ ବିନାୟକ ନାୟକ, ଯୁଗ୍ମ କୋଷାଧ୍ୟକ୍ଷ ଶେଷଦେବ ସାହୁ, ସଙ୍ଗଠନ ସଚିବ କୃଷ୍ଣଚନ୍ଦ୍ର ସ୍ୱାଇଁ, ମିଡିଆ ପ୍ରଭାରୀ ପ୍ରଦ୍ୟୁମ୍ନ ରଥ, ପ୍ରଚାର ସଚିବ ମାନସ ସାହୁ, ସଂଯୋଜକ ରାଜେନ୍ଦ୍ର ସାହୁ, ମଳୟ ରଞ୍ଜନ, ବିରେନ ସାମଲ, ସଞ୍ଜୟ ଦଳେଇ, ଚରଣ ଜେନା, ମନୋଜ ସ୍ୱାଇଁ, ସଞ୍ଜୟ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# କୁପାରୀ ଭାଗବତ ଟୁଙ୍ଗୀର ବାର୍ଷିକୋତ୍ସବ

ଖଇରା, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରୀ ପଞ୍ଚାୟତ ୭ନମ୍ବର ୱାର୍ଡ ପଟ୍ଟନାୟକ ସାହି ଭାଗବତ ଟୁଙ୍ଗିର ୬୩ତମ ବାର୍ଷିକୋତ୍ସବ ଓ ଭାଗବତ ଜନ୍ମ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ଡ. ଅଜୟ ସେଣ୍ଠ ଓ ଉଲ୍ଲାସ ରାଉତ କଳସ ଆଣିଥିବା ବେଳେ ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ କୃଷ୍ଣ ବିଗ୍ରହଙ୍କ ପୂଜାର୍ଚ୍ଚନା କରିବା ପରେ ବେଦପାଠ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଭାବେ ସୁରେନ୍ଦ୍ର ପଣ୍ଡା, ଗଜେନ୍ଦ୍ର ଗାହାଣ, ଗଜେନ୍ଦ୍ର ଜେନା, ମାନସ ଗାହାଣଙ୍କ ତତ୍ତ୍ୱାବଧାନରେ ଭାଗବତ ପାରାୟଣ ଆରମ୍ଭ ହୋଇଛି। ୭ଦିନ ଧରି ଉତ୍ସବ ପାଳନ ହେବା ସହିତ ଉଦଯାପନୀ ଦିବସରେ ଗୀତାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଅଛି।



# ଜ୍ୟୋତିଙ୍କୁ ବୁଥ୍‌ସ୍ତରୀୟ ଦଳୀୟ ଏଜେଣ୍ଟ ନିଯୁକ୍ତି ଦାୟିତ୍ୱ

ଖଇରା, ୮।୯ (ସମିସ): ଆଉ ମାତ୍ର କିଛି ଦିନ ମଧ୍ୟରେ ଭୋଟର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର ୨୭୧ ବୁଥରେ ବିଜେଡି ଏଜେଣ୍ଟ ନିଯୁକ୍ତି ପାଇଁ ଦଳ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି। ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଗତ ୪ତାରିଖରେ ଲିଖିତ ଭାବେ ଏହି ଦାୟିତ୍ୱ ଶ୍ରୀ ପାଣିଗ୍ରାହୀଙ୍କୁ ନ୍ୟସ୍ତ କରିଛନ୍ତି। ନିଯୁକ୍ତ ହେବାକୁ ଥିବା ଏହି ଏଜେଣ୍ଟମାନେ ଚୂଡାନ୍ତ ଭୋଟର ତାଲିକା କପି ଗ୍ରହଣ କରିବା ପରେ ତ୍ରୁଟିବିଚ୍ୟୁତିକୁ ବୁଥସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ। ଏହା ମଧ୍ୟରେ ପ୍ରାକ୍ତନ ବିଧାୟକ ଶ୍ରୀ ପାଣିଗ୍ରାହୀ ବୁଥସ୍ତରରେ ଦଳୀୟ କର୍ମୀ ମାନଙ୍କର ବୈଠକ ଡାକି ଦାୟୀତ୍ୱ ସମ୍ପର୍ଣ୍ଣ କର୍ମୀଙ୍କୁ ବିଏଲଏ ଏଜେଣ୍ଟ ଭାବେ ଚୟନ କରିବା ସହ ସେମାନଙ୍କ ଉପରେ ଥିବା ଗୁରୁ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି। ଏଜେଣ୍ଟ ତାଲିକା ପ୍ରସ୍ତୁତି ସରିଛି ଖୁବଶୀଘ୍ର ଜିଲାସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

## ଜନଶୁଣାଣି ପାଲଟିଛି ପ୍ରହସନ

# ଆସିଲେନି ଜିଲ୍ଲାପାଳ, ଅଭିଯୋଗକାରୀଙ୍କ ଅସନ୍ତୋଷ

ବାଲିଆପାଳ/କାଳିପଦା, ୮।୯ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଏସପି ପ୍ରତ୍ୟୁଷ ଦିବାକର, ମୁଖ୍ୟ ପ୍ରକଳ୍ପ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତ, ସିଡିଏମଓ ପ୍ରଭାତ କୁମାର ବେହେରା, ଉପଜିଲ୍ଲାପାଳ ଶିବ ମାଲାଭାୟା, ବସ୍ତା ଏସଡିପିଓ ମାନସ କୁମାର ଦେଓ, ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ, ବିଡିଓ ରାଧାରଞ୍ଜନ ଦାଶଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରି ସମାଧାନର ପ୍ରତିଶୃତି ଦେଇଥିଲେ। ଏହି ଶିବିରରେ ମୋଟ ୧୬୧ ଟି ଅଭିଯୋଗ ଆସିଥିଲା। ମାତ୍ର ସମାଧାନ ଶୁନ, ପ୍ରତିଶ୍ରୁତି ଦେଇ ଚାଲିଗଲେ ଅଧିକାରୀ। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ,ହେଣ୍ଡିକେପ୍ଡ ସାର୍ଟିଫିକେଟର ବିଳମ୍ବ, ଭତ୍ତା, ପାଣି ସମସ୍ୟା, ଡ୍ରେନେଜ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ତେବେ ତିନି ମାସ ବ୍ୟବଧାନରେ ବାଲିଆପାଳରେ ଜନଶୁଣାଣୀ ହେଉଥିବା ବେଳେ ଦୂରଦୂରାନ୍ତରରୁ ବହୁ ଲୋକେ ଅନେକ ଆଶା, ସ୍ୱପ୍ନ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥିବାବେଳେ, ଜନଶୁଣାଣୀରେ ଜିଲ୍ଲାପାଳ

**୧୬୧ ଅଭିଯୋଗ, ସମାଧାନ ଶୂନ୍**

ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶିବିରକୁ ଅନେକ ୮୦ ବର୍ଷରୁ ଉଦ୍ଧ୍ୱର୍ ବିକଳାଙ୍ଗ, ବୃଦ୍ଧ, ବୃଦ୍ଧା ଭତ୍ତା ସମସ୍ୟା ନେଇ ଆସିଥିଲେ। କିଛି ଦିନ ଧରି ସେମାନଙ୍କର ଭତ୍ତା କାଟି ଦିଆଯାଇଛି, ଭିନ୍ନକ୍ଷମ ସାର୍ଟିଫିକେଟରେ ତ୍ରୁଟି ଦର୍ଶାଯାଇଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଶିବିର ମାଧ୍ୟମରେ ସଂଶୋଧନ କରିଥିବା ଲୋକଙ୍କର ନଅ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନଲାଇନ ସାର୍ଟିଫିକେଟ ଆସି ନାହିଁ। ବିଭାଗୀୟ ଅଧିକାରୀ ମାନଙ୍କର ଦୁର୍ବଳତା ପାଇଁ ଅନେକ ଲୋକେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ତେବେ ବାଲିଆପାଳ ଜନଶୁଣାଣୀକୁ ଜିଲ୍ଲାପାଳ ନ ଆସିବା, ବିଭିନ୍ନ ଜିଲ୍ଲା ପଦାଧିକାରୀ ମାନେ ନ କହିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୂଚନା ଅଧିକାର ସଂଘ ଅନୁଜ ମହାପାତ୍ର ସ୍ୱାଭିମାନ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ସମାଜସେବୀ ରାଜକିଶୋର, ପାତ୍ର ରିଙ୍କୁ, ରଞ୍ଜନ ଦାଶ, ହରେକୃଷ୍ଣ ଜେନା ପ୍ରମୁଖ। ଉପରମହଲାରେ ଜନଶୁଣାଣୀ ହେଉଥିବାରୁ ଭୀନ୍ନକ୍ଷମ, ବୟସ୍କ ବ୍ୟକ୍ତି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

● ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିସଭା

# ମାତୃଜାତି ପାଇଁ ବିଥିକା ଦେବୀ ଥିଲେ ପ୍ରେରଣାର ଉତ୍ସ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୮।୯ (ସମିସ) : ସ୍ୱର୍ଗୀୟା ବିଥିକା ଦେବୀ ଥିଲେ ଜଣେ ରତ୍ନଗର୍ଭା। ତାଙ୍କର ପ୍ରେରଣା ଓ ଦିଗଦର୍ଶନ ସମଗ୍ର ମାତୃଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଏଭଳି ମହିୟସୀ ମହିଳା ଚିର ନମସ୍ୟ ବୋଲି ଆଜି ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ତଲାଡ଼ି ଗ୍ରାମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗା ଦାସଙ୍କ ସହଧର୍ମିଣୀ ତଥା ବିଧାୟକ ଗୌତମବୁଦ୍ଧ ଦାସଙ୍କ ମାତା ଦିବଙ୍ଗତା ବିଥିକା ଦେବୀଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଛନ୍ତି। ଦୁର୍ଗା ଦାସ ଫାଉଣ୍ଡେସନର ସଭାପତି ତଥା ଭୋଗରାଇ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦଙ୍କ ପୌରହିତ୍ୟରେ ପରିଚାଳିତ ଏବଂ କବି ଶ୍ରୀକୁମାର ଘୋଷଙ୍କ ସଂଚଳନାରେ ଉକ୍ତ ବୈଠକରେ ବାଲେଶ୍ୱର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ବିଶିଷ୍ଟ କବି ତଥା ପ୍ରକାଶକ କାଳିପଦ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ଭୋଗରାଇ ବିଜେଡି ସଭାପତି ରମାକାନ୍ତ କରଣ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ଉପାଧ୍ୟକ୍ଷ ମୀନାରାଣୀ ସାସମଲ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, କବି ଡ. ସନ୍ତୋଷ କୁମାର ପାତ୍ର, କବି ସୁକୁମାର ଦାସ, ସମାଜସେବୀ ଗୌରହରି ମହାନ୍ତି, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିପଦ ଭଂଜନ ମିଶ୍ର, ଗୀତାରାଣୀ ପ୍ରହରାଜ, ଶାଶ୍ୱତ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଗିରିଶ ଦତ୍ତ, ସନ୍ତୋଷ କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ଦମୟନ୍ତୀ ସାହୁ, ପ୍ରତିମା ଚାନ୍ଦ, କବିତା ମହାନ୍ତି, ରବୀନ୍ଦ୍ର ନାଥ ପ୍ରଧାନ, ମୌରସୀ ତପନ କୁମାର ପଣ୍ଡା, ସମିତି ସଭ୍ୟ ଗୋବିନ୍ଦ ଦାସ, ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସରୋଜ ରଞ୍ଜନ ସେନାପତି, ଅଂଶୁମାନ ମହାନ୍ତି,ସଞ୍ଜୀବ ସାହୁ,କୌଶିକ କୁମାର ଚାନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ହେମନ୍ତ ବେହେରା, ଶିକ୍ଷକ ନେତା ସୁଶାନ୍ତ ବେହେରା, ସରପଞ୍ଚ ରାଧାରାଣୀ ବେହେରା,ଉପେନ୍ଦ୍ର ସାହୁ, ଆଡଭୋକେଟ ରାଜକିଶୋର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ବେହେରା ଓ ସରପଞ୍ଚ ରାଜେନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ଥିଲେ। କନିଷ୍ଠ ପୁତ୍ର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଧନ୍ୟବାଦ ଦେଇଥିଲେ।



# ଦେବଭାଷା ବିକାଶ ପରିଷଦ ପକ୍ଷରୁ ପ୍ରତିଯୋଗିତା

ଭୋଗରାଇ, ୮।୯ (ସମିସ) : ଭୋଗରାଇ ଦେବଭାଷା ବିକାଶ ପରିଷଦ ପକ୍ଷରୁ ଆଜି ବ୍ଲକସ୍ତରୀୟ ପ୍ରତିଯୋଗିତା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ବ୍ଲକରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏବଂ ମହାବିଦ୍ୟାଳୟ ଗୁଡିକରୁ ଶତାଧିକ ଛାତ୍ର ଛାତ୍ରୀ ସଂସ୍କୃତ ବକ୍ତୃତା, ଗୀତ ଶ୍ଳୋକାବୃତ୍ତି ଏବଂ ସଂସ୍କୃତ ଆଧାରିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତି ପ୍ରତିଯୋଗୀ ଆଗାମୀ ସେପ୍ଟେମ୍ବର ୧୪ ତାରିଖରେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଭୋଗରାଇ ପରିସରରେ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠା ଦିବସ ଉତ୍ସବରେ ପୁରସ୍କୃତ ହେବ ବୋଲି ପରିଷଦର ଅଧ୍ୟକ୍ଷ ଡ଼ ଶ୍ରୀଶ କୁମାର ଦାଶଙ୍କ ନିକଟରୁ ସୂଚନା ମିଳିଛି। ଏନେଇ ଆୟୋଜିତ ସଭାରେ ଉପସଭାପତି ନଟରଞ୍ଜନ ଘଡାଇ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ଉତ୍ତମ ପ୍ରଦର୍ଶନ ନିମନ୍ତେ ସାଧୁବାଦ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ତଥା ପରିଷଦର ଉପଦେଷ୍ଟା ବିପଦ ଭଞ୍ଜନ ମିଶ୍ର ସଂସ୍କୃତ ବାଗ୍ମୀଙ୍କ ମଧ୍ୟରେ ଲୁକ୍କାୟିତ ଥିବା ବୈଜ୍ଞାନିକ ଚିନ୍ତାଧାରା ଉନ୍ମୋଚନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ପରିଷଦର ମହାସଚିବ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା ସଂସ୍କୃତ ଭାଷାର ଗାରିମାମୟ ଅବଦାନର ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ଶମ୍ଭୁନାଥ ସାହୁ, ବ୍ରଜବିହାରୀ ପତି ପରିଷଦର କାର୍ଯ୍ୟଧାରା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ଦେବଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ଜଗନ୍ନାଥ ଚେତନା ପକ୍ଷରୁ ଗୁରୁପୂଜନ

ଜଳେଶ୍ୱର,୮।୯ (ସମିସ): ଜଳେଶ୍ୱର ବ୍ଲକ ଅଧିନ ଲକ୍ଷ୍ମଣନାଥ ପଞ୍ଚାୟତ ଅନ୍ତର୍ଗତ ବିରେଶପୁରସ୍ଥିତ ସ୍କୁଲ ପଡିଆରେ ବାଲେଶ୍ୱର ଶ୍ରୀ ଜଗନ୍ନାଥ ଚେତନା ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଶ୍ୟାମା ଚରଣ ଦାସ ସଭାପତିତ୍ୱ କରି ଗୁରୁ ସଦା ପୂଜନୀୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ସମାଜ ବିଜ୍ଞାନୀ ନିରାକାର ବେଉରା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଚୈତନ୍ୟ ରାଉତ ଯୋଗ ଦେଇ ଗୁରୁ ଦିବସ ଓ ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ଶିକ୍ଷକ ଚୈତନ୍ୟ ରାଉଳ, ଭବେଶ ଦାସ,ହରେନ୍ଦ୍ର ନାଥ ଦାସ, ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଗାଳ୍ପିକ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳଙ୍କ ସ୍ୱରଚିତ "ବାପାଙ୍କଠୁ ବୋଉ ଯାଏ' ପୁସ୍ତକ ଅତିଥି ଙ୍କ ହସ୍ତରେ ଉନ୍ମୋଚିତ ହୋଇଥିଲା। ଗାଳ୍ପିକ ଯୋଗଶ ଚନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରଜ ଗୋପାଳ ରାଉତ୍ ଉଦ୍ଦେଶ୍ୟ ଜ୍ଞାପନ, ଶିକ୍ଷକ ସତ୍ୟ ରଞ୍ଜନ ଦାସ ସମ୍ପାଦକୀୟ ପାଠ କରିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ୩୦ ଜଣ ଶିକ୍ଷକଙ୍କୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା ଗାୟନ ସହିତ ପୂଜା ଅର୍ଚ୍ଚନା କରାଯାଇଥିଲା। ହରହର ଘୋଷ, କାହ୍ନୁ ଚରଣ ଜେନା, ଦୀପକ ଭଟ୍ଟାଚାର୍ଯ୍ୟ, ବନ ବୀହାରୀ ଜେନା, ଜଗବନ୍ଧୁ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ପ୍ରାକ୍ତନ ସରପଂଚ ବବିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରଆଇଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ଜଳେଶ୍ୱର ବ୍ଲକ, ୮।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମନାଥ ଟୋଲପ୍ଲାଜା ଅନତି ଦୂର ଅଗ୍ରୱାଲ ବାଇପାସ ଠାରେ ଜଳେଶ୍ୱର ତହସିଲ ଅଧିନସ୍ଥ ରାଇବଣିଆ ଆରଆଇ ନିଶିକାନ୍ତ ସିଂଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ରାଇବଣିଆ ଅଫିସରୁ କାମ ସାରି ବାଇକ ଯୋଗେ ସେ ତହସିଲକୁ ଆସୁଥିବା ସମୟରେ ଦେଉଳା ଗ୍ରାମର ରଞ୍ଜନ ଦାସ ଔରଫ କାଳିଆ ତାଙ୍କ ବାଇକକୁ ଅଟକାଇ ଧାରୁଆ ଅସ୍ତ୍ର ଦେଖାଇ ପାଖରେ ଯାହା ଅଛି ଦେବାକୁ କହିଥିଲା। ମାତ୍ର ଆରଆଇ ନ ଦେବାରୁ ରଞ୍ଜନ ଧାରୁଆ ଅସ୍ତ୍ରକୁ ନିଶିକାନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ କରି ତାଙ୍କ ପାଖରେ ଥିବା ସରକାରୀ ଅର୍ଥ ପ୍ରାୟ ୧୦ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରି ଥିଲା। ଆରଆଇଙ୍କୁ ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ଆଣିଥିଲା ବେଳେ ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ତହସିଲଦାର ସତ୍ୟଜିତ ମହାନ୍ତି ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ପରିବହନ ବିଭାଗର ଚଢ଼ଉ; ୯୦ ହଜାର ଜରିମାନା ଆଦାୟ

ସୋର, ୮।୯(ସମିସ): ସୋର ବାଗୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାକୁ ମରାମତି କାର୍ଯ୍ୟ ଚାଲୁଅଛି। ଯାହାକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଏକ ମାସ ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ନିଷେଧ କରିଥିଲେ। ମାତ୍ର ପଥର ମାଫିଆମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖାତିର ନକରି ଦିନ ରାତି ଅହରହ ପଥର ଗାଡି ଚଳାଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ତିନୋଟି ଭାରିଯାନରୁ ୯୦ ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ବେଳେ ଅନ୍ୟଗାଡି ଗୁଡିକ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ସୋର ତହସିଲଦାର ଦୈତାରୀ ମଲିକ, ସୋର ଥାନାଧିକାରୀ ସୁଦିପ୍ତ ସାହୁଙ୍କ ସମେତ ବାଲେଶ୍ୱର ପରିବହନ ବିଭାଗର ଏସଆଇ ସମରେନ୍ଦ୍ର ମହାପାତ୍ର କନେଷ୍ଟବଳ ତପନ ସିଂ ଓ ଝରଣା ବଳ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ରାଜଘାଟ, ୮।୯ (ସମିସ): ସ୍ୱଷ୍ଟ ଦିବାଲୋକରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଗଙ୍ଗାଧରପୁର ଗ୍ରାମର ଲକ୍ଷ୍ମୀଧର ପାତ୍ରଙ୍କ ପରିବାର ସମ୍ପର୍କୀୟଙ୍କ ଘରକୁ ଭୋଜି ପାଇଁ ଯୋଗ ଦେବାକୁ ଆଜି ଦିନ ୧୧ ଟା ରୁ ବାହାରି ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ପାଖାପାଖି ଦିନ ୧ଟାରୁ ୨ଟା ମଧ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଅଳଙ୍କାର ଗଚ୍ଛିତ ଥିବା ଶ୍ରୀ ପାତ୍ରଙ୍କ ଘରୁ ତାଲା ଭାଙ୍ଗି ଦେଢ଼ କେଜି ରୂପା ଅଳଙ୍କାର ଓ ୧୦ ଭରିରୁ ଅଧିକ ବ୍ୟକ୍ତିଗତ ଅଳଙ୍କାର ପାଖାପାଖି ୨୦ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଓ ନଗଦ ୧ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଏ ନେଇ ବସ୍ତା ଥାନାରେ ଲକ୍ଷ୍ମୀଧର ଲିଖିତ ଅଭିଯୋଗ କରିବା ପରେ ଅମର୍ଦାରୋଡ଼ ଫାଣ୍ଡି ଅଧିକାରୀ ବିଜୟକୁମାର ବାରିକ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ସୁଭଦ୍ରା ପ୍ରାପ୍ୟ

● ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୮।୯ (ସମିସ): ଜଳେଶ୍ୱର ବ୍ଲକ ଅଧିନ ଶ୍ୟାମନଗର ପଞ୍ଚାୟତ ବେଗୁନିଆ ଗାଁର ନମିତା ଗାନ୍ଧି(୪୬) ଜଣେ ଗରିବ ସାଧାରଣ ମଣିଷ ଭାବେ ଦିନ ବିତାଉଥିବା ବେଳେ ସୁଭଦ୍ରା ଯୋଜନାରେ ବାରମ୍ବାର ପଞ୍ଜୀକରଣ କରିଥିଲେ ସୁଦ୍ଧା ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ନମିତାଙ୍କ ସ୍ୱାମୀ ଜଣେ ୬୦ଶତକଡା ମାନସିକ ରୋଗୀ ହୋଇଥିବା ବେଳେ ତାଙ୍କର ମାତ୍ର ଏ୧.୧୫ ଡିସିମିଲ ଚାଷ ଜମି ରହିଛି। ମାତ୍ର ସରକାରଙ୍କ ଏନ୍‌ଏଫଏସ୍‌ଏ ତଥ୍ୟ ଅନୁଯାୟୀ ତାଙ୍କର ୫ ଏକରରୁ ଅଧିକ ଚାଷ ଜମି ଥିବାର ଦର୍ଶାଯାଇଥିବାରୁ ସେ ଏହି ଯୋଜନାରୁ ବଂଚିତ ହୋଇଥିବା ଜଣାଯାଇଛି। ଏହା ସଂପୂର୍ଣ୍ଣ ଭୁଲ ଏପରିକି ତାଙ୍କ ସ୍ୱାମୀ ମାନସିକ ରୋଗୀ ଥିବାରୁ ତାଙ୍କ ନାମରେ ଥିବ ଏ୧.୧୫ଡି ଚାଷ ଜମି ମଧ୍ୟ ଚାଷ କରାଯାଇପାରୁନି ବୋଲି ଦାବି କରିଛନ୍ତି। ଏ ସଂପର୍କରେ ତହସିଲଦାର, ବିଡିଓ, ଜିଲାପାଳଙ୍କ ତଦନ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ସୁଭଦ୍ରା ଯୋଜନାରୁ ବଂଚିତ ହୋଇଥିବା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ଯଥାଶୀଘ୍ର ଏନ୍‌ଏଫଏସ୍‌ଏରୁ ଭୁଲ ତଥ୍ୟ ବାହାର କରି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଛନ୍ତି।

# ୯୦ ଲିଟର ମଦ ଜବତ, ୪ ଗିରଫ

ଭୋଗରାଇ, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ଇନ୍ସପେକ୍ଟର ହରିଶ ଚନ୍ଦ୍ର ସିଂଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ୯୦ ଲିଟର ଦେଶୀ ମହୁଲି ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ବାଟଗ୍ରାମର ଶିବାନୀ ବିନ୍ଧାଣି ପାଖରୁ ୧୪ ଲିଟର, ରାମଚନ୍ଦ୍ରପୁର ଗ୍ରାମର ସପନ ସିଂ ପାଖରୁ ୨୧ ଲିଟର, କମର୍ଦ୍ଦା ଗ୍ରାମର ଗଣେଶ ମାରାଣ୍ଡି ପାଖରୁ ୩୦ ଲିଟର ଓ କାନପୁର ଗ୍ରାମର ସେହିବାନୀ ପୃଷ୍ଟି ପାଖରୁ ୨୫ ଲିଟର ମଦ ଜବତ କରିଛି ଅବକାରୀ ବିଭାଗ। ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

# ନିଶ୍ଚିନ୍ତପୁରରେ ଭାଗବତ ଜନ୍ମ ଉତ୍ସବ

ରାଜଘାଟ, ୮।୯ (ସମିସ): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମର ଭାଗବତ ଟୁଙ୍ଗୀରେ ଭାଗବତ ଜନ୍ମ ଉତ୍ସବ ମୁଖ୍ୟ ପରିଚାଳକ ଅରୁଣ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି। ଏହି ଅବସରରେ ଦିନ ତମାମ ଭାଗବତ ପାଠ, ନାମ ସଂକୀର୍ତ୍ତନ ଓ ଗୀତା ପାଠ ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରବଚକ ପଞ୍ଚାନନ ପରିଡ଼ା ଭାଗବତଙ୍କ ଜନ୍ମର ପୌରାଣିକ କଥାବସ୍ତୁକୁ ପ୍ରବଚନ ମାଧ୍ୟମରେ ଉପାଖ୍ୟାନ ରଖିଥିଲେ। ଅମୂଲ୍ୟ ପରିଡ଼ା, ଦୟାନିଧି ବେହେରା, ହରିପଦ ବେହେରା, ଜନ୍ମେଜୟ ଦାସ, ବିକ୍ରମ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବସ୍ତା ବ୍ଲକରେ ସୂଚନା ଅଧିକାର ଆଇନ ବାଟବଣା

ବସ୍ତା ବ୍ଲକ, ୮।୯ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ସରକାରଙ୍କ ସୂଚନା ଅଧିକାର ଆଇନ ବାଟ ବଣା ହୋଇଥିବା ଅଭିଯୋଗ ହୋଇଛି। ବସ୍ତା ବ୍ଲକ ମିଶନ ଶକ୍ତି ବିଭାଗରେ ବ୍ୟାପକ ଅନିୟମିତତା ହୋଇଥିବା ଅନୁଭବ କରି ଜନୈକ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଜାଣିବାକୁ ବସ୍ତା ବ୍ଲକ ସୂଚନା ଅଧିକାର ଆଇନର ଅଧିକାରୀ ବିଡ଼ିଓଙ୍କୁ ନିୟମ ଅନୁସାରେ ତଥ୍ୟ ମାଗିଥିବା ବେଳେ ଅଧିକାରୀ କୌଣସି ତଥ୍ୟ ପ୍ରଦାନ ନ କରିବା ଓ ନିୟମ ମୁତାବକ ସମୟ ଅତିକ୍ରାନ୍ତ ପରେ ବ୍ୟକ୍ତି ଜଣଙ୍କ ପ୍ରଥମ ଅପିଲ ବିଡ଼ିଓ ଓ ପରେ କମିଶନଙ୍କୁ ଦ୍ୱିତୀୟ ଅପିଲ କରିବା ପରେ କମିଶନ ଙ୍କ ନିର୍ଦ୍ଦେଶକୁ ବସ୍ତା ବିଡ଼ିଓ ଅବମାନନା କରିବା ଏହି ଆଇନକୁ ଖୋଲା ଖୋଲି ଉଲଂଘନ କରାଯାଇଥିବା ନେଇ ପୁଣି କମିଶନଙ୍କୁ ଚିଠି ହୋଇଥିବା ଜଣା ପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ ଏହି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଦା ପଞ୍ଚାୟତ ରଣାମୁଣ୍ଡଲି ଗ୍ରାମର ଗୋକୁଳା ନନ୍ଦ ଜେନା ମିଶନ ଶକ୍ତି ବିଭାଗର ପି ଜି ଗ୍ରୁପ ଉପରେ ୩ ଫେବୃଆରୀ ୨୦୨୩ରେ ବିଡ଼ିଓ ବସ୍ତାଙ୍କୁ ତଥ୍ୟ ମାଗିଥିଲେ। ମାତ୍ର ବିଡ଼ିଓ ତଥ୍ୟ ପ୍ରଦାନ କରି ନଥିଲେ। ନିୟମ ଅନୁସାରେ ୧୫ ମାର୍ଚ୍ଚ ୨୦୨୩ରେ ପ୍ରଥମ ଅପିଲ କରାଯାଇଥିଲେ ମଧ୍ୟ ବସ୍ତା ବିଡିଓ ଏହାକୁ ବେଖାତିର୍ କରିଥିଲେ। ପରେ ୧୯ ଏପ୍ରିଲ ୨୩ ରେ ରାଜ୍ୟ ସୂଚନା କମିଶନ ଭୁବନେଶ୍ୱରଙ୍କୁ ଦ୍ୱିତୀୟ ଅପିଲ କରିଥିଲେ। କମିଶନଙ୍କ ପକ୍ଷରୁ ୯ ଜୁଲାଇ ୨୦୨୫ ରେ ୧୫୨୦/୨୩ ରେ ଶ୍ରୀ ଜେନାଙ୍କୁ ଚିଠି ହୋଇଥିଲା। ଯାହାକୁ ନେଇ ୧ ଅଗଷ୍ଟ ରେ ସେ କମିଶନ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ। ମାତ୍ର ବସ୍ତା ବିଡ଼ିଓ ତରବରିଆ ଭାବେ ୨୪ ଜୁଲାଇ ୨୦୨୫ ରେ ଏକ ଭୁଲ ଓ ଭ୍ରମିତ କଳା ଭଳି ତଥ୍ୟ ଡାକ ଯୋଗେ ଶ୍ରୀ ଜେନାଙ୍କ ନିକଟକୁ ପଠାଇ ଥିଲେ। ଏହା ଜାଣି ପାରି ଶ୍ରୀ ଜେନା କମିଶନଙ୍କ ଠାରେ ହାଜିର୍ ହୋଇ ସଠିକ୍ ତଥ୍ୟ ପାଇଁ ନିବେଦନ କରିବା ସହିତ ବିଡ଼ିଓ ପଠାଇଥିବା ଭ୍ରମିତ ତଥ୍ୟକୁ ଦେଖାଇଥିଲେ। ଏହା ଦେଖି କମିଶନ ବିଡ଼ିଓଙ୍କୁ ତାଗିଦ୍ ସହିତ କମିଶନ ସୂଚନାବିତ୍ ଯାହା ନେବାକୁ ଚାହୁଁଛନ୍ତି ଓ ଦେଖିବାକୁ ଚାହୁଁ ଛନ୍ତି ବିନାମୂଲ୍ୟରେ ୧୩ ଅଗଷ୍ଟ ୨୦୨୫ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସମୟ ଅନୁସାରେ ଶ୍ରୀ ଜେନା ତଥ୍ୟ ଆଣିବାକୁ ବ୍ଲକ କୁ ଯାଇଥିବା ବେଳେ ସ୍ୱାଧୀନତା ଦିବସ ଆଳ ଦେଖାଇ ବିଡ଼ିଓ ସୂଚନା ବିତ୍ ଶ୍ରୀ ଜେନାଙ୍କୁ ୨୧ ଅଗଷ୍ଟ ପୂର୍ବରୁ ତଥ୍ୟ ଦେବାକୁ କହିବା ସହ କଣ ନେବା ପାଇଁ ଚାହୁଁ ଛନ୍ତି ଏକ ଲିଖିତ ଭାବେ ଦେବାକୁ କହିଥିଲେ। ଇତି ମଧ୍ୟରେ ୧୮ ଦିନ ବିତି ଯାଇଥିଲେ ମଧ ବସ୍ତା ବ୍ଲକରୁ ତଥ୍ୟ ଦିଆଯାଇ ନଥିବା ରୁ ପୁଣି ଶ୍ରୀ ଜେନା ୧ ସେପ୍ଟେମ୍ବରରେ କମିଶନଙ୍କୁ ପୁଣି ଅଭିଯୋଗ କରିଛନ୍ତି।

**କମିସନଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ବିଡ଼ିଓ**

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଉତ୍ତେଜନା
## ପୁଲିସର ହସ୍ତକ୍ଷେପ ପରେ ଆଂଶିକ ସମାଧାନ ସୂଚନା

ହାଟଡ଼ିହୀ,୮।୯(ସମିସ)





ହାଟଡ଼ିହୀ ବ୍ଲକ୍ ତଥା ଆନନ୍ଦପୁର ଥାନା ଅଧୀନସ୍ଥ ଆମ୍ବଗଡ଼ିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୋମବାର ସକାଳ ପ୍ରାୟ ୮ଟା ସମୟରେ ଗୋଟିଏ ଚାଉଳ ବୋଝେଇ ଟ୍ରକ୍ ଛେନାପଦି ଛକରେ ଥିବା ଜିମ୍ ସେଣ୍ଟରର ପ୍ରଶିକ୍ଷକ ସୁରଜ କୁମାର ବିଶାଳ(୨୭)ଙ୍କୁ ଖୁବ୍ ଜୋରରେ ଧକ୍କାଦେଇ ରାସ୍ତାପାଖକୁ ଓଲଟି ପଡ଼ିଥିଲା। ଟ୍ରକ ଚାଳକ ଫେରାର ହୋଇଯାଇଥିବା ବେଳେ ବାଇକ୍‌ଆରୋହୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଟଡ଼ିହୀ ଦମକଳ ଗାଡ଼ି ଯୋଗେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସୁରଜଙ୍କ ଘର ଘସିପୁରା ଥାନା ଶୈଳଙ୍ଗ ଗାଁରେ ହୋଇଥିବା ବେଳେ ସେ ତାଙ୍କ ବାପା-ମାଆଙ୍କର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ସଡ଼କ ଦୁର୍ଘଟଣାରେ ସୁରଜଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ବୁଝାସୁଝା କରିଥିଲେ ସୁଦ୍ଧା ଏହାର ସମାଧାନ ନହେବାରୁ ଉକ୍ତ ଜିମ୍ ସେଣ୍ଟରର ପିଲାମାନେ କ୍ଷତିପୂରଣ ଦାବିକୁ ନେଇ ଘଟଣାସ୍ଥଳରେ ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଦାବି ପୂରଣ ତ ଦୂରର କଥା ଦୁର୍ଘଟଣା ଘଟାଇଥିବା ଟ୍ରକ ମାଲିକ ସେଠାକୁ ନିଜେ ଆସିଲେ ନାହିଁ କି ତାଙ୍କର କୌଣସି ବ୍ୟକ୍ତିଙ୍କୁ ମଧ୍ୟ ପଠାଇଲେ ନାହିଁ। ଯାହାଫଳରେ ଆନନ୍ଦପୁର ଆଇଆଇସି ଫକିର୍ ଭୂଷଣ ନାଏକଙ୍କ ସହ ଘସିପୁରା ଆଇଆଇସି ମାନସ କୁମାର ବାରିକ, ନନ୍ଦିପଦା ଆଇଆଇସି ରବିନ୍ଦ୍ର କୁମାର ପାତ୍ର, ଏସ୍ଆଇ ଅନୁପ କର, ଜନ୍ ପଟ୍ଟନାୟକ, ବଳିଆ ବାରିକ ପ୍ରମୁଖଙ୍କ ସହ ପୁଲିସ ଫୋର୍ସ ମୁତୟନ ହୋଇ ରାସ୍ତା ଅବରୋଧକୁ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ। କ୍ଷତିପୂରଣ ବାବଦରେ ଆଲୋଚନା ନେଇ ପୁଲିସ ଉକ୍ତ ଯୁବକଙ୍କୁ ଡକାଇଥିଲେ। ଖବର ଲେଖାଯିବା ଯାଏ ଏହାର ସମାଧାନ ସୂଚନା ମିଳିପାରି ନାହିଁ।

# ବସ୍ ଧକ୍କାରେ ଛାତ୍ର ଗୁରୁତର



କେନ୍ଦୁଝର,୮।୯(ସମିସ): କେନ୍ଦୁଝର ସହର ଉପକଣ୍ଠ ବେବର୍ତ୍ତାପୋଷି ସ୍କୁଲ ନିକଟରେ ବସ୍ ଧକ୍କାରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, କେନ୍ଦୁଝର ପଞ୍ଚାୟତ ମଥୁରା ମଣ୍ଡଳୀ ଗ୍ରାମର ସ୍ୱର୍ଗତଃ କେଦାର ମୁଣ୍ଡାଙ୍କ ପୁଅ କୁଞ୍ଜନ୍ ମୁଣ୍ଡା ସନ୍ତୋଷୀ ମା' ରିଜିଓ ନାଲ ବିଦ୍ୟାଳୟର ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଆଜି ପ୍ରତ୍ୟେକ ଦିନ ପରି ସାଇକଲରେ ସେ ବିଦ୍ୟାଳୟ ଆସୁଥିଲେ। ବେବର୍ତ୍ତାପୋଷିରେ ଥିବା ଅନେଶା ହଷ୍ଟେଲ ସମ୍ମୁଖରେ ଯୋଶଦା ନାମକ ଏକ ଘୋରର ବସ୍ ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ବସ ଡ୍ରାଇଭର ତୁରନ୍ତ ଗୁରୁତର ଛାତ୍ରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ଖବର ପାଇ ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# କଣ୍ଢେଇ ଆଣିବାକୁ ଯାଇ ଗଡ଼ିଆରେ ବୁଡ଼ି ଶିଶୁ ମୃତ

ତୁରୁମୁଙ୍ଗା,୮।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ଘୁଣ୍ଟିବେଡା ଗ୍ରାମରେ ଗଡ଼ିଆରେ ବୁଡି ଜଣେ ଶିଶୁପୁତ୍ର(୨)ର ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଥାନା ଘୋଡା ଘାଗୁରି ଗ୍ରାମର ନନ୍ଦକିଶୋର ମହାନ୍ତ ପୁଅ କୃଷ୍ଣ କୁମାର ମହାନ୍ତ। ଶିଶୁ ପୁତ୍ରଟି ମାଆଙ୍କ ସହ ଘୁଣ୍ଟିବେଡା ଗ୍ରାମର ମାମୁଁ ଘର କେଶବ ମହାନ୍ତଙ୍କ ଘରେ ରହୁଥିବା ବେଳେ ସୋମବାର ସକାଳେ ଶିଶୁପୁତ୍ରଟି ଘର ଅଗଣାରେ କଣ୍ଢେଇ ଧରି ଖେଳୁଖେଳୁ ପାଖରେ ଥିବା ଗଡ଼ିଆ ଭିତରେ ପଡ଼ି ବୁଡି ଯାଇଥିଲା। ଶିଶୁପୁତ୍ରର ଆଇ ଦେଖି ତୁରନ୍ତ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ସାହାରପଡା ଫାଣ୍ଡି ପୁଲିସ କରଞ୍ଜିଆ ମେଡିକାଲରେ ଶବକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୨୪/୨୫ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର,୮।୯(ସମିସ): ପବିତ୍ର ଭାଗବତ ଜନ୍ମ ଇନ୍ଦୁ ପୂର୍ଣ୍ଣିମା ଅବସରରେ ଲୁଣହାର ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଆଚାର୍ଯ୍ୟ ଶ୍ରୀଧର ପାଢୀ ବୈଦିକ ରିତୀନିତୀ ଅନୁସାରେ ପୂଜାର୍ଚ୍ଚନା କରିବା ପରେ ପବିତ୍ର ବଟବୃକ୍ଷ ମୂଳରୁ ମାଟି ଅନୁକୂଳ କରାଯାଇଛି। କର୍ତ୍ତା ଭାବେ ପିତାମ୍ବର ନାୟକ, ପ୍ରଣବ କୁମାର ନାୟକ, ସୁଶାନ୍ତ ପାତ୍ର, ପର୍ଶୁରାମ ନାୟକ, ମନୋରଞ୍ଜନ ନାୟକ, ରବୀନ୍ଦ୍ର ସାମଲ, ଦୋଳଗୋବିନ୍ଦ ନାୟକ, କେଶବ ସ୍ୱାଇଁ, ଆନନ୍ଦ ବେହେରା, ସନ୍ତୋଷ ନାୟକ ପ୍ରମୁଖ ଅନେକ ଶ୍ରଦ୍ଧାଳୁ ନିଷ୍ଠାର ସହ ବ୍ରତ ରଖି ପବିତ୍ର ମାଟିକୁ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଘଣ୍ଟ ଧ୍ୱନୀରେ ପାଛୋଟି ଆଣି ଲକ୍ଷ୍ମୀମଣ୍ଡପରେ ସ୍ଥାପନ କରିଛନ୍ତି। ଇନ୍ଦୁ ପୂର୍ଣ୍ଣମୀଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ମାସେବ୍ୟାପି ପୂଜାମଣ୍ଡପରେ ପ୍ରତ୍ୟହ ପୂଜାର୍ଚ୍ଚନା ଚାଲିବ ବୋଲି ଶ୍ରଦ୍ଧାଳୁ ପ୍ରକାଶ କରିଛନ୍ତି।

# ବିରିଡିହାରେ ଗଜଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ



ଆନନ୍ଦପୁର,୮।୯(ସମିସ): ଇନ୍ଦୁ ପୂର୍ଣ୍ଣିମା ତଥା ଭାଗବତ ଜନ୍ମ ଅବସରରେ ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରେ ମା' ଲକ୍ଷ୍ମୀ କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ପୂଜା କମିଟିର ସଦସ୍ୟ ଉଦୟନାଥ ସାହୁ ନିଷ୍ଠାପର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆଚାର୍ଯ୍ୟ ହେମନ୍ତ ଷଢ଼ଙ୍ଗୀ ପୂଜାର୍ଚ୍ଚନା କରି ବିରିଡିହା ଗ୍ରାମର ଗ୍ରାମାଦେବୀ ପୀଠରୁ ମାଟି ଅନୁକୂଳ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ଶଙ୍ଖ ହୁଳହୁଳି ବାଜା ବଜାଇ ପବିତ୍ର ମାଟିକୁ ଆବାହାନ କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକମିଟି ସଂଯୋଜକ ଭାବଗ୍ରାହୀ ବେହେରା, ବିଷ୍ଣୁଚରଣ ସାହୁ, ମଣିଭଦ୍ର ସାହୁ, ବୈଷ୍ଣମ୍ବ ସାହୁ, ଭଗବାନ ବେହେରା, ବଳରାମ ମୁଦୁଲି, ନବକିଶୋର ବେହେରା, ଯୁଧିଷ୍ଠିର ବେହେରା, ସୁଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ମୁରଲୀ ରଣା, ମନୋଜ କୁମାର ସାହୁ, ବଟକୃଷ୍ଣ ସାହୁ, ଚିନ୍ତାମଣି ସାହୁ ପ୍ରମୁଖ ଉପସ୍ଥିତ ରହି ମା' ଲକ୍ଷ୍ମୀଙ୍କ ମାଟି ଅନୁକୂଳ କାର୍ଯ୍ୟରେ ସାମିଲ ହୋଇଥିଲେ।

# ଅଚଳ ଷ୍ଟ୍ରିଟ୍ ଲାଇଟ୍ ମରାମତି କଲେ ଯୁବକ ଗୋଷ୍ଠୀ



ରାମଚନ୍ଦ୍ରପୁର,୮।୯(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ବିଲାବନ୍ଧ ଗ୍ରାମରେ ଦୀର୍ଘ ଦିନ ହେବ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡ଼ିଥିଲା। ଏଥିନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ମରାମତି ଦିଗରେ କେହି କର୍ଣ୍ଣପାତ କରିନଥିଲେ। ଫଳରେ ସ୍ଥାନୀୟ ନିଉ ଜେନେରେଶନ ୟୁଥ୍ କ୍ଲବ୍‌ର ସଭାପତି ଆଶୁତୋଷ ମାଝୀଙ୍କ ସମେତ ଗାଁର ଅନେକ ଯୁବଗୋଷ୍ଠୀ ମିଶି ଷ୍ଟ୍ରିଟ ଲାଇଟ ମରାମତି କରିବା ସହ କେତେକ ସ୍ଥାନରେ ନୂଆ ଲାଇଟ ଲଗାଇ ଦେଇଥିଲେ। ବର୍ଷା ଦିନେ ରାସ୍ତାକଡରେ ଅନାବନା ଗଛଲତା ବୃଦ୍ଧି ପାଇବା ସହ ଅନ୍ଧାର ସୁଯୋଗରେ ମାରାତ୍ମକ ସରୀସୃପ ତଥା ବନ୍ୟଜନ୍ତୁଙ୍କ ଭୟ ଅଧିକ ଥିବାରୁ ଛକ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ନିହାତି ଆବଶ୍ୟକ ଥିଲା ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

# ଦେଓଗାଁରେ ଘୂରିବୁଲୁଛନ୍ତି ହାତୀପଲ



## ଟମକା ଜଙ୍ଗଲମୁହାଁ ପାଇଁ ବନବିଭାଗ ସଜାଗ

ଆନନ୍ଦପୁର/ବେଲବାହାଳି/ରାମଚନ୍ଦ୍ରପୁର,୮।୯(ସମିସ): ଦୁଇ ଦନ୍ତା ହାତୀ ପାଇଁ ନାକେଦମ୍ ହେଲାଣି ବନ ବିଭାଗ। ଟମକା ଜଙ୍ଗଲରୁ ଗତ ରବିବାର ବିଳମ୍ବିତ ରାତିରେ ଖସିଆସିଥିବା ଦୁଇଟି ହାତୀ ସ୍ଥାନୀୟ ଦେଓଗାଁ ଅଞ୍ଚଳରେ ଘୁରିବୁଲୁଥିବାରୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। କୁଶେଇ ନଦୀର କୂଳେ କୂଳେ ବୁଲୁଥିବା ଏହି ଦୁଇ ଦନ୍ତାହାତୀ ଅପରାହ୍ଣରେ ସ୍ଥାନୀୟ ଦୀପପାଳ ଗ୍ରାମ ନିକଟରେ ଥିବା ଜଣାପଡ଼ିଛି। ଜଙ୍ଗଲ ବିଭାଗର ଉଦ୍ୟମରେ ଏବେ ହାତୀ ଟମକା ଜଙ୍ଗଲ ଆଡ଼କୁ ମୁହାଁଇଥିବା ଜଣାପଡ଼ିଛି। ତେବେ ଆନନ୍ଦପୁର, ଦେଓଗାଁ ଓ ବ୍ରାହ୍ମଣିପାଳ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀକୁ ପିଛା କରୁଥିବା ଜଣାପଡ଼ିଛି। ଟମକା ଜଙ୍ଗଲରୁ ହାତୀପଲ ଖସିଆସି ବ୍ରାହ୍ମଣୀପାଳଦେଇ ଆନନ୍ଦପୁରର ଦେଓଗାଁରେ ପହଞ୍ଚି ଥିଲେ। ଖବରପାଇ ଆନନ୍ଦପୁର ଜଙ୍ଗଲ ବିଭାଗ ଡିଭିଜନର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ପରେ ହାତୀକୁ ସୁରକ୍ଷିତ ଭାବରେ ଟମକା ଜଙ୍ଗଲରେ ଛାଡ଼ିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସେପଟେ ହାତୀ ଦୁଇଟି ଯାକ ଦିନତମାମ୍ ଏଗାଁରୁ ସେଗାଁ ବୁଲିଥିଲେ ସୁଦ୍ଧା ଅଦ୍ୟାବଧି ସେପରୀ ଆଖିଦୃଶିଆ କ୍ଷୟକ୍ଷତି କିମ୍ବା ଧନଜୀବନହାନୀ ହୋଇନଥିବା ସୂଚନା ମିଳିଛି।

# ଲିଜ୍‌ଧାରୀଙ୍କ ଅଜାଣତରେ..........
# କୁଶେଇ ନଦୀରୁ ବାଲିଚାଲାଣ

ଆନନ୍ଦପୁର,୮।୯(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରାଚାଲାଣ ଚରମସୀମାରେ ପହଞ୍ଚିଛି। ଲଘୁଖଣିଜ ବିଭାଗର ଅପାରଗତା ଯୋଗୁଁ ରାତିରେ ଟ୍ରାକ୍ଟର ଯୋଗେ ଟ୍ରିପ ଟ୍ରିପ୍ ବାଲି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏପରିକି ଲିଜ୍‌ଧାରୀଙ୍କ ଅଜାଣତରେ କୁସେଇ ନଦୀ ବାଲିଘାଟରୁ ବାଲି ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ମୌସୁମୀ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜୁନ୍ ୫ରୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଓ ପରିବହନ ଉପରେ ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଇଛି। ହେଲେ ଆନନ୍ଦପୁର ଉପଖଣ୍ଡରେ କୌଣସି କଟକଣାକୁ ଖାତିର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା ହେଲା, ଲିଜ୍‌ଧାରୀଙ୍କ ଦ୍ୱାରା ଘାଟ ବନ୍ଦ କରାଯାଇଥିବା ବେଳେ କେତେକ ବ୍ୟକ୍ତି ସ୍ଥାନୀୟ ଲୋକେ ଦେଓଗାଁ ଘାଟରୁ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହୋଇଛି। ଉତ୍ତୋଳନ ବନ୍ଦ କରାଯାଇଥିବା ବେଳେ ରାତିରେ କିଏ ଘାଟରୁ ବାଲି ଉଠାଉଛି ଖଣିବିଭାଗ କର୍ତ୍ତୃପକ୍ଷ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରିଥିବା କହିଛନ୍ତି। କାହା ଛତ୍ରଛାୟା ତଳେ ରହି ଏଭଳି ବେଆଇନ କାମ ହେଉଛି ବୋଲି ବୁଦ୍ଧିଜୀବୀମହଲରେ ପ୍ରଶ୍ନହୋଇଛି।

# ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର



ଆନନ୍ଦପୁର,୮।୯(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ପୁଲିସ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର କେନ୍ଦୁଝର ଜୋନାଲ କମିଟି ମୁଖ୍ୟ କଲ୍ୟାଣ ବାସ୍କେଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ କେତେକ ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ଆସି ଏସଡିପିଓଙ୍କ ସହିତ ସାକ୍ଷାତ ଏବଂ ଆଲୋଚନା କରିବା ସହିତ ମାଝୀ ପାର୍ଗନା ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଦାବି ଜଣାଇଥିଲେ। ଶାନ୍ତ ଓ ସରଳ ଆଦିବାସୀମାନେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ରହିବାକୁ ଚାହୁଁଥିବା ବେଳେ ସେମାନଙ୍କ ଉପରେ ପୂର୍ବ ପ୍ରଚଳିତ ପ୍ରଥାକୁ ଲଦି ଦିଆଯାଇ ହଇରାଣ ହରକତ କରାଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକୃତିର ପୂଜକ ଆଦିବାସୀମାନଙ୍କୁ ସାରନା ଧର୍ମ କୋଲମ କୋର୍ଡ ପ୍ରଦାନ କରିବା ଏବଂ ଝାଡ଼ଖଣ୍ଡ ରାଜ୍ୟକୁ ଆଦିବାସୀ ରୂପେ ଘୋଷଣା କରି ଆଦିବାସୀମାନଙ୍କ ସ୍ଥିତି ଜାହିର କରିବା ଦାବି ସମ୍ପର୍କରେ ବହୁବାର ଉପସ୍ଥାପନ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏଦିଗରେ କୌଣସି ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରୁନଥିବାରୁ ସଂଗଠନର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହିପ୍ରତିନିଧି ଦଳରେ ଚନ୍ଦ୍ରମଣି ସୋରେନ, ବଳରାମ ଟୁଡୁ, ଦାସ ସୋରେନ, ରବୀନ୍ଦ୍ର ସୋରେନ, ଦଶମତ ଟୁଡୁ ଓ ଗୋବିନ୍ଦ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଗଲା ଘର

## ଆବାସ ଯୋଗାଇଦେବା ପାଇଁ ଦାବି



କେନ୍ଦୁଝର,୮।୯(ସମିସ): କେନ୍ଦୁଝର ସଦର ବ୍ଲକ୍ ଅଧୀନ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ଗ୍ରାମର ଗଗନ ବିହାରୀ ମହାନ୍ତଙ୍କ ମାଟି ଘରଟି ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ପରିବାର ଲୋକେ ଘର ଭିତରେ ରହିବାକୁ ଭୟ କରୁଛନ୍ତି। କାନ୍ଥ ଫାଟିବା ସହିତ ପାଣିରେ ବତୁରି ବିପଦ ସଂକୁଳ ଅବସ୍ଥାରେ ରହିଛି। ପାଣିରେ ବତୁରୀ ଚାଉଳ, ଧାନ ନଷ୍ଟ ହୋଇଯାଇଛି। ଶୋଇବା ରୋଷେଇ ବାସ ପାଇଁ ସମସ୍ୟା ହେଉଥିବାରୁ ପଡ଼ୋଶୀ ଘରେ ଜିନିଷପତ୍ର ରଖିବା ସହ ଗଗନ ଓ ସ୍ତ୍ରୀ ପୁଅ ତିନିଜଣ ଆଶ୍ରୟ ନେଇଛନ୍ତି। ଅଭିଯୋଗ ପରେ ନୂଆଗାଁ ରାଜସ୍ୱ ନୀରକ୍ଷକ ଅଧିକାରିଣୀ ଚିନ୍ମୟୀ ବେହେରା ତଦନ୍ତ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଗଗନଙ୍କୁ କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇନଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗଗନ ଦାବି କରିଛନ୍ତି।

● ଅଲ୍ ଓଡ଼ିଶା ଟ୍ରକ୍ ମାଲିକ ସଂଘର ନିର୍ବାଚନ

# ସୁଶାନ୍ତ କୁମାର ବାରିକ ନର୍ଥଜୋନ୍ ସାଧାରଣ ସମ୍ପାଦକ



ଯୋଡ଼ା,୮।୯(ସମିସ): ଅଲ୍ ଓଡିଶା ଟ୍ରକ୍ ମାଲିକ ସଂଘ ଫେଡେରେସନ ପକ୍ଷରୁ ବ୍ରହ୍ମପୁର ଟ୍ରକ୍ ମାଲିକ ସଂଘଠାରେ ଚଳିତ ବର୍ଷ ନିର୍ବାଚନ ସମାପ୍ତ ହୋଇ ଫଳାଫଳ ଘୋଷଣା ହୋଇଛି। ପ୍ରଥମ ଥର ପାଇଁ ଖଣିଖାଦାନର ଜିଲ୍ଲା କେନ୍ଦୁଝରରୁ ରାଜ୍ୟ ଟ୍ରକ ମାଲିକ ସଂଘ ଫେଡେରେସନରେ ଅଂଶଗ୍ରହଣ କରି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଜିଲ୍ଲା ଟ୍ରକ୍ ମାଲିକ ଓ ମାଲିକ ସଂଘଗୁଡ଼ିକରେ ଖୁସି ତଥା ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ରାଜ୍ୟ ଟ୍ରକ ମାଲିକ ସଂଘ ଫେଡେରେସନ ନିର୍ବାଚନରେ ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ନର୍ଥଜୋନ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟା ବ୍ରହ୍ମପୁରଠାରେ ଥିବା ଟ୍ରକ ମାଲିକ ସଂଘରେ ଅନୁଷ୍ଠିତ ହୋଇଥିବା ବେଳେ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପରି ଅନ୍ୟ ସମସ୍ତ ପଦପଦବୀ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ସାମ୍ବିଧାନିକ ଭାବେ ସମାପ୍ତ ହେବାସହ ଫଳାଫଳ ଘୋଷଣା ହୋଇଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ବଡ଼ବିଲ ଖଣି ଅଞ୍ଚଳରୁ ଶ୍ରୀ ବାରିକ ନିର୍ବାଚନ ଲଢ଼ି ବିଜୟ ଘୋଷଣା ପ୍ରଚାର ହେବା ପରେ ତାଙ୍କୁ ଗାଡି ମାଲିକ ଓ ଗାଡ଼ିମାଲିକ ସଂଘ ପକ୍ଷରୁରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି। ପ୍ରଥମ ଥର ଜିଲ୍ଲାରୁ ଯାଇ ରାଜ୍ୟ ସଂଘରେ ଏକ ମଜଭୁତ ପଦବୀରେ ଅବସ୍ଥାନ କରିବାନେଇ ଜିଲ୍ଲା ଟ୍ରକ ମାଲିକମାନଙ୍କ ମଧ୍ୟରେ ନୂଆ ଆଶା ଓ ଉଦ୍ଦିପନା ଦେଖିବାକୁ ମିଳିଛି। ନିର୍ବାଚନ ପ୍ରକ୍ରିୟା ଓ ଫଳାଫଳ ଘୋଷଣା ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ନବ ନିର୍ବାଚିତ ସାଧାରଣ ସମ୍ପାଦକ (ନର୍ଥ ଜୋନ) ସୁଶାନ୍ତ କୁମାର ବାରିକ ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇ ସଠିକ ଭାବେ ପରିଚାଳନା କରିଥିବା ହେତୁ ଗଞ୍ଜାମ ଟ୍ରକ ସଂଘର ସମସ୍ତ ସଭାପତି ପ୍ରମୋଦ ରଥ ଓ ସମ୍ପାଦକ ରଂଜିତ ପଣ୍ଡା ଶ୍ରୀ ବାରିକଙ୍କ ପ୍ରଶଂସା କରିଥିବା ଜଣାପଡ଼ିଛି।

# ଉମାଶଙ୍କରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ହାଟଡ଼ିହୀ,୮।୯(ସମିସ): ହାଟଡ଼ିହୀ ବ୍ଲକ୍ ଅଣା ଗ୍ରାମର ଉମାଶଙ୍କର ମଲ୍ଲିକ ସୁନ୍ଦରଗଡ଼ ଜିଲ୍ଲା କୁଦ୍ରା ବ୍ଲକ ଅଧୀନ ତୁନମୁରାରେ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିବାବେଳେ ଚଳିତ ବର୍ଷ ୨୦୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଗତ ଶୁକ୍ରବାର ଜିଲ୍ଲାସ୍ତରୀୟ ଗୁରୁ ଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲାଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଏଡିଏମ ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପୌରପାଳିକା ଅଧକ୍ଷା ତନୟା ମିଶ୍ର ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କର ଏପରି ସଫଳତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ମନଭାଙ୍ଗି ନାୟକ, ବିକାଶ ଟପୋ, ରେମାଞ୍ଚ ତଣ୍ଡିଆ ଓ କବିରାଜ ସିଂଙ୍କ ସମେତ ହାଟଡିହୀ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ପିତାମାତା ବନ୍ଧୁବାନ୍ଧବ ମାନେ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ପାର୍କିଂସ୍ଥଳରେ ଅଗ୍ନିକାଣ୍ଡ ଘଟି ଜଳିଗଲା ଟ୍ରକ୍



ଯୋଡ଼ା,୮।୯(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ କାଟାମାଟି ଖଣିର ପାର୍କିଂସ୍ଥଳରେ ଏକ ଟ୍ରକ୍‌ରେ ନିଆଁ ଲାଗିଯିବାରୁ ଚାଳକ ଓ ସହାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ସୋମବାର ଦିନ ଟ୍ରକ୍ ଭିତରେ ଚାଳକ ଓ ସହାୟକ ରୋଷେଇ କରୁଥିବା ସମୟର ଅସାବଧାନ ଯୋଗୁଁ ଗାଡ଼ିରେ ନିଆଁ ଲାଗିଥିଲା। ଗାଡ଼ିଟି ହୁତହୁତ ହୋଇ ଜଳିବା ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟ
# ବିପଦ ସଂକୁଳ ଅବସ୍ଥାରେ କଳା ବିଭାଗର ଶ୍ରେଣୀଗୃହ

ଆନନ୍ଦପୁର,୮।୯(ସମିସ)



କେନ୍ଦୁଝର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେ ଆନନ୍ଦପୁର ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଖ୍ୟାତି ଅର୍ଜନ କରିଛି। ହେଲେ ବିବିଧ ସମସ୍ୟା ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ମହାବିଦ୍ୟାଳୟ କଳାବିଭାଗରେ ଥିବା ଶ୍ରେଣୀଗୃହରୁ ପାଣି ଗଳୁଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଆରମ୍ଭରୁ ଥିବା ଏହି ଆଜବେଷ୍ଟ ଛପର ଶ୍ରେଣୀ ଗୃହ ଅବସ୍ଥା ଦୟନୀୟ ହୋଇପଡିଛି। କବାଟ ଝରକା ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ଶ୍ରେଣୀ ଗୃହ ବିପଦ ସଂକୁଳ ହୋଇପଡ଼ିଲାଣି। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟ ୬୧ ବର୍ଷ ଧରି ନିରନ୍ତର ଭାବେ ଗୁଣାତ୍ମକ ଶିକ୍ଷା ଦେଉଥିବାରୁ ବର୍ତ୍ତମାନ ଏହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରାୟ ୨୩ ଶହରେ ପହଞ୍ଚିଛି। ହେଲେ ଏହି ମହାବିଦ୍ୟାଳୟର ଭିତ୍ତିଭୂମି ଆଶାନୁରୂପକ ଭାବେ ଅଗ୍ରଗତି ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି। ସମାଜ ବିଜ୍ଞାନ, ମନୋବିଜ୍ଞାନ ଓ ଶିକ୍ଷା ଭଳି ମହତ୍ତ୍ୱପୂର୍ଣ୍ଣ ବିଭାଗ ଖୋଲିବାର ଆବଶ୍ୟକ୍ତା ଥିଲେ ମଧ୍ୟ ଏଥିପ୍ରତି ଅଣଦେଖା କରାଯାଇଛି। ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମ ନଥିବାରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏନେଇ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି।

## ଜାତୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲା 'ରେବତୀ ସେବତୀ ଏଇ ବତୀ'

ବାରିପଦା, ୮।୯ (ସମିସ):





ସହିଦ ସ୍ମୃତି ଭବନରେ ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ତୃତୀୟ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ଗଦାଧର ପୁଟି ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଭିନେତା ନିର୍ଦ୍ଦେଶକ କ୍ଷିରୋଦ ସିଟ ଓ କୁମରମଣି ନାୟକ, କାଶୀନାଥ ରଣା ଓ ପୀତବାସ ସେଠୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସଭାପତି ଡଃ କୈଳାସଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରେକ୍ଷାଳୟ ପୂର୍ଣ୍ଣ ଦର୍ଶକଙ୍କ ଉପସ୍ଥିତିରେ ଭୁବନେଶ୍ୱରର ନାଟ୍ୟ ଚେତନା ପ୍ରସ୍ତୁତ ନାଟକ 'ରେବତୀ ସେବତୀ ଏଇ ବତୀ' ମଞ୍ଚସ୍ଥ ହୋଇଥିଲା। ତତ୍କାଳୀନ ସମାଜରେ ଫକୀରମୋହନଙ୍କ ରେବତୀ ଯେଉଁ ଭଳି ନିର୍ଯାତନାର ଶିକାର ହୋଇଥିଲା ଆଜି ବି ସେବତୀ ପରି ନାରୀମାନେ ସମାଜରେ ଅବହେଳିତ। ଏହି ବିଷୟବସ୍ତୁ ଉପରେ ଏକମାତ୍ର ଚରିତ୍ର ଉପରେ ପର୍ଯ୍ୟବେକ୍ଷିତ ନାଟକରେ ପ୍ରତିଷ୍ଠିତ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦାଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସୁବୋଧ ପଟ୍ଟନାୟକଙ୍କ ରଚିତ ଓ ସୁଜାତା ପ୍ରିୟମ୍ବଦାଙ୍କ ନିର୍ଦ୍ଦେଶିତ ନାଟକରେ ଭରଦାନ ଦୀକ୍ଷିତ ସଂଗୀତରେ ସହଯୋଗ କରିଥିଲେ। ଦ୍ୱିତୀୟ ନାଟକ ବାରିପଦାର ବାସ୍ତବ ନାଟ୍ୟସଂସ୍ଥା ପ୍ରସ୍ତୁତ ନାଟକ 'ପାପି' ପରିବେଷଣ ହୋଇଥିଲା। ଗୌରୀ ଦାସଙ୍କ ରଚିତ ଓ ଅନ୍ନଦା ଶଙ୍କର ଦାଶଙ୍କ ନିର୍ଦ୍ଦେଶିତ ନାଟକରେ ସୌମ୍ୟ ଶତପଥୀ, ରାଜେନ୍ଦ୍ର ସାହୁ, ଅଶୋକ ପଟ୍ଟନାୟକ, ପ୍ରୟାସ ଶତପଥୀ, ସୁବ୍ରତ ଦେ, ସତ୍ୟଜିତ ସାହୁ, ଅନିମେଷ ଘୋଷ, ଅଭିଜିତ ପଣ୍ଡା, ଅନ୍ନଦା ଦାଶ ଲିପ୍ସା ପଣ୍ଡା ଓ ଡଲ ମିଶ୍ର ଅଭିନୟ କରିଥିବା ବେଳେ ଶକ୍ତିପ୍ରସାଦ ମିଶ୍ର ସଂଗୀତରେ ସହଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗୋଟିଏ ନାଟକ କୋଲକାତାର ଶବ୍ଦମୁଗ୍ଧ ନାଟ୍ୟସଂସ୍ଥା ପ୍ରସ୍ତୁତ ନାଟକ 'ମାୟା ମୃଦଙ୍ଗ' ପରିବେଷଣ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି।

## ସଦ୍‌ଭାବନା ସମିତିର ମାସିକ ସନ୍ଥ ଦିବସ



ବାରିପଦା,୮।୯ (ସମିସ): ପବିତ୍ର ଇନ୍ଦପୂର୍ଣ୍ଣିମା ତିଥିରେ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ୫୫୫ତମ ମାସିକ ସନ୍ଥ ଦିବସ ସଦସ୍ୟ ସନ୍ଦିପ କୁମାର ଚାନ୍ଦଙ୍କ ପୌରହିତ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ପାଳିତ ହୋଇଯାଇଛି। ପ୍ରଥମେ ଏ ମାସରେ ଭୂମିଷ୍ଠ ହଜରତ୍ ମହମ୍ମଦ, ଠାକୁର ଅନୁକୂଳ ଚନ୍ଦ୍ର ଏବଂ ସ୍ୱାମୀ ଶିବାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। 'ସନ୍ଥ ସଂସ୍କୃତିରେ ମିଛକୁ ସବୁବେଳେ ନାଁର' 'ରୋକ୍‌ଠୋକ୍ ମଣିଷ ଏବେକାର ସମାଜରେ ଦୁଃଖ ବଖାଣି ସୁଖ ସାଉଁଟିବାରେ ଅସମର୍ଥ' ପ୍ରସଙ୍ଗ ଉପରେ ସମିତିର ପ୍ରତିଷ୍ଠାତା ଓଡ଼ିଶାରେ ମାନବ ଧର୍ମର ପ୍ରବର୍ତ୍ତକ ଅଟଳ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ନିଜର ମନ୍ତବ୍ୟ ରଖିଥିଲେ। ମୁଖ୍ୟ ଆଲୋଚକ ଭାବେ ଡ. ବିଜୟ କୁମାର ଅଗରୱାଲା, ସାମ୍ବାଦିକ ରଞ୍ଜନ କୁମାର ଦାଶ, ପ୍ରବକ୍ତା ଭାବେ ଶିବାନନ୍ଦ ଶରଣାନୁଗତ ଝରଣା ବେହେରା, ପଞ୍ଚାନନ ବେହେରା ଓ କମଳଲୋଚନ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଓ ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ମିଳିତ ଆବାହକତ୍ୱରେ ଦିବସ ଅନୁଷ୍ଠିତ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ରାସଗୋବିନ୍ଦପୁର, ୮।୯ (ସମିସ): ରବିବାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୂଳା ପଞ୍ଚାୟତ ବଣକାଟି ଯୋଡପଡା ଏକଲବ୍ୟ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ପିଅନ ନିରଞ୍ଜନ ମହାନ୍ତ (୨୮) ବାଇକ ଯୋଗେ ବିଦ୍ୟାଳୟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଇଟା ଗଦାରେ ପିଟି ହୋଇଯାଇଥିଲେ। ଫଳରେ ସେ ଗୁରୁତର ହୋଇ ରାସ୍ତାରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଶିଶୁ ସାହିତ୍ୟିକ ସୋମନାଥ ମାଝୀଙ୍କ ପରଲୋକ



ରାମଚନ୍ଦ୍ରପୁର,୮।୯ (ସମିସ): ଗଙ୍ଗାଯମୁନା ଶିଶୁ ସାହିତ୍ୟ ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଏବଂ ଆଦର୍ଶ ଶିକ୍ଷକ ସୋମନାଥ ମାଝୀ(୭୨)ଙ୍କର ଗତ ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ କୃଷ୍ଣପୁର ବାସଭବନରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବାସହ ଶବାଧାରରେ ସାମିଲ ହୋଇଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ତଥା ସଫଳ ଶିଶୁ ସାହିତ୍ୟିକ ଭାବେ ସାରା ରାଜ୍ୟରେ ଖ୍ୟାତି ଅର୍ଜନ କରିଥିଲେ। ସ୍ଥାନୀୟ ଡିଏନ ବିଦ୍ୟାପୀଠ ଅଳତିର ମୁଖପତ୍ର "ଆଳତି'ର ମୁଖ୍ୟ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଉଥିଲେ। ତାଙ୍କ ରଚିତ ଶିଶୁ କବିତା ସଙ୍କଳନ ମଧ୍ୟରେ ଅଜାଙ୍କ ମଜା କବିତା, ଝୁମୁରୁ ଝୁମୁରୁ ଝାଇଁକି, ଆଇର ଗପକୁ ଶୁଣୁଛି ସାଇ, ଅଜାଙ୍କ କାହାଣୀ ମୁଣି ଓ ପଢିଲା ମିନି ପାଠ ଆଦି ଓଡ଼ିଆ ଶିଶୁ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ସାରସ୍ୱତ ସାଧନା ପାଇଁ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତାଙ୍କର ବିୟୋଗରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସ୍ଥାନୀୟ ଡିଏନ ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା, ପୁରାତନ ଛାତ୍ର ସଂସଦ ସଭାପତି, ସମ୍ପାଦକ ସମେତ ସାଇଁକୁଳ ଅନ୍ୱେଷା ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ଧରଣୀଧର ମହାପାତ୍ର, ଗୋପାଳ ଚନ୍ଦ୍ର ପରିଡା, ଶଙ୍କର୍ଷଣ ଜେନା, ନରହରି ରାଉତ, ଉମାକାନ୍ତ ଜେନା, ହଳଧର ପଣ୍ଡା, ଘନଶ୍ୟାମ ବୋଇତେଇ, ପୂର୍ଣ୍ଣଚନ୍ଦ୍ର ସାହୁ, ମନୋଜ ପୃଷ୍ଟି, ପ୍ରଶାନ୍ତ ଚକ୍ର, ଦୈତାରୀ ବିଶ୍ୱାଳ, ଶ୍ରୀକାନ୍ତ ସେନାପତି, ଅନନ୍ତ ନାରାୟଣ ଦାସ, ଶରତ କୁମାର ରାଉତ, ସୁରେନ୍ଦ୍ର ବେହେରା ଓ କାଳନ୍ଦୀ ପଟ୍ଟନାୟକ ପ୍ରମୁଖ ତାଙ୍କର ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ପୁତ୍ର ସୌମ୍ୟରଞ୍ଜନ ମାଝୀ ମୁଖାଗ୍ନି ଦେଇଥିଲେ।

## ବିପୁଳ ପରିମାଣର ତମାଖୁ ଦ୍ରବ୍ୟ ଜବତ

ତୁରୁମୁଙ୍ଗା,୮।୯ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବଜାର ଉପରେ ଥିବା ବିଭିନ୍ନ ଦୋକାନରେ ସୋମବାର ଫାଣ୍ଡି ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ତମାଖୁ ଜାତୀୟ ଦ୍ରବ୍ୟ ଜବତ କାରଯାଇଛି। ତମାଖୁ ଜାତୀୟ ଦ୍ରବ୍ୟ ଭିତରେ ଗୁଟଖା, ଜର୍ଦା, ସିଗାରେଟ, ଖଇନି, ଗୁଣ୍ଡି, ପାନମସଲା ଆଦିକୁ ଜବତ କରାଯାଇଛି। ଚଢ଼ଉରେ ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ମୋବାଇଲ ଚୋରି କରି ଧରାପଡ଼ିଲା ଦୁର୍ବୃତ୍ତ

ବେଲବାହାଲି,୮।୯ (ସମିସ): ଘସିପୁରା ଥାନା ଅନ୍ତର୍ଗତ ବେଲବାହାଲି ଠାରେ ଚାଲିଥିବା ସାପ୍ତାହିକ ହାଟରେ ଜଣେ ମୋବାଇଲ ଚୋରକୁ ଧରି ସ୍ଥାନୀୟ ଲୋକ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଧରାପଡିଥିବା ଦୁର୍ବୃତ୍ତ ହେଲା କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ରମଣା ପ୍ରଧାନ। ବେଲବାହାଲି ବଜାରରେ ସାପ୍ତାହିକ ହାଟଥିବାରୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ହୋଇଥିଲା। ଏହାର ସୁଯୋଗ ନେଇ ମୋବାଇଲ ଚୋର ଜଣଙ୍କ ପ୍ରଥମେ ଜଣଙ୍କ ପକେଟରୁ ମୋବାଇଲ ନେବାରେ ବିଫଳ ହୋଇଥିଲା। ପରେ ଦ୍ୱିତୀୟ ଲୋକର ପକେଟରୁ ମୋବାଇଲ ଚୋରି କରି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଲୋକଙ୍କ ହାତରେ ଧରାପଡିଯାଇଥିଲା। ଲୋକମାନେ ସେଠାରେ ତା ବ୍ୟାଗରୁ ଦୁଇଟି ମୋବାଇଲ ଜବତ ପରେ ସେ ଜଣେ ଅଭ୍ୟାସଗତ ମୋବାଇଲ ଚୋର ବୋଲି ପ୍ରକାଶ କରିଥିଲା। ସ୍ଥାନୀୟ ଲୋକ ତାକୁ ଉତ୍ତମ ମଧ୍ୟମ ଦେଇଥିବା ବେଳେ ଘସିପୁରା ପୁଲିସକୁ ହସ୍ତାନ୍ତର କରିଥିଲେ।

## ୧୫ହଜାର କେଜି ପୋଚ ଓ ୮୫୦ ଲିଟର ମହୁଲି ଜବତ; ୩ ଗିରଫ

କରଞ୍ଜିଆ,୮।୯ (ସମିସ): ଅବକାରୀ ବିଭାଗ ପକ୍ଷରୁ ସୋମବାର କରଞ୍ଜିଆ ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ଉ କରାଯାଇ ୧୫ହଜାର ପୋଚ ଓ ୮୫୦ ଲିଟର ମହୁଲି ଜବତ ହୋଇଛି। ବାଟପଳସା କୁମ୍ଭାର ସାହି ନାଳ ନିକଟ ଏବଂ ବଣକାଟି ଗ୍ରାମ ନାଳ ପାଖ ଓ ଗୋପାଳପୁର ପାହାଡ ପାଖରୁ ମୋଟ ୧୫ ହଜାର ପୋଚ ଏବଂ ୮୫୦ ଲିଟର ମହୁଲି ଜବତ କରିଛି ଅବକାରୀ ବିଭାଗ। ଏଥିରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ। ଅବକାରୀ ଉପ ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ, ଶୁକ୍ଳି ଓଆଇସି କୃଷ୍ଣଚନ୍ଦ୍ର ବିନ୍ଧାଣି, ଯଶିପୁର ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ, ଠାକୁରମୁଣ୍ଡା ଓଆଇସି ଭାରତୀ ନାୟକ ଏବଂ ଅବକାରୀ ବଳ ସାମିଲ ଥିଲେ।

## ବିପୁଳ ଦେଶୀ ମଦ ଓ ମହୁଲ ପୋଚ ଜବତ; ୪ ଗିରଫ

ବହଳଦା, ୮।୯ (ସମିସ): ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ତିରିଂ ଥାନା ଟୁଡୁକାମ, ଜୋଟା, ପୋଖରିଆ, ପାଣ୍ଡୁପାଣି ଗ୍ରାମରେ ଚଢ଼ଉ କରାଯାଇ ୫୨୭ ଲିଟର ଦେଶୀ ରନ୍ଧା ମଦ ଓ ୩୮୦୦ ଲିଟର ମହୁଲ ପୋଚ ଜବତ ଜରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ଟୁଡୁକାମ ଗ୍ରାମର ଲାଲୁ ସୋରେନ, ଜୋଟା ଗ୍ରାମର ଶ୍ରୀମାନ ସମଦ, ପୋଖରିଆ ଗ୍ରାମର ଧରମାଲ ହେମ୍ବ୍ରମ ଓ ପାଣ୍ଡୁପାଣି ଗ୍ରାମର ସାରଳା ପାତ୍ର। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଚଢ଼ଉରେ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜମୋହନ ମଲ୍ଲିକ, ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି, ସହ ଉପ-ନିରୀକ୍ଷକ ସୁଧାଂଶୁ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ବହଳଦା ଅବକାରୀ ଥାନା ପକ୍ଷରୁ ୫ଟି ମାମଲା ରୁଜୁ ହୋଇଛି।

## ୬୦୦ କ୍ୱିଣ୍ଟାଲ ମହୁଲ ଫୁଲ ଜବତ; ଜଣେ ଗିରଫ

କପ୍ତିପଦା,୮।୯ (ସମିସ): ଶରତ ଥାନା ଅଧୀନ ରାଇପାଳ ଗ୍ରାମରୁ ଅବକାରୀ ବିଭାଗ ୬୦୦ କ୍ୱିଣ୍ଟାଲ ମହୁଲ ଫୁଲ ଜବତ କରିଛି। ଚୋରାରେ ସଂଗ୍ରହ କରାଯାଇ ବାହାରକୁ ଚାଲାଣ ହେଉଥିଲା ମହୁଲଫୁଲ। ଗ୍ରାମର ବାସନ୍ତୀ ରାଉତଙ୍କ ଘରେ ବେଆଇନ ଭାବେ ବିପୁଳ ମହୁଲ ଗଚ୍ଛିତ ଥିଲା। ଏହି ଖବର ପାଇ ଅବକାରୀ ବିଭାଗ ଜବତ କରିଥିଲେ। ଘରେ ଚଢ଼ଉ ସମୟ ଏକ ଗୋଦାମ ଭିତରେ ୧୫୦ ବସ୍ତାରୁ ଅଧିକ ମହୁଲ ଫୁଲ ରଖାଯାଇଥିଲା। ଅବକାରୀ ବିଭାଗ ଉକ୍ତ ମହୁଲ ବସ୍ତାକୁ ଜବତ କରିବା ସହିତ ମହୁଲ କାରବାର କରୁଥିବା ବାସନ୍ତୀ ରାଉତଙ୍କୁ ଗିରଫ କରିଛି। ଗିରଫ ବାସନ୍ତୀ ଏହିସବୁ ମହୁଲକୁ ବେଆଇନଭାବେ ଗଚ୍ଛିତ ରଖି ମଦ ବେପାରୀଙ୍କୁ ଯୋଗାଉଥିଲେ। ପ୍ରତି ବସ୍ତାରେ ୪୦ କେଜି ମହୁଲ ଥିବା ଅବକାରୀ ବିଭାଗ ସୂଚନା ଦେଇଛି।



## ମାରାଂବୁରୁ ଯୁବକ ସଂଘ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବୈଶିଙ୍ଗା, ୮।୯ (ସମିସ): ବୈଶିଙ୍ଗା ଥାନା ଅନ୍ତର୍ଗତ ମୁରୁକୁଣ୍ଡିଆ ଗ୍ରାମରେ ମାରାଂବୁରୁ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲରେ ରିଟର୍ଣ୍ଣ ଅନୁଗୋଳ ମୁରୁକୁଣ୍ଡିଆ, ଜ୍ୟୋତି କ୍ଲବ ତିଳଦା, ଶିଳଗଡ ଏଫସି ବେତନଟୀ, ଜେଜେଏଫସି ମୁଣ୍ଡାକାଟି ପ୍ରବେଶ କରିଥିଲେ। ରିଟର୍ଣ୍ଣ ଅନୁଗୋଳ ଓ ମୁଣ୍ଡାକାଟି ଫୁଟବଲ ଟିମ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଶେଷରେ ଜେଜେଏଫସି ମୁଣ୍ଡାକାଟି ଚାମ୍ପିଅନ ହୋଇଥିଲା। ଶେଷରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିରୂପେ କ୍ଲବର ଉପଦେଷ୍ଟା କିଶୋର କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ପୂର୍ବତନ ବିଆରସିସି ଯୋଗେନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଚାଡ଼ରା ହେମ୍ବ୍ରମ, କ୍ଲବ ସଭାପତି ହିମାଂଶୁ ମହାନ୍ତ, କ୍ଲବ ର ସଂପାଦକ ସୁକୁଲ ସୋରେନ, ପରିଚାଳକ ଜୁରା ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପୁରସ୍କାର ଭାବେ ଜେଜେ ମୁଣ୍ଡାକାଟି ୨୦ ହଜାର ଟଙ୍କା, ୨ୟ ପୁରସ୍କାର ରିଟର୍ଣ୍ଣ ଅନୁଗୋଳ ୧୫ ହଜାର, ୩ୟ ପୁରସ୍କାର ସିଲିଗଡ ଫୁଟବଲ ଟିମ୍ ୨୫୦୦ ଓ ୪ର୍ଥ ଜ୍ୟୋତି କ୍ଲବ ତିଳଦାକୁ ୨୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳରେ କ୍ଲବ ପକ୍ଷରୁ ସାଉନା ସୋରେନ, ହରି ମୁର୍ମୁ, ଦୁର୍ଗା ସିଂ, ସାଲଖାନ ହେମ୍ବ୍ରମ, ଡାକ୍ତର ମୁର୍ମୁ, ଦୁର୍ଗା ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସହାୟକ ଉପକରଣ ପ୍ରଦାନ

ତୁରୁମୁଙ୍ଗା,୮।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ପାଟଣା ପକ୍ଷରୁ ସୋମବାର ଦିନ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି ଉପକରଣ ବଣ୍ଟନରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବିଣାପାଣି ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମୀନକେତନ ପାତ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ଶିକ୍ଷକ କମଳାକାନ୍ତ ପତି, ସିଆରସି ଜ୍ୟୋତିର୍ମୟ ତ୍ରିପାଠୀ ଓ ରଜନୀ ନାଏକ ପ୍ରମୁଖ ଉପସ୍ଥିତ ରହି ୩୦ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥିମାନଙ୍କୁ ହୁଇଲ ଚେୟାର, ଟ୍ରାଇ ସାଇକଲ ଓ ଟ୍ରଲି ବ୍ୟାଗ୍ ଆଦି ବଣ୍ଟନ କରାଯାଇଥିଲା। ଏଥିସହ ଆଉ ୩୦ ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି।



## ଅଙ୍ଗନବାଡ଼ିରେ ଅନିୟମିତତା, ଜିଲ୍ଲାପାଳଙ୍କୁ ଅଭିଯୋଗ

ରାଇରଙ୍ଗପୁର,୮।୯ (ସମିସ): ଜାମଦା ବ୍ଲକ୍ ଅନ୍ତର୍ଗତ ହେଁସଡା ଗ୍ରାମପଞ୍ଚାୟତ ସୁନାମରା ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରରେ ଶିଶୁ ଏବଂ ମା'ଙ୍କୁ ଠିକ୍ ସମୟରେ ପୋଷଣ ଖାଦ୍ୟ ମିଳୁ ନ ଥିବା ସୁନାମରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନବାଡି କର୍ମୀ ଜଣକ ଅନିୟମିତତା କରିବା ସହିତ ଠିକ୍ ସମୟରେ ପୋଷଣ ଖାଦ୍ୟ ଦେଉନାହାନ୍ତି। ସର୍ବଦା ଫୋନରେ ବ୍ୟସ୍ତ ରହୁଛନ୍ତି। ଫଳରେ ଶିଶୁ ଅଙ୍ଗନବାଡି କେନ୍ଦ୍ରରୁ ବାହାରି ଯାଇ ଅନ୍ୟତ୍ର ଖେଳୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ନବଜାତ ଶିଶୁଙ୍କ ପ୍ରତି ମାସରେ ଓଜନ ମାପ ହେବା କଥା; କିନ୍ତୁ ସେ କରୁନାହାନ୍ତି। ଏ ନେଇ କର୍ମୀଙ୍କୁ ପଚାରିଲେ ସେ ଗାଳିଗୁଲଜ କରୁଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏହି ସମାଧାନ ନ ହେଲେ ଗ୍ରାମବାସୀ ବାଧହୋଇ କେନ୍ଦ୍ରରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜନଶୁଣାଣିରେ ବସ୍ ଚଳାଚଳ ନିୟମ ଉଲ୍ଲଂଘନ ଅଭିଯୋଗ

ରାଇରଙ୍ଗପୁର,୮।୯ (ସମିସ): ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ଭୁଟୁକାବାଦୀ ଗ୍ରାମପଞ୍ଚାୟତ ଜୟପୁର, ମୟୂରଦର ଏବଂ ଭୁଟୁକାବାଦୀ ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ ଗୋରୁମାହିଷାଣିଠାରୁ ଭୁବନେଶ୍ୱର ଭାୟା ଜୟପୁର ଏବଂ ସୁଲେଇପାଟ ଦେଇ ଭୁବନେଶ୍ୱର ଚଳାଚଳ ପାଇଁ ସାଇଶଙ୍କର ବସ ଓ ସୁଲେଇପାଟଠାରୁ ଭୁବନେଶ୍ୱର ଭାୟା ରାଇରଙ୍ଗପୁର ଚଳାଚଳ ପାଇଁ ପରିବହନ ବିଭାଗରୁ ଅନୁମତି ନେଇଥିବା ସତ୍ତ୍ୱେ ଏହି ରୁଟରେ ଚଳାଚଳ କରୁନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଘୁନାଥ ବସ ସୁଲେଇପାଟଠାରୁ ଭୁବନେଶ୍ୱର ଯାଏ ପରିମିଟ ଥିବା ସତ୍ତ୍ୱେ ୨ ବର୍ଷ ହେବ ରାଇରଙ୍ଗପୁରଠାରୁ ଭୁବନେଶ୍ୱର ଚାଲୁଛି। ସେହିପରି ସାଇଶଙ୍କର ବସ ଗୋରୁମହିଷାଣୀ ଠାରୁ ଭାୟା-ସୁଲେଇପାଟ ଯିବା ପରିବର୍ତ୍ତେ କୁଲଡିହା ଷ୍ଟେସନରୁ ଯାତ୍ରା ଆରମ୍ଭ କରୁଛ। ଫଳରେ ଉକଣତ ଅଞ୍ଚଳବାସୀ ରାଇରଙ୍ଗପୁରକୁ ଆସି ବସ ଧରିବାକୁ ପଡୁଛି। ଫଳରେ ସାଧାରଣ ଗରିବ, ଛାତ୍ରଛାତ୍ରୀ, ବୃଦ୍ଧାବୃଦ୍ଧ, ଯେଉଁମାନେ ବଡଡାକ୍ତରଖାନା (ଭୁବନେଶ୍ୱର, କଟକ), ଶିକ୍ଷାନୁଷ୍ଠାନ ତଥା ମୁଖ୍ୟ କାର୍ଯ୍ୟାଳୟକୁ ଯିବା ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ପରିବହନ ଆଇନ ଉଲ୍ଲଂଘନ କରି ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହିସବୁ ବସ୍ ଅନ୍ୟ ରୁଟରେ ଚଳାଚଳ କରୁଛି। ତେଣୁ ଏହିସବୁ ବସ୍ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଂପୃକ୍ତ ଅଞ୍ଚଳବାସୀ ଶିବିରରେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏନେଇ ଜିଲ୍ଲାପାଳ, ଉପଜିଲ୍ଲାପାଳ, ପରିବହନ ଅଧିକାରୀ ରାଇରଙ୍ଗପୁର ଓ ସାରସକଣା ବିଧାୟକଙ୍କୁ ଏପପତ୍ର ପ୍ରଦାନ କରାଯାଇଛି।

## କୋଟପା ଆଇନ ଉଲ୍ଲଙ୍ଘନ; ଅପରେସନ ପ୍ରହାରରେ ଚଢ଼ଉ

# ଦୋକାନୀ ଓ ହୋଲସେଲରଙ୍କୁ ଜରିମାନା

ବାରିପଦା, ୮।୯ (ସମିସ):

କୋଟପା ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବାରିପଦା ସହର ସମେତ ଜିଲ୍ଲାବ୍ୟାପୀ ଶିକ୍ଷାନୁଷ୍ଠାନ, ଜନଗହଳି ସ୍ଥାନରେ ଗୁଟୁଖା, ସିଗାରେଟ ସମେତ ଅନ୍ୟାନ୍ୟ ତମାଖୁ ବେଧଡ଼କ ଭାବେ ବିକ୍ରି ଚାଲିଚି। ଏହାକୁ ରୋକିବା ପାଇଁ ଅପରେସନ ପ୍ରହାର ଅନ୍ତର୍ଗତ ପୁଲିସ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ଚଢ଼ଉ ଚାଲିଛି। ଏନଫୋର୍ସମେଣ୍ଟ ଟିମ ବିଭିନ୍ନ ସ୍ଥାନରେ ଥିବା ହୋଲସେଲର ଓ ଦୋକାନରେ ଚଢ଼ଉ କରି ଗୁଟୁଖା ଓ ସିଗାରେଟ ଆଦି ବିକ୍ରି ନେଇ ଫାଇନ ଆଦାୟ କରାଯାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ୨୦୦୩ ମସିହାରେ କୋଟପା ଆଇନରେ ଗୁଟଖା ବିକ୍ରି ଉପରେ କଟକଣା ଲାଗୁ କରାଯାଇଥିଲା। ଏହି ନିୟମକୁ ୨୦୧୮ ମସିହାରେ କଡାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇଛି।



କୋଟପା ଆଇନ ଅନୁଯାୟୀ ଶିକ୍ଷାନୁଷ୍ଠାନଠାରୁ ୯୧ ମିଟର ଦୂର ମଧ୍ୟରେ କୌଣସି ତମାଖୁ ବିକ୍ରି କରିବାର ନିୟମ ନାହିଁ। ଏହାଛଡା ୧୮ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ଏହା ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ; କିନ୍ତୁ ସହରରେ କଡାକଡି ଭାବେ ପାଳନ ହେଉ ନ ଥିବାରୁ ଗୁଟଖା ଓ ସିଗାରେଟ ଆଦି ବିକ୍ରି ବୃଦ୍ଧି ପାଉଛି। ବିଶେଷକରି ଗଳିକନ୍ଦି, ବିଦ୍ୟାଳୟ ଓ ମନ୍ଦିର ସମ୍ମୁଖରେ ଥିବା ପାନ ଦୋକାନ, ବିଭିନ୍ନ ଗ୍ରୋସରୀ, ଚା' ଦୋକାନରେ ମଧ୍ୟ ଖୋଲାଖୋଲି ବିକ୍ରି ହେଉଛି। ଯୁବପିଢ଼ି ତମାଖୁ ନିଶାରେ କବଳିତ ହୋଇପଡୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଦୋକାନୀ, ହୋଲସେଲରଙ୍କ ଉପରେ ଚଢଉ କରାଯାଇଛି। ନିୟମ ଉଲ୍ଲଘଂନକାରୀଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି। ତେଣୁ ଆଗାମୀ ଦିନରେ ମଧ୍ୟ ଅସାଧୁ ବ୍ୟବସାୟୀଙ୍କ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଚେତାବନୀ ଦେଇଛି।

## ଆଜିର ରାଶିଫଳ

**ମେଷ:** ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ।

**କର୍କଟ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ଶିଖନ୍ତୁ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅତିଥି ସତ୍କାର କରିବେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିପାରନ୍ତି।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯- ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୨- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨- ଇରାକରେ ହୋଇଥିବା ବୋମା ବିସ୍ଫୋରଣ ଯୋଗୁଁ ଶହେରୁ ଅଧିକ ଲୋକ ମୃତ, ୩୫୦ରୁ ଅଧିକ ଆହତ।

# ଝିଅ ପାଇଁ କମେଡି ଫିଲ୍ମ କରିବାକୁ ଚାହୁଁଛନ୍ତି ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା’ ହେବା ପରେ ତାଙ୍କ ଜୀବନ ପୂରାପୂରି ବଦଳି ଯାଇଛି। ଏହି କାରଣରୁ ସେ ଏବେ ବାଛି ବାଛି ଫିଲ୍ମ ସାଇନ୍ କରୁଛନ୍ତି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଆଲିଆ କମେଡି ଫିଲ୍ମରେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ତେବେ ସେ ତାଙ୍କ ଝିଅ ରାହା ପାଇଁ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି। ଆଲିଆ କହିଥିଲେ ଯେ, ‘ମୁଁ ଏପରି ଫିଲ୍ମ କରିବାକୁ ଚାହୁଁଛି ଯାହାକୁ ମୋ ଝିଅ ଦେଖିପାରିବ। ମୁଁ କମେଡି ଫିଲ୍ମ ଆଦୌ କରି ନ ଥିବାରୁ ଏବେ ଏଭଳି ଫିଲ୍ମ କରିବାକୁ ଚାହୁଁଛି। ଇତିମଧ୍ୟରେ ଏଭଳି କିଛି ପ୍ରୋଜେକ୍ଟ ମୋ’ ହାତକୁ ଆସିଛି। ଏବେ କିନ୍ତୁ ମୁଁ ସେବିଷୟରେ କିଛି କହିବାକୁ ଚାହୁଁନାହିଁ। ମୁଁ ସଠିକ ଦିଗରେ ଆଗକୁ ବଢ଼ିବାକୁ ଚାହୁଁଛି।’ ଆଲିଆଙ୍କ କାମ କଥା କହିବାକୁ ଗଲେ ସେ ଖୁବ୍‌ଶୀଘ୍ର ‘ଆଲ୍‌ଫା’ ଫିଲ୍ମରେ ନଜର ଆସିବେ। ଏହା ଏକ ଆକ୍ସନ୍ ଡ୍ରାମା ହେବ। ଏଥିରେ ଆଲିଆଙ୍କ ସହ ଶର୍ବରୀ ୱାଗ୍ ମଧ୍ୟ ନଜର ଆସିବେ।

# ବୟସ ବୃଦ୍ଧିକୁ ରୋକିବ ଭିଟାମିନ୍ ଡି’



ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଭିଟାମିନ୍ ଡି କେବଳ ହାଡ଼କୁ ମଜଭୁତ କରି ନ ଥାଏ ବରଂ ବୟସ ବଢ଼ିବା ପ୍ରକ୍ରିୟାକୁ ମଧ୍ୟ ଧୀମା କରିଦିଏ। ଏହି ଗବେଷଣାରେ ହଜାରେରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଥିଲା। ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କ ଶରୀରରେ ଭିଟାମିନ୍ ଡି’ର ସ୍ତର ଭଲ ଥିଲା, ସେମାନଙ୍କ ବୟସ ବଢ଼ିବା ଗତି ଧିମା ଥିଲା। ଏହି ଗବେଷଣା ଆଣ୍ଟି ଏଜିଂ ପାଇଁ ଚିନ୍ତାରେ ଥିବା ଲୋକଙ୍କ ପାଇଁ ଏକ ଆଶାର କିରଣ ନେଇ ଆସିଛି। ଭିଟାମିନ୍-ଡି ଡିଏନ୍‌କୁ ସୁରକ୍ଷିତ ରଖେ ଏବଂ ଟେଲୋମେରିସ୍ (କ୍ରୋମୋଜୋମର ଶେଷ ମୁଣ୍ଡରେ ଥିବା ଡିଏନ୍ଏ ଏବଂ ପ୍ରୋଟିନ୍‌ର ଏକ ସଂରଚନା) ର ଲମ୍ବ ବଜାୟ ରଖେ। ଯଦ୍ଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଗବେଷଣାରୁ ଏକଥା ବି ଜଣାପଡ଼ିଛି ଯେ, ଭିଟାମିନ୍ ଡି’ ହାଡ଼କୁ ମଜଭୁତ ରଖେ, ଇମ୍ୟୁନୋ ସିଷ୍ଟମକୁ ସୁସ୍ଥ ରଖେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ କୋଷକୁ ରକ୍ଷା କରିଥାଏ। ଏହା ମଧୁମେହ, ହୃଦ୍‌ରୋଗ ଏବଂ କର୍କଟ ଭଳି ରୋଗରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ। ଭିଟାମିନ୍ ଡି’ ନିତିଦିନ ନେବା ଦ୍ୱାରା ଶରୀରର ଇମଫ୍ଲାମେଟାରି ମେକାନିଜିମ୍‌କୁ ଧୀମା କରିଥାଏ। ଏହାଦ୍ୱାରା ଅଟୋଇମ୍ୟୁନୋ ରୋଗ ଏବଂ କାର୍ଡିଓଭସ୍କୁଲାର ସମସ୍ୟା ଆଶଙ୍କା ହ୍ରାସ ପାଏ। ତେବେ ଭାରତରେ ୭୦-୭୦ ପ୍ରତିଶତ ଲୋକଙ୍କଠାରେ ଭିଟାମିନ୍-ଡିର ଅଭାବ ଦେଖିବାକୁ ମିଳେ। ଭାରତୀୟଙ୍କୁ ନିୟମିତ ଭାବେ ଭିଟାମିନ୍ ଡି’ର ସ୍ତର ପରୀକ୍ଷା କରାଇବା ଦରକାର। ଯଦି ଏହା ୨୦ ନାନୋଗ୍ରାମ ପ୍ରତି ମିଲିଲିଟରରୁ କମ୍ ହୁଏ, ତେବେ ଭିଟାମିନ୍ ଡି’ ସପ୍ଲିମେଣ୍ଟ ନେବା ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ଓ ଛୋଟ ପିଲାମାନେ ଭିଟାମିନ୍ ଡି’ ସପ୍ଲିମେଣ୍ଟ ନେବା ଉଚିତ। ତେବେ ଭିଟାମିନ୍ ଡି’ ଅଧିକ ସେବନ କରିବା ଦ୍ୱାରା ଶରୀରରେ କ୍ୟାଲସିୟମ୍ ଅସନ୍ତୁଳନ ରହେ। ଏହା ବୃକ୍କ ଓ ହୃଦ୍‌ଯନ୍ତ୍ର ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ସନ୍ତୁଳିତ ଆହାର ଓ ସୂର୍ଯ୍ୟକିରଣ ଏ ଲାଗି ସବୁଠୁ ଉପଯୋଗୀ। ବିଶେଷଜ୍ଞଙ୍କ ମତରେ, ଭିଟାମିନ୍ ଡି’ ବୟସ ବଢ଼ିବା ପ୍ରକ୍ରିୟାକୁ ଧିମା କରିବା ସହ ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣେ। ଏହି ଗବେଷଣା ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନରେ ପ୍ରକାଶ ପାଇଛି।

# ମଶାଶୂନ୍ୟ ଦେଶ

ମଣିଷ ପାଇଁ ବିଶ୍ୱର ସବୁଠୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶା ଯୋଗୁ ପ୍ରତିବର୍ଷ ମ୍ୟାଲେରିଆ ଓ ଡେଙ୍ଗୁରେ ଆକ୍ରାନ୍ତ ହୋଇ ହଜାର ହଜାର ଲୋକ ପ୍ରାଣ ହରାଇଥାନ୍ତି। ତେଣୁ ମଶା ଦାଉରୁ ରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ମଶାରୀ ଟାଣି ଶୋଇବାକୁ ପରାମର୍ଶ ଦିଅନ୍ତି। ଏପରି ସ୍ଥଳେ ମଶା ନ ଥିବା ସ୍ଥାନ କଳ୍ପନା କରିବା ଅସମ୍ଭବ। ହେଲେ ଏକ ଦେଶ ରହିଛି, ଯେଉଁଠି ଗୋଟିଏ ହେଲେ ମଶା ଦେଖିବାକୁ ମିଳନ୍ତିନି। ଉତ୍ତର ଆଟଲାଣ୍ଟିକ୍ ମହାସାଗରସ୍ଥିତ ଆଇସ୍‌ଲ୍ୟାଣ୍ଡରେ ଏଭଳି ଭିନ୍ନତା ଦେଖାଯାଇଥାଏ। ଏହା ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠି ମଶା ନାହାଁନ୍ତି। ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଆଇସ୍‌ଲ୍ୟାଣ୍ଡରେ ମଶା ନ ଥିବା ପଛରେ ଅନେକ କାରଣ ଥିବା କହିଛନ୍ତି। ସବୁଠୁ ମୁଖ୍ୟ କାରଣ ହେଉଛି, ଏହାର ପାଣିପାଗ ଓ ଭୌଗୋଳିକ ଅବସ୍ଥିତି। ଏହାର ପଡ଼ୋଶୀ ଦେଶ ନରୱେ, ସ୍କଟ୍‌ଲ୍ୟାଣ୍ଡ, ଡେନ୍‌ମାର୍କ, ଗ୍ରୀନ୍‌ଲ୍ୟାଣ୍ଡରେ ବହୁ ପରିମାଣରେ ମଶା ଦେଖାଯାଉଥିବାବେଳେ ଆଇସ୍‌ଲ୍ୟାଣ୍ଡରେ ଗୋଟିଏ ହେଲେ ମଶା ନାହିଁ। ଏହାର ମୁଖ୍ୟ କାରଣ ହେଉଛି ସାମୁଦ୍ରିକ ଜଳବାୟୁ। ଏଠାରେ ମଶା କେବଳ ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିଥାନ୍ତି। ମ୍ୟୁଜିୟମ୍‌ରେ ଏକ ମଦ ଜାର୍‌ରେ ମଶାଗୁଡ଼ିକୁ ରଖାଯାଇଛି। ସେହିପରି ଆଇସ୍‌ଲ୍ୟାଣ୍ଡର ତାପମାତ୍ରା



ସବୁବେଳେ ଖୁବ୍ କମ୍ ରହିଥାଏ। ବିଶେଷ କରି ଶୀତଦିନେ ଏହା ଶୂନରୁ ତଳକୁ ଚାଲିଯାଏ। ମଶାଙ୍କ ପ୍ରଜନନ ପାଇଁ ସ୍ଥିର ଜଳ ସମେତ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାର ଆବଶ୍ୟକତା ଥାଏ। ଅତ୍ୟଧିକ ଥଣ୍ଡା କାରଣରୁ ଏଠାରେ ଥିବା ପାଣି ଜମାଟ ବାନ୍ଧିଯାଏ। ଫଳରେ ମଶାର ଡିମ୍ବ(ଲାର୍ଭା) ଗୁଡ଼ିକ ଜୀବିତ ରହିପାରନ୍ତିନି। ସେହିଭଳି ଅନ୍ୟ ଦେଶଗୁଡ଼ିକରେ ତାପମାତ୍ରାରେ ପରିବର୍ତ୍ତନ ଯୋଗୁଁ ମଶା ସେମାନଙ୍କ ବଂଶ ବିସ୍ତାର କରିପାରନ୍ତି। ଆଇସ୍‌ଲ୍ୟାଣ୍ଡରେ କିନ୍ତୁ ଏହା ସମ୍ଭବ ନୁହେଁ। ସେହିପରି ଏଠାକାର ମାଟିର ରାସାୟନିକ ସଂରଚନା ମଧ୍ୟ ମଶାଙ୍କ ପାଇଁ କ୍ଷତିକାରକ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଏହି ଦେଶ ମଶା ମୁକ୍ତ ରହିବା ଅସମ୍ଭବ ବୋଲି ବୈଜ୍ଞାନିକ ଓ ପରିବେଶବିତ୍‌ମାନେ କହିଛନ୍ତି। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହେଲେ ଏଠାରେ ମଶା ସେମାନଙ୍କ ବଂଶ ବିସ୍ତାର କରିଦେବେ ବୋଲି ପରିବେଶବିତ୍‌ମାନେ ଚେତାଇ ଦେଇଛନ୍ତି।




## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ସ୍ଥଗିତ ରଖନ୍ତୁ।
- ବର୍ଷା ଛାଡ଼ିଗଲା ପରେ ଗେଣ୍ଡୁ ଓ ଗୋଲାପରେ ନାଲି ବୁଢ଼ିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ସଲ୍‌ଫର ସେଟିତ ଗୁଣ୍ଡ କିମ୍ବା ୨ ମିଲି ପ୍ରୋପାରଜାଇଟ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡ଼ିରାକଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ଝାଉଁଳା ରୋଗର ପରିଚାଳନା ପାଇଁ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ। ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ସହିତ



୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବେ ଭିଜାନ୍ତୁ।

- ଶୁଖିଲା ପାଗ ଦେଖି ଝୁଡୁଙ୍ଗରେ ଛୁଇଁ ବିନ୍ଧା ପୋକର ପରିଚାଳନା ପାଇଁ ଇମାମେକ୍ଟିକ ବେଞ୍ଜୋଏଟ୍ ୮୦ ଗ୍ରାମ୍ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ବନ୍ୟା ପ୍ରଭାବିତ ଫସଲର ଯତ୍ନ

**ଚାଷୀଙ୍କ ପାଇଁ ବର୍ଷା ବରଦାନ ସଦୃଶ। ହେଲେ ଲଗାଣ ଲଘୁଚାପ ଜନିତ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ହୋଇ ଫସଲ ପାଣିରେ ବୁଡ଼ି ରୁହେ। ଏହାଦ୍ୱାରା ଫସଲ ମୂଳ ପଚିସଢ଼ି ଯିବା ସହିତ ଫସଲ ନଷ୍ଟ ହୋଇଥାଏ। ତେଣୁ ବନ୍ୟା ପାଣି ଛାଡିଲା ପରେ ଫସଲର ଯତ୍ନ କିପରି ନେବେ ଜାଣିବା।**



ବନ୍ୟା ପାଣିରେ ଦୀର୍ଘ ସମୟ ପନିପରିବା ଫସଲ ବୁଡ଼ି ରହିଲେ ମୂଳ ପଚି ସଢ଼ିଯାଏ। ଏଥିରେ ଅମୃତଭଣ୍ଡା ଗଛ ଅଧିକ ପ୍ରଭାବିତ ହୁଏ। ତେଣୁ ପ୍ରଥମେ ଜମିରୁ ଜଳ ନିଷ୍କାସନ ବନ୍ଦୋବସ୍ତ କରିବା ଆବଶ୍ୟକ। ରୋଗପୋକ ଲକ୍ଷଣ ଅନୁଯାୟୀ ଔଷଧ ପ୍ରୟୋଗ କରିପାରିବେ।

**ଧାନ ଫସଲର ଯତ୍ନ:** ବର୍ତ୍ତମାନ ଧାନ ଫସଲ ଅଙ୍ଗୀୟ ବୃଦ୍ଧ ଅବସ୍ଥାରେ ରହିଛି। ୬ରୁ୭ ଦିନ ଧାନଫସଲ ପାଣିରେ ବୁଡ଼ି ରହିଲେ ଧାନ ଫସଲ ଆଂଶିକ ଭାବେ କ୍ଷତି ହେବ। ଦୀର୍ଘ ସମୟ ପାଣିରେ ଗଛ ବୁଡ଼ି ରହିବା ଦ୍ୱାରା ଗଛକୁ ଅମ୍ଳଜାନ ମିଳି ପାରିବନି। ଏହାଦ୍ୱାରା ପତ୍ର ହଳଦିଆ ପଡ଼ିବା ସହ ମୂଳ ସଢ଼ି ଶେଷରେ ଗଛଟି ମରିଯିବ। ପତ୍ରାଚ୍ଛଦ ପୋଡ଼ାରୋଗର ଅଧିକ ଆଶଙ୍କା ମଧ୍ୟ ଥାଏ। ତେଣୁ ବିଭିନ୍ନ ଉପାୟ ଆପଣାଇ ଜମିରୁ ନାଳୀ କାଟି ଜଳ ନିଷ୍କାସନ କରିବା ଜରୁରି।

ସେହିପରି ବନ୍ୟାପାଣି ଯୋଗୁଁ ଫସଲରେ କାଦୁଅ ପାଣି ବା ପଟୁ ବସିଯାଇଥାଏ। ତେଣୁ ବନ୍ୟା ପରେ ସୁବିଧା ଥିଲେ ପତ୍ର ସଫା କରିପାରିବେ। ହାଲୁକା ବର୍ଷା ହୋଇଗଲେ ପତ୍ର ସଫା ହୋଇ ଆଲୋକଶ୍ଳେଷଣ କରିପାରେ।

**ଗଛ ବୃଦ୍ଧି ପାଇଁ ପୋଷକତତ୍ତ୍ୱ:** ସାଧାରଣତଃ ବନ୍ୟାପାଣି ଯୋଗୁଁ ମାଟି ଧୋଇଯାଇଥାଏ। ଗଛ ବୃଦ୍ଧି ପାଇଁ ମାଟିର ଯବକ୍ଷାରଜାନ ତଥା ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ହ୍ରାସ ପାଏ। ଏହାଦ୍ୱାରା ପତ୍ର ହଳଦିଆ ପଡ଼ିଯାଏ। ଗଛ ବଢ଼ିବାରେ ସମସ୍ୟା ହୁଏ। ତେଣୁ ଫସଲ ପାଇଁ ଜରୁରି ପୋଷକତତ୍ତ୍ୱ ଉପଲବ୍ଧ କରାଇବା ଆବଶ୍ୟକ। ଏନେଇ ବନ୍ୟା ଛାଡ଼ିଯିବା ପରେ ପାଗ ଶୁଖିଲା ଦେଖି ୧୦୦ଲିଟର ପାଣିରେ ୨ କିଗ୍ରା ୟୁରିଆ ପକାଇ ପତ୍ର ସିଞ୍ଚନ କରିପାରିବେ। ସେହିପରି ୟୁରିଆର ପିଲସାର ଓ ଥୋଡ଼ସାର ପ୍ରତି ଏକର ପିଛା ୨୫ରୁ ୩୦ କିଗ୍ରା ପ୍ରୟୋଗ କରିବା ଦ୍ୱାରା ଗଛକୁ ଯବକ୍ଷାରଜାନ ମିଳିବ। ଗଛ ବୃଦ୍ଧି ପାଇବ।


# କମ୍ ଖର୍ଚ୍ଚରେ କୀଟ ନିୟନ୍ତ୍ରଣ

**ଯେକୌଣସି ଫସଲରେ କୀଟ ଲାଗିବା ଦ୍ୱାରା ଗଛର ବିକାଶ ହୁଏନି। ଫୁଲ ଫଳ ଆସିବାରେ ବାଧା ସୃଷ୍ଟି ହୁଏ। ଏନେଇ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ କରିପାରିବେ। ଏହା ପରିବେଶ ଅନୁକୂଳ।**



- ଗଛ ପତ୍ର ଉପରେ ପୋକ ଲାଗିଥିଲେ ଏକ ଚାମଚ ସର୍ଫରେ ଚାରି କପ୍ ପାଣି ମିଶାଇ ଗଛ ମୂଳରେ କିମ୍ବା ପତ୍ର ସିଞ୍ଚନ କରିପାରିବେ। ସପ୍ତାହକୁ ଥରେ ଦୁଇଥର ସିଞ୍ଚନ କଲେ, ଏହା ଦ୍ୱାରା ଜଉପୋକ, ବୁଢ଼ିଆଣୀ, ଅଷ୍ଟପଦୀ କୀଟ ଦୂର ହୋଇଥାନ୍ତି।
- ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣ ଥିବାରୁ ଏହି ପତ୍ରକୁ ପାଣିରେ ଫୁଟାଇ ଥଣ୍ଡା କରି ସପ୍ତାହକୁ ଥରେ ଗଛ ମୂଳେ ପ୍ରୟୋଗ କରିପାରିବେ। ଏହା ଫଳମାଛି, ଜଉପୋକ ନିୟନ୍ତ୍ରଣ କରେ। ରସୁଣ କୋଳାକୁ ଛେଚି ଏହାକୁ ସିଧାସଳଖ ମାଟିରେ ପୋତି ପାରିବେ। ରସୁଣ ଛେଚା ପାଣିକୁ ସିଞ୍ଚନ କରିବା ଦ୍ୱାରା ଫସଲରୁ କୀଟ ନିୟନ୍ତ୍ରଣ ହୋଇଥାଏ।
- ତୁଳସୀ, ପୁଦିନା, ଜୁଆଣି ଜଡିବୁଟି ପତ୍ରକୁ ପାଣିରେ ଭିଜାଇ ଏହାକୁ ପତ୍ରସିଞ୍ଚନ କରିପାରିବେ। ଏହାର ସୁଗନ୍ଧରେ ଗଛରୁ ପୋକ ଦୂର ହୋଇଥାଏ।

# ପାଞ୍ଚରଙ୍ଗର ମକା



ଉତ୍ତରପ୍ରଦେଶ, ସହରାନପୁରର ସଞ୍ଜୀୟ ସେନି ଜମିରେ ସ୍ୱତନ୍ତ୍ର ପ୍ରକାର ମକା ଫଳାଇ ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଦ୍ୱାରା ଫଳା ଯାଇଥିବା ମକାଟି ପାଞ୍ଚ ରଙ୍ଗର। ଏହା ଯେତିକି ସ୍ୱାଦିଷ୍ଟ, ଦେଖିବାକୁ ମଧ୍ୟ ବହୁତ ଆକର୍ଷଣୀୟ। ଏହି ମକାକୁ ସଞ୍ଜୀୟ ମହାରାଷ୍ଟ୍ର ପୁଣେରୁ ଆଣି ସହରାନପୁରରେ ପରୀକ୍ଷଣ କରିଥିଲେ। ପ୍ରାୟତଃ ୧୦ଟି କିସମ ମଧ୍ୟରୁ ସେ ଏଠାରେ ପାଞ୍ଚଟି କିସମ ଲଗାଇଥିଲେ। ସେଥିରେ ସେ ସଫଳ ହେଲେ। ଏହି ମକାରେ ଅନେକ ପୋଷକତତ୍ତ୍ୱ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସାଧାରଣ ମକାଠାରୁ ଏହା ପାଖାପାଖି ୫ ଗୁଣ ଅଧିକ ମହଙ୍ଗା। ଏହି କିସମ ମକା ଗଛର ଉଚ୍ଚତା ପାଖାପାଖି ୧୦ ଫୁଟରୁ ଊର୍ଦ୍ଧ୍ୱ ହେବ। ବିଶେଷ କଥା ହେଉଛି, ଏହି ମକାର ଅଟା ମଧ୍ୟ ରଙ୍ଗବେରଙ୍ଗ ହୋଇଥାଏ। ତେଣୁ ଆଗକୁ ସେ ଏହି ରଙ୍ଗବେରଙ୍ଗ ମକା ଅଧିକ ମାତ୍ରାର ଚାଷ କରିବାକୁ ଆଶା ରଖିଛନ୍ତି। ଏହାଦ୍ୱାରା ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବ ବୋଲି ସଞ୍ଜୀୟ କୁହନ୍ତି।

# ଏସିଆ କପ୍ କ୍ରିକେଟ ଆଜିଠାରୁ

## ରାତି ୮ରୁ ମ୍ୟାଚ୍ ଆରମ୍ଭ, ୧୪ରେ ଭାରତ-ପାକ୍ ମୁକାବିଲା

ଦୁବାଇ,୮।୯(ଏଜେନ୍ସି)

ୟୁଏଇରେ ଏସିଆ କପ୍ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଏସିଆର ଶ୍ରେଷ୍ଠ ୮ଟି ଦଳ ଟି-୨୦ ଫର୍ମାଟରେ ଖେଳିବେ। ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିଲେ ମଧ୍ୟ ପାକିସ୍ତାନ ଖେଳିବାକୁ ନ ଆସିବାରୁ ନିରପେକ୍ଷ ଦେଶ ୟୁଏଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଉଛି। ପୂର୍ବରୁ ଏକାଧିକ ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଭିଜ୍ଞତା ଥିବାରୁ ଭାରତ ଏହି ଭେନ୍ୟୁରେ ଆୟୋଜନ କରିବାକୁ ରାଜି ହୋଇଛି। ଏହା ଫଳରେ ଦୁବାଇ ଓ ଆବୁଧାବିରେ ଥିବା ଦୁଇଟି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଆୟୋଜନ କରାଯିବ। ଏସିଆ କପ୍‌ର ପୂର୍ବସଂସ୍କରଣ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏଥିଲାଗି ଚଳିତ ସଂସ୍କରଣର ଏସିଆ କପ୍‌ରୁ ଟି-୨୦ ଫର୍ମାଟରେ ଖେଳିବାକୁ ଏସୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା।

### ଭାରତ-ପାକ୍ ଗୋଟିଏ ଗ୍ରୁପ୍‌ରେ

ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ’ରେ ଭାରତ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ବି’ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଦଳଗୁଡ଼ିକ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ଗୋଟିଏ ଗ୍ରୁପ୍ ହୋଇଥିବା ସୁପର-୪’କୁ ଉନ୍ନୀତ ହେବେ। ସୁପର-୪’ରେ ମଧ୍ୟ ଗୋଟିଏ ଦଳ ଅନ୍ୟସହ ଥରେ ଲେଖାଏଁ ଖେଳିବେ। ଏହା ପରେ ପଏଣ୍ଟ ତାଲିକାରେ ସ୍ଥାନ ପାଇଥିବା ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

### ୯ରେ ଆରମ୍ଭ, ୨୮ରେ ଫାଇନାଲ

ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ମଙ୍ଗଳବାର ଏହି ଟୁର୍ଣ୍ଣାମେଣ୍ଟ ଗ୍ରୁପ୍-ବି’ରେ ସ୍ଥାନ ପାଇଥିବା ଆଫଗାନିସ୍ତାନ ଓ ବାଂଲାଦେଶ ମୁକାବିଲାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୧୯ରେ ଶେଷ ହେବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ମୁକାବିଲା ଖେଳାଯିବ। ୨୮ରେ ଫାଇନାଲ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଥିବା ଭାରତ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ୍ ୟୁଏଇ, ୧୪ରେ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ଓ ତୃତୀୟ ମ୍ୟାଚ୍ ଓମାନ ସହ ୧୯ରେ ଖେଳିବ। ଭାରତ-ଓମାନ ମ୍ୟାଚ୍‌ଟି ମଧ୍ୟ ଲିଗ୍ ପର୍ଯ୍ୟାୟରେ ଶେଷ ମ୍ୟାଚ୍ ହେବ।



ନୂଆ ଜର୍ସିରେ ଟିମ୍ ଇଣ୍ଡିଆ

**ଗ୍ରୁପ୍: ‘ଏ’** ଭାରତ, ପାକିସ୍ତାନ, ଓମାନ, ୟୁଏଇ।

**ଗ୍ରୁପ୍: ‘ବି’** ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ।

### ରାତି ୮ଟାରୁ ସୋନି ସ୍ପୋର୍ଟ୍ସ ନେଟ୍‌ୱାର୍କରେ ପ୍ରସାରଣ

ଏହି ମେଗା ଇଭେଣ୍ଟର ଟେଲିଭିଜନରେ ପ୍ରସାରଣ ଲାଗି ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଅଧିକାର ହାସଲ କରିଛି। ଏହା ଛଡ଼ା ସୋନି ଲାଇଭ୍ ଆପ୍‌ରେ ମଧ୍ୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଦେଖାଯାଇପାରିବ। ହଟ୍‌ଷ୍ଟାରରେ ମଧ୍ୟ ଲାଇଭ୍ ଷ୍ଟ୍ରିମିଂ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି।

ସେହିପରି ଭାରତୀୟ ସମୟ ରାତି ୮ଟାରୁ ମ୍ୟାଚ୍ ଆରମ୍ଭ ହେବ। ଏସିଆ କପ୍‌ରେ ମୋଟ ୧୯ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ଗ୍ରୁପ୍-ବି’ର ଓମାନ-ୟୁଏଇ ମୁକାବିଲା ଭାରତୀୟ ସମୟ ଅପରାହ୍ଣ ୪ଟାରୁ ଆରମ୍ଭ। ଟୁର୍ଣ୍ଣାମେଣ୍ଟରେ ଏହି ଗୋଟିଏ ଦିନ ଡବଲ ହେଡର ମ୍ୟାଚ୍ ଖେଳାଯିବ। ରାତି ୮ଟାରୁ ଶ୍ରୀଲଙ୍କା ଓ ହଂକଂ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଅନ୍ୟ ସମସ୍ତ ମ୍ୟାଚ୍‌ଗୁଡ଼ିକର ଆରମ୍ଭ ସମୟ ରାତି ୮ଟା ରଖାଯାଇଛି।

### ଏସିଆ କପ୍ ଖେଳସୂଚୀ

ସେପ୍ଟେମ୍ବର ୯-୨୮, ଦୁବାଇ ଓ ଆବୁଧାବି


| ତାରିଖ | ମୁକାବିଲା | ଭେନ୍ୟୁ |
|---|---|---|
| ୦୯।୯ | ଆଫଗାନିସ୍ତାନ-ହଂକଂ | ଆବୁଧାବି |
| ୧୦।୯ | ଭାରତ-ୟୁଏଇ | ଦୁବାଇ |
| ୧୧।୯ | ବାଂଲାଦେଶ-ହଂକଂ | ଆବୁଧାବି |
| ୧୨।୯ | ପାକିସ୍ତାନ-ଓମାନ | ଦୁବାଇ |
| ୧୩।୯ | ଶ୍ରୀଲଙ୍କା-ବାଂଲାଦେଶ | ଆବୁଧାବି |
| ୧୪।୯ | ଭାରତ-ପାକିସ୍ତାନ | ଦୁବାଇ |
| ୧୫।୯ | ୟୁଏଇ-ଓମାନ | ଆବୁଧାବି |
| ୧୫।୯ | ଶ୍ରୀଲଙ୍କା-ହଂକଂ | ଦୁବାଇ |
| ୧୬।୯ | ବାଂଲାଦେଶ-ଆଫଗାନିସ୍ତାନ | ଆବୁଧାବି |
| ୧୭।୯ | ପାକିସ୍ତାନ-ୟୁଏଇ | ଦୁବାଇ |
| ୧୮।୯ | ଶ୍ରୀଲଙ୍କା-ଆଫଗାନିସ୍ତାନ | ଆବୁଧାବି |
| ୧୯।୯ | ଭାରତ-ଓମାନ | ଆବୁଧାବି |
| **ସୁପର-୪ ମୁକାବିଲା** | | |
| ୨୦।୯ | ୧. ବି୧ ବନାମ ବି୨ | ଦୁବାଇ |
| ୨୧।୯ | ୨. ଏ୧ ବନାମ ଏ୨ | ଦୁବାଇ |
| ୨୩।୯ | ୩. ଏ୨ ବନାମ ବି୧ | ଦୁବାଇ |
| ୨୪।୯ | ୪. ଏ୧ ବନାମ ବି୨ | ଦୁବାଇ |
| ୨୫।୯ | ୫. ଏ୨ ବନାମ ବି୨ | ଦୁବାଇ |
| ୨୬।୯ | ୬. ଏ୧ ବନାମ ବି୧ | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

### ଅଂଶୁମାନ ରଥ ଏକମାତ୍ର ଓଡ଼ିଆ




ବାମହାତୀ ସ୍ପିନର ପ୍ରଜ୍ଞାନ ଓଝାଙ୍କ ପରେ ଭାରତୀୟ କ୍ରିକେଟ ଦଳରେ ଓଡ଼ିଆ ଛାପ କିମ୍ବା ଓଡ଼ିଶାର ପ୍ରତିନିଧିତ୍ୱ ବନ୍ଦ ହୋଇଯାଇଛି। କିନ୍ତୁ ଓଡ଼ିଶା ପକ୍ଷରୁ ଦୁଇ ସିଜନ ଧରି ଭାରତର ଘରୋଇ କ୍ରିକେଟ ଖେଳିଥିବା ଅଂଶୁମାନ ରଥ ହଂକଂ ଦଳରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସେ ଏକମାତ୍ର ଓଡ଼ିଆ ଖେଳାଳି। କିନ୍ତୁ ଓଡ଼ିଶା ଦଳରେ ହେଉଥିବା ହୀନମନ୍ୟତା, ଅତ୍ୟାଚାର, କୋଚ୍‌ମାନଙ୍କ ଅଶୋଭନୀୟ ବ୍ୟବହାର, ବରିଷ୍ଠ କନିଷ୍ଠ ଖେଳାଳିଙ୍କ ବିବାଦ ମଧ୍ୟରେ ପେସି ହୋଇଯାଇଥିବା ଅଂଶୁମାନ ଖେଳ ଛାଡିଦେଇଥିଲେ। ଭୁବନେଶ୍ୱର ଏହି ବାସିନ୍ଦା ପ୍ରଥମେ ହଂକଂ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ଓ ପରେ ଏହାର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ପରେ ଭାରତରେ ବଡ଼ ଧରଣର କ୍ରିକେଟ କ୍ୟାରିୟର ଗଢ଼ିବାକୁ ଆସି ଚାପି ହୋଇଯିବା ପରେ କ୍ରିକେଟ ଖେଳ ଛାଡ଼ିବାକୁ ଚିନ୍ତାକରିଥିଲେ। ଏବେ ପୁଣିଥରେ ହଂକଂ ପକ୍ଷରୁ ଖେଳିବାକୁ ମନୋନୀତ ହେବା ସହ ଅନ୍ତର୍ଜାତୀୟ କ୍ରିକେଟରେ ଓଡ଼ିଶାର ପରିଚୟ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି।

## ଆଇସିସି ମାସର ଶ୍ରେଷ୍ଠ କ୍ରିକେଟର ଦୌଡ଼ରେ ସିରାଜ୍




ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଭାରତୀୟ ଫାଷ୍ଟବୋଲର ମହମ୍ମଦ ସିରାଜ୍ ଆଇସିସି ପକ୍ଷରୁ ଅଗଷ୍ଟ ମାସ ପାଇଁ ଶ୍ରେଷ୍ଠ କ୍ରିକେଟର ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ରହିଛନ୍ତି। ଓଭାଲ୍‌ରେ ଘରୋଇ ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ତାଙ୍କ ମ୍ୟାଚ୍ ବିଜୟୀ ପ୍ରଦର୍ଶନ ପାଇଁ ସିରାଜ୍‌ଙ୍କୁ ଏହି ତାଲିକାରେ ଆଇସିସି ରଖିଛି। ତାଙ୍କ ସହ ଏହି ତାଲିକାରେ ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଓ ୱେଷ୍ଟଇଣ୍ଡିଜ୍‌ର ପେସ୍ ବୋଲର ଜେଡେନ୍ ସିଲ୍ ମଧ୍ୟ ରହିଛନ୍ତି। ଭୋଟିଂ ମାଧ୍ୟମରେ ଅଗଷ୍ଟର ଶ୍ରେଷ୍ଠ କ୍ରିକେଟର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଇଂଲଣ୍ଡରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ଶୃଙ୍ଖଳାରେ ସିରାଜ୍? ଏକମାତ୍ର ଭାରତୀୟ ପେସ୍ ବୋଲର ଭାବେ ୫ଟିଯାକ ଟେଷ୍ଟ ଖେଳିଥିଲେ। ପୂରା ସିରିଜ୍‌ରେ ସେ ୧୮୫ରୁ ଅଧିକ ଓଭର ବୋଲିଂକରି ସର୍ବାଧିକ ୨୩ଟି ୱିକେଟ୍ ନେଇଥିଲେ। ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ଥିବା ବେଳେ ଅନ୍ତିମ ଟେଷ୍ଟରେ ୯ଟି ୱିକେଟ ନେଇ ସିରାଜ୍ ଭାରତକୁ ଜିତାଇବା ସହ ଶୃଙ୍ଖଳା ୨-୨ରେ ଡ୍ର ରଖି ପାରିଥିଲେ। ସେ ଏହି ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ୨ଟି ଟେଷ୍ଟରେ ଯଶପ୍ରୀତ ବୁମ୍‌ରା ନ ଥିବା ବେଳେ ସିରାଜ୍ ଭାରତୀୟ ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ। ଜିମ୍ବାୱେ ବିପକ୍ଷ ୨ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାରେ ୧୬ଟି ୱିକେଟ୍ ନେଇଥିବା ନ୍ୟୁଜିଲାଣ୍ଡର ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରି ଏହି ତାଲିକାରେ ଅଛନ୍ତି। ହେନ୍‌ରି ମାତ୍ର ୯ ଆଭ୍‌ରେଜରେ ୧୬ଟି ୱିକେଟ୍ ନେଇ ଦଳକୁ ୨-୦ରେ ଶୃଙ୍ଖଳା ଜିତାଇଥିଲେ। ଅଗଷ୍ଟରେ ଦୀର୍ଘ ୩୪ ବର୍ଷ ପରେ ପାକିସ୍ତାନ ମାଟିରେ ୱେଷ୍ଟଇଣ୍ଡିଜ୍ ଦିନିକିଆ ଶୃଙ୍କଳା ଜିତିଥିଲା। ଏହି ଶୃଙ୍ଖଳାର ୨ୟ ମ୍ୟାଚ୍‌ରେ ସିଲ୍‌ସ ୩ଟି ଏବଂ ନିର୍ଣ୍ଣାୟକ ୩ୟ ତଥା ଅନ୍ତିମ ଦିନିକିଆରେ ସିଲ୍‌ସ ୧୮ ରନ୍‌ଦେଇ ୬ଟି ୱିକେଟ୍ ନେଇ ଜୀବନର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ୍ ହେବାରୁ ୱେଷ୍ଟଇଣ୍ଡିଜ ଦିନିକିଆ ଶୃଙ୍ଖଳା ଜିତି ପାରିଥିଲା।

## ମହିଳା ଏସିଆ କପ୍ ହକି ପୁଲ-ବି’ ଶୀର୍ଷରେ ଭାରତ



ହାଙ୍ଗଝୋଉ,୮।୯(ଏଜେନ୍ସି): ଦୁର୍ବଳ ସିଙ୍ଗାପୁରକୁ ୧୨-୦ ଗୋଲରେ ହରାଇ ଭାରତ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ହକି ପ୍ରତିଯୋଗିତାର ପୁଲ-ବି’ରେ ଶୀର୍ଷସ୍ଥାନ ହାସଲ କରିଛି। ଏହା ଫଳରେ ନଂ-୧ ଦଳ ଭାବେ ଭାରତ ମଧ୍ୟ ସୁପର-୪’ରେ ପ୍ରବେଶ କରିଛି। ପୂର୍ବରୁ ପୁଲ-ବି’ରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୧୧-୦ରେ ପରାସ୍ତ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ସିଙ୍ଗାପୁର ବିପକ୍ଷ ବୃହତ ବିଜୟରେ ଭାରତ ପକ୍ଷରୁ ମମ୍‌ତାଜ୍ ଖାନ୍ ଓ ନବନିତ ହ୍ୟାଟ୍ରିକ୍ ଗୋଲ ସ୍କୋର କରିଥିଲେ। ନେହା ୨ଟି, ଲାଲରେମସିଆମି, ଉଦିତା, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପୁଲ-ବି’ରେ ଭାରତ ୨ ବିଜୟ ଓ ୧ ଡ୍ର କରିବା ଫଳରେ ଜାପାନ ସହ ସମାନ ପଏଣ୍ଟ ସଂଗ୍ରହ କରିଥିଲା। କିନ୍ତୁ ଗୋଲ ବ୍ୟବଧାନରେ ଭାରତ ପ୍ରଥମ ଓ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ସୁପର-୪’ରେ ପ୍ରବେଶ କରିଥିଲା। ସେହିପରି ପୁଲ-ଏ’ରେ ଆୟୋଜକ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ସହ ପ୍ରଥମ ଓ ୨ଟି ବିଜୟ ସହ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ସ୍ଥାନରେ ରହି ସୁପର-୪’କୁ ପ୍ରବେଶ କରିଛନ୍ତି। ସେପ୍ଟେମ୍ବର ୧୦ରୁ ୧୩ ଯାଏ ସୁପର-୪ ମୁକାବିଲା ହେବ। ୧୪ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

● ଓଡ଼ିଶା ପିକଲବଲ ଓପନ ଉଦ୍‌ଯାପିତ

## ପ୍ରସିଦ୍ଧି ପୋଦ୍ଦାରଙ୍କ ତ୍ରିମୁକୁଟ




ଭୁବନେଶ୍ୱର,୮।୯(ସମିସ): ଓଡ଼ିଶା ପିକଲବଲ ସଂଘ ଓ ଭାରତୀୟ ପିକଲବଲ ମହାସଂଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଓପନ ପିକଲବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଶତାଧିକ ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିବାରୁ ରାଜ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧିପାଇଥିବା ଜଣାଯାଇଛି। ମହିଳା ଖେଳାଳି ପ୍ରସିଦ୍ଧି ପୋଦ୍ଦାର ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଓପନ ସିଙ୍ଗଲ୍ସ, ଡବଲ୍ସ ଓ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତ୍ରିମୁକୁଟ ହାସଲ କରିଛନ୍ତି। ପୁରୁଷ ବିଭାଗ ଓପନ ସିଙ୍ଗଲସରେ ସୁମିତ ପଣ୍ଡା ଓ ଅଂଶୁମାନ ବାବୁ, ଡବଲ୍ସରେ ଐଶ୍ୱଜିତ ଶାହା-ଅଂଶୁମାନ ବାବୁ ଓ ରୋହନ ମିଶ୍ର-ରାଜେଶ ପ୍ରଧାନ, ମହିଳା ଓପନ ସିଙ୍ଗଲ୍ସରେ ପ୍ରସିଦ୍ଧି ପୋଦ୍ଦାର ଓ ସ୍ୱୀକୃତି ଦାଶ, ଡବଲ୍ସରେ ସ୍ନେହା ଗର୍ଗ-ପ୍ରସିଦ୍ଧି ପୋଦ୍ଦାର ଓ ଅନିଶା ପାଣିଗ୍ରାହୀ-ଆଲିସ ମହାନ୍ତିଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ହର୍ନେକ ସିଂହ ଓ ଅକ୍ଷଜ କୁମାର, ବାଳିକା ସିଙ୍ଗଲ୍ସରେ ଅନିଶା ପାଣିଗ୍ରାହୀ ଓ ଆୟୁଷୀ ରୟ, ପୁରୁଷ ଓପନ ମିକ୍ସଡ ଡବଲ୍ସରେ ଐଶ୍ୱଜିତ ଶାହା-ପ୍ରସିଦ୍ଧି ପୋଦ୍ଦାର ଓ ଅଂଶୁମାନ ବାବୁ-ଅନିଶା ପାଣିଗ୍ରାହୀଙ୍କ ଯୋଡି ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ବିଭାଗରେ ଆନନ୍ଦ ପୋଦ୍ଦାରଙ୍କୁ ହରାଇ ଦିଲୀପ ମହାନ୍ତି ଟାଇଟଲ ଜିତିଥିଲେ।

● କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ବରିଷ୍ଠ ବିଭାଗରେ ଅନୁପମା ଓ ଆଶିଷ ଶ୍ରେଷ୍ଠ




ଭୁବନେଶ୍ୱର,୮।୯(ସମିସ): ତୃତୀୟ ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ଅନୁପମା ସ୍ୱାଇଁ ଓ ପୁରୁଷ ବିଭାଗରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର ମିଳିତ ସହଯୋଗରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ଉତ୍କଳ କରାଟେ ସ୍କୁଲ୍ ୧୯ଟି ସ୍ୱର୍ଣ୍ଣ ସହ ପ୍ରଥମ, ଫିଟ୍‌ନେସ ମନ୍ତ୍ରା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଓ ଡି ଜିମ୍ ୩ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ସ୍ୱନସର ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନର ଏମ୍‌ଡି ବିଜୟକୁମାର ମିଶ୍ର, ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସ୍କୁଲ ଓପନ ଚେସ୍ : ସତ୍ୟମ ସ୍ୱରୂପ ଚାମ୍ପିଅନ




ଭୁବନେଶ୍ୱର,୮।୯(ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ଡିଏଭି ପୋଖରୀପୁଟ ଆନୁକୂଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସତ୍ୟମ ଓ ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସତ୍ୟମ ପ୍ରଥମ ହୋଇ ଚାମ୍ପିଅନ ଓ ସ୍ୱସ୍ତିକ ଦ୍ୱିତୀୟ ସ୍ଥାନରେ ରହି ରନର୍ସ ଅପ୍ ହୋଇଥିଲେ। ନୟାପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟବନ୍ତ ମହାନ୍ତି ତୃତୀୟ, ଏପିଜେ ସ୍କୁଲ୍‌ର ପ୍ରାଂଶୁ ସାହୁ ଚତୁର୍ଥ ଓ ୟୁନିଟ୍ ୮ ଡିଏଭିର ଆକର୍ଷ ପ୍ରକାଶ ୫ମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ଡିଏଭି ପୋଖରୀପୁଟର ଅଧ୍ୟକ୍ଷ ବିପିନ ସାହୁ ଉଦ୍‌ଘାଟନ କରିଥିଲାବେଳେ ସ୍କୁଲ୍‌ର ଶିକ୍ଷକମାନେ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ୟୁଏସ୍ ଓପନ୍ ଟେନିସ୍

## ଟାଇଟଲ ସହ ଆଲ୍‌କାରାଜ୍ ବିଶ୍ୱର ନଂ-୧

ନ୍ୟୁୟର୍କ,୮।୯(ଏଜେନ୍ସି)



ସ୍ପେନର୍ ଯୁବ ଟେନିସ ତାରକା କାର୍ଲୋସ ଆଲକାରାଜ ଚଳିତବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ରେ ଏଥର ବାଜି ମାରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଆଲ୍‌କାରାଜ୍ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ଟପ୍ ସିଡ୍ ଇଟାଲୀର ୟାନିକ ସିନରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ୨୨ ବର୍ଷୀୟ ଆଲାକାରାଜ ୟୁଏସ୍ ଓପନ୍‌ରେ ଦ୍ୱିତୀୟ ଓ କ୍ୟାରିଅରର ଷଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ଏହା ପୂର୍ବରୁ ୨୦୨୨ରେ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ସେ ସେମିରେ ୭ମ ସିଡ୍ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬-୪, ୭-୬, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ। ଅନ୍ୟପଟେ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗୁର-ଆଲିଆଜିମଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆଲକାରାଜ ଏଥିସହ ଦୁଇଥର ଲେଖାଏଁ ଫ୍ରେଞ୍ଚ୍ ଓପନ୍ (୨୦୨୪,୨୦୨୫), ୱିମ୍ବଲଡନ (୨୦୨୩-୨୦୨୪) ଓ ୟୁଏସ୍ ଓପନ (୨୦୨୨, ୨୦୨୩) ଟାଇଟଲ ହାସଲ କରିଛନ୍ତି। କ୍ୟାରିଅରରେ ସେ ମୋଟ୍ ଉପରେ ୨୩ତମ ଟାଇଟଲ ହାସଲ କରିଛନ୍ତି।

ଫାଇନାଲ ମ୍ୟାଚରେ ଶେଷ ପର୍ଯ୍ୟନ୍ତ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ସେଟ୍‌ରେ ଆଲକାରାଜ, ଦ୍ୱିତୀୟରେ ସିନର, ତୃତୀୟ ଓ ଚତୁର୍ଥରେ ପୁଣି ଆଲକାରାଜ ଜିତି ଟାଇଟଲ ହାସଲ କରିଥିଲେ। ଏହି ବିଜୟସହ ସେ ଏଟିପି ର୍‍ୟାଙ୍କିଂରେ ସିନରଙ୍କୁ ହଟାଇ ବିଶ୍ୱର ନଂ୧ ସ୍ଥାନ ହାସଲ କରିଛନ୍ତି। ଅବଶ୍ୟ ପୂର୍ବରୁ ସେ ୨୦୨୩ରେ ନଂ୧ ସ୍ଥାନ ହାସଲ କରିଥିଲେ ଓ ୫ମଥର ପାଇଁ ର୍‍ୟାଙ୍କିଂରେ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହାପୂର୍ବରୁ ସେ ମୋଟ୍ ଉପରେ ୩୭ ସପ୍ତାହ ଧରି ନଂ୧ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ତୃତୀୟଥର ପାଇଁ ଅଲକାରାଜ ଓ ସିନର ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହୋଇଥିଲେ। ଗତ ଜୁନ୍‌ରେ ଆଲକାରାଜ ସିନରଙ୍କୁ ହରାଇ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ଜୁଲାଇରେ ସିନର ୱିମ୍ବଲଡନ ଫାଇନାଲରେ ଆଲକାରାଜଙ୍କୁ ହରାଇ ଟାଇଟଲ ଜିତିଥିଲେ। ଗତ ୮ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଏହି ଦୁଇ ଖେଳାଳି ପତିଆରା ଜାହିର କରି ଆସିଛନ୍ତି। ସେହିପରି ସିନର ଫାଇନାଲ ଖେଳିବା ସହ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଖେଳାଳି ଭାବେ ଗୋଟିଏ ବର୍ଷରେ ୪ଟି ଗ୍ରାଣ୍ଡସ୍ଲାମର ଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ରଡ ଲିଭର (୧୯୬୯), ରୋଜର ଫେଡରର (୨୦୦୬, ୨୦୦୭, ୨୦୦୮) ଓ ଜୋକୋଭିଚ୍ (୨୦୧୫, ୨୦୨୧, ୨୦୨୩) ଏହି ସଫଳତା ହାସଲ କରିଥିଲେ। ସେହିପରି ଆଲକାରାଜ ମଧ୍ୟ ଏକ ରେକର୍ଡରୁ ବଞ୍ଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ମାତ୍ର ଗୋଟିଏ ସେଟ୍‌ରେ ହାରି ଟାଇଟଲ ଜିତିଥିଲେ। ଫାଇନାଲରେ ସିନରଙ୍କଠାରୁ ଦ୍ୱିତୀୟ ସେଟ୍‌ରେ ହାରି ନ ଥିଲେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ କୌଣସି ସେଟ୍ ଡ୍ରପ୍ ନ କରି ଟାଇଟଲ ଜିତିବାରେ ରେକର୍ଡ କରିଥାନ୍ତେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS